ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK
ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.306, Bhubaneswar Tuesday, January 21, 2020 ୨୨ତମ ବର୍ଷ ସଂଖ୍ୟା–୩୦୬ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୧, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଓଡ଼ିଶା ପୂଜ୍ୟ ପ୍ରଣାମ ନ୍ୟାସ ପକ୍ଷରୁ ପ୍ରାଚୀନ ମୁନି ଋଷିମାନଙ୍କ ସ୍ମୃତି ଉଦ୍ଦ୍ୟେଶରେ ସନ୍ଥ ପ୍ରଣାମ ମହୋତ୍ସବ ୨୦୨୦ ଦ୍ୱାରା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବରିଷ୍ଠ ପ୍ରଶାସକ ଶ୍ରୀ ନରେନ୍ଦ୍ର ମିଶ୍ରଙ୍କ ୭୮ତମ ଜନ୍ମ ଦିବସ ପାଳିତ। ଜ୍ୟେଷ୍ଠ ପୁତ୍ର ଇଷ୍ଟକୋଷ୍ଟ ରେଲୱେର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଜ୍ୟୋତି ପ୍ରକାଶ ମିଶ୍ର ସାଧୁସନ୍ଥମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରୁଛନ୍ତି।

ପିକନିକ୍ ବସ୍ ପଛରେ ପିଟିଲା ଗୋରୁ ବୋଝେଇ ଟ୍ରକ୍ : ୭ ଆହତ

ବାଲେଶ୍ୱର, ୨୦।୧(ପି.ଏନ): ୬୦ ନଂ ଜାତୀୟ ରାଜପଥର ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ନନ୍ଦିକା ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ପିକନିକ୍ ବସ୍ ପଛରେ ଧକ୍କା ଦେଇଛି ଅନ୍ୟ ଏକ ଗୋରୁ ବୋଝେଇ ଟ୍ରକ୍ । ଫଳରେ ବସ୍ ରେ ଥିବା ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କୁ ଜଳେଶ୍ୱର ଡ଼ାକ୍ତରଖାନାରେ ଭର୍ତି କରାଯାଇଛି । ସମସ୍ତ ଆହତ ଯାତ୍ରୀ ପଶ୍ଚିମବଙ୍ଗର ବୋଲି ଜଣାପଡିଛି ।ପ୍ରାପ୍ତ ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ 'ପ୍ରଧାନ' ନାମକ ଏହି ପିକନିକ୍ ବସ୍ ଟି କଟକରୁ ପର୍ଯ୍ୟଟକ ମାନଙ୍କୁ ନେଇ କଲିକତା ଫେରୁଥିଲା । ଏହି ସମୟରେ ନନ୍ଦିକା ଛକ ନିକଟରେ ଏକ ଗୋରୁ ବୋଝେଇ ଟ୍ରକ୍ ଦୃତ ଗତିରେ ଆସି ବସ୍ ପଛରେ ଧକ୍କା ଦେଇଥିଲା । ଦୁଘଟଣା ପରେ ଟ୍ରକ୍ ଡ୍ରାଇଭର ଓ ହେଲପର୍ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି । ପୋଲିସ ଗୋରୁ ବୋଝେଇ ଟ୍ରକଟିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

ବୋଲେରୋ ଦୁର୍ଘଟଣାରେ ୫ ଗୁରୁତର ଆହତ

କନ୍ଧମାଳ, ୨୦।୧(ପି.ଏନ): ମଦ ପିଇବା କାଳ ହେଲା। ମଦ ଦୋକାନରେ ମଦ ପିଇ ମଉଜମସ୍ତି କରିବା ପରେ ନିଶାଗ୍ରସ୍ତ ଅବସ୍ଥାରେ ବୋଲେରୋକୁ ଦ୍ରୁତଗତିରେ ଚଳାଇବା ଫଳରେ ମଦ ଦୋକାନରୁ ୨ ଶହ ମିଟର ଯାଇଛି କି ନାହିଁ ରାସ୍ତାକଡରେ ବାଡେଇ ହୋଇ ଜମିରେ ଓଲଟିଗଲା। ବୋଲେରୋଟି ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ହେଲେ ମୃତ୍ୟୁମୁଖରୁ ବର୍ତିଗଲେ ସମସ୍ତେ। ୫ ଜଣ ଗୁରୁତର ଆହତ ହୋଇଥିଲେ ମଧ୍ୟ ଅବସ୍ଥା ଭଲ ଅଛି। ୨ ଜଣଙ୍କ ଅବସ୍ଥା ଗୁରୁତର ରହିଥିଲେ ମଧ୍ୟ ବିପଦମୁକ୍ତ ଅଛନ୍ତି। ଆହତ ୫ ଜଣଙ୍କୁ ପ୍ରଥମେ ଟିକାବାଲି ଓ ପରେ ଫୁଲବାଣୀ ସଦର ମହକୁମା ଡାକ୍ତରଖାନାରେ ଭର୍ତି କରାଯାଇଛି। ଟିକାବାଲି ଥାନା ଅର୍ନ୍ତଗତ ଶଙ୍କରାଖୋଲ ରାସ୍ତାକଡରେ ଥିବା ମଦ ଦୋକାନରେ ମଦ ପିଇବା ପରେ ଗାଡିରେ ଦ୍ରୁତଗତିରେ ଫୁଲବାଣୀ ଆସୁଥିଲେ। ହେଲେ ଅଳ୍ପ କେଇ ଦୂରରେ ଦୁର୍ଘଟଣା ଘଟିଥିଲା।

ଭୟଙ୍କର ରୂପ ନେଉଛି ପୁରୀ ସମୁଦ୍ର : ଲହଡି ମାଡ଼ରେ ତିନି ପର୍ଯ୍ୟଟକ ଆହତ

ପୁରୀ, ୨୦।୧(ପି.ଏନ): ପର୍ଯ୍ୟଟନ କ୍ଷେତ୍ର ଶ୍ରୀକ୍ଷେତ୍ରରେ ଥିବା ସମୁଦ୍ର ଏବେ ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି । ପ୍ରତିଦିନ ପର୍ଯ୍ୟଟକମାନଙ୍କୁ ତା କୋଳକୁ ଟାଣି ନେବା ସହ ଲହଡି ମାଡ କରି ଗୋଡହାତ ଭାଙ୍ଗି ଦେବା ଦେଖିବାକୁ ମିଳୁଛି । ଗତ ଡିସେମ୍ବର ମାସରେ ୪୨ଜଣ ଆହତ ହୋଇଥିବା ବେଳେ ଜାନୁଆରୀ ମାସ ବର୍ତମାନ ସୁଦ୍ଧା ୨୧ଜଣ ଆହତ ହୋଇସାରିଲେଣି । ସୋମବାର ପୂର୍ବାହ୍ନରେ ୩ ଜଣ ବଙ୍ଗୀୟ ପର୍ଯ୍ୟଟକ ଚୈତନ୍ୟ ଛକ ନିକଟ ସମୁଦ୍ରରେ ଗାଧୋଉଥିବା ସମୟରେ ଲହଡି ମାଡରେ ଆହତ ହୋଇଛନ୍ତି । ଆହତ ମାନେ ହେଲେ ଜୟନ୍ତ ଦେ (୨୧), ସୁମନ ପରମାଣିକ (୨୨) ଓ ସୁଜା ଘୋଷ (୨୨) । ସେମାନଙ୍କ ଘର କଲିକତା, ପଶ୍ଚିମ ମେଦିନୀପୁର ଅନ୍ତର୍ଗତ ଖଡଗପୁର ବୋଲି ଜଣାପଡିଛି । ସେଠାରେ ଥିବା ଲାଇଫଗାର୍ଡମାନେ ଆହତ ମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବରଫ ତରଳିବା ସହ ବିଶ୍ୱ ତାପାୟନ ବଦଳିବାରୁ ସମୁଦ୍ର ଦିନକୁ ଦିନ ଆସ୍ତେ ଆସ୍ତେ ଫୁଲିବାରେ ଲାଗିଛି । ସମୁଦ୍ର ଭିତର କରେଂଟ ବଢିବାରୁ ଅନେକ ଲୋକ ଆହତ ହେଉଛନ୍ତି । ପୁରୀକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ହୋଟେଲିୟରମାନେ ସଠିକ୍ ସଚେତନ କରୁନଥିବାରୁ ପର୍ଯ୍ୟଟକମାନେ ସମୁଦ୍ର ଭିତରକୁ ଯାଇ ସ୍ନାନ କରୁଛନ୍ତି । ଯାହା ଫଳରେ ଆହତ ସଂଖ୍ୟା ବଢିବାରେ ଲାଗିଛି ।

ଓଡ଼ିଶାରେ ଦୁଇଟି ଏନଡିଆରଏଫ ପଏଂଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ

ଭୁବନେଶ୍ୱର, ୨୦।୧(ପି.ଏନ): ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ଦୁଇଟି ସ୍ଥାନରେ ଏନଡିଆରଏଫର ପଏଂଟ ସ୍ଥାପନ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରେସପନ୍ସ ସମୟ କମିବ ଏବଂ ଉଦ୍ଧାର କାର୍ଯ୍ୟ ସହଜ ହେବ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ଏହାର ମହାନିର୍ଦ୍ଦେଶକ ଏସ.ଏନ ପ୍ରଧାନ ପ୍ରକାଶ କରିଛନ୍ତି । ସୋମବାର ଦିନ ଲୋକସେବା ଭବନଠାରେ ଏନଡିଆରଏଫର ଡିଜି ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ସାକ୍ଷାତ ଆଲୋଚନା ଶେଷ ହେବା ପରେ ସାମ୍ବାଦିକ ମାନଙ୍କୁ ସେ କହିଥିଲେ ଯେ, ଦକ୍ଷିଣ ଓଡ଼ିଶାରେ ନବରଙ୍ଗପୁର ଏବଂ ପଶ୍ଚିମ ଓଡ଼ିଶାର ବୁର୍ଲାଠାରେ ଏହି ପଏଂଟ ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ଏହାବ୍ୟତୀତ ୧୧ ତାରିଖରେ ହେବାକୁ ଥିବା ବିମଷ୍ଟେକ ସମ୍ମିଳନୀରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ । ରାଜ୍ୟର କେଉଁ କେଉଁ ସ୍ଥାନରେ ଏନଡିଆରଏଫ ୟୁନିଟ୍ ରହିବ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଓଡ଼ିଶା ସହିତ ଏନଡିଆରଏଫ ମିଶି ଅଧିକା କଣ କରିହେବ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଭୁବନେଶ୍ୱର ବିମାନ ବନ୍ଦରରୁ ୯ ଲକ୍ଷ ଟଙ୍କାର ସୁନା ଜବତ

ଭୁବନେଶ୍ୱର, ୨୦।୧(ପି.ଏନ): ଭୁବନେଶ୍ୱର ବିମାନ ଘାଟିରୁ ୨୧୫.୬ ଗ୍ରାମର ସୁନା ଜବତ ହୋଇଛି। ସୁନା ଆଣିଥିବା ବ୍ୟକ୍ତି ହେଉଛନ୍ତି ତାମିଲନାଡୁର ମଦୁରାଇ ଅଂଚଳର। ସେ ହ୍ୟାଣ୍ଡ ବ୍ୟାଗରେ ଏହି ସୁନା ଆଣିଥିଲେ। ଏଥିରେ ୪୮ ଖଣ୍ଡ ସୁନା ରହିଥିଲା । ଏୟାର ଇଂଟେଲିଜେନ୍ସି ଏହି ସୁନାକୁ ଜବତ କରିଛି। ଏହାର ମୂଲ୍ୟ ୯ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି ।

ଭୁବନେଶ୍ୱରରୁ ସୁରତକୁ ଉଡିଲା ବିମାନ

ଭୁବନେଶ୍ୱର, ୨୦।୧(ପି.ଏନ): ସୋମବାରଠାରୁ ଏୟାର ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରୁ ସୁରତକୁ ବିମାନ ଏୟାର ଇଣ୍ଡିଆର ଏୟାର ବସ୍-୩୨୦ ସୋମବାର ସକାଳ ୮ଟା ୪୦ରେ ପ୍ରାୟ ୮୧ଜଣ ଯାତ୍ରୀଙ୍କୁ ନେଇ ସୁରତ ଅଭିମୁଖେ ଉଡ଼ାଣ ଭରିଥିଲା ।ଏହି ବିମାନ ସପ୍ତାହକୁ ଦୁଇ ଥର ସୋମବାର ଓ ଗୁରୁବାର ଭୁବନେଶ୍ୱରରୁ ସୁରତ ଯିବ। ସେହିପରି ଶୁକ୍ରବାର ଓ ରବିବାର ସୁରତରୁ ଭୁବନେଶ୍ୱର ଅଭିମୁଖେ ଉଡ଼ିବ ବିମାନ। ଭୁବନେଶ୍ୱରରୁ ସକାଳ ୮ଟା ୪୦ରୁ ବିମାନ ବାହାରି ସକାଳ ୧୦ଟା ୪୦ରେ ସୁରତରେ ପହଂଚିବ। ସେହିଭଳି ସୁରତରୁ ଶୁକ୍ରବାର ଓ ରବିବାର ସକାଳ ୮ଟା ୪୦ରେ ବାହାରି ଭୁବନେଶ୍ୱରରେ ସକାଳ ୧୦ଟା ୪୦ରେ ପହଂଚିବ। ସୁରତକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ କରିବା ପରେ ଖୁସି ବ୍ୟକ୍ତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସେ କହିଛନ୍ତି ଯେ ଭୁବନେଶ୍ୱର ଓ ସୁରତ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଥିବାରୁ ସେ ବହୁତ ଖୁସି। ଟ୍ରେନ୍ ରେ ସୁରତ ଯିବାକୁ ୩୦ ଘଂଟା ସମୟ ଲାଗୁଥିଲା। ବର୍ତମାନ ମାତ୍ର ଦୁଇ ଘଂଟାରେ ସୁରତକୁ ଯିବା ଆସିବା କରିହେବ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି , ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂହ ପୁରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଦୀର୍ଘଦିନ ଧରି ଏହି ଦାବି ଥିଲା। ଆଗାମୀ ଦିନରେ ଚାହିଦାକୁ ଦେଖି ସପ୍ତାହ ସାରା ବିମାନ ଚଳାଚଳ ଉପରେ ଚିନ୍ତା କରାଯିବ ବୋଲି ସେ କହିଛନ୍ତି।

ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥକୁ ୬ ଲେନ ବିଶିଷ୍ଟ କରାଯାଉ; ପୂର୍ବତନ ମନ୍ତ୍ରୀ ଡଃ. ଘଡାଇ

ଭୁବନେଶ୍ୱର :୧୩୩ କି.ମି.ଦୀର୍ଘ ଚଣ୍ଡିଖୋଲ-ତାଳଚେର ୫୩ ନମ୍ବର ଜାତୀୟ ରାଜପଥ ୪ ଥାକିଆ କରିବା ପାଇଁ ୬ ବର୍ଷ ତଳେ କେନ୍ଦ୍ର ସରକାର ନିଷ୍ପତି ନେଇଥିଲେ ହେଁ ଆଜି ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ବିଶେଷକରି ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟ' ରାସ୍ତାର ନିର୍ମାଣ ପାଇଁ ୨ ଥର ଟେଣ୍ଡର ହୋଇ ରଦ୍ଦ ହୋଇ ଗଲାଣି। ୫୩ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଡୁବୁରୀ ରାସ୍ତାଟି ସବୁଠାରୁ ଜନଗହଳିପୂର୍ଣ୍ଣ ଏବଂ ଦୈନିକ ହଜାର ହଜାର ଗାଡି ମାଲ ପରିବହନ କରି କଳିଙ୍ଗନଗରଠାରୁ ପାରାଦ୍ୱୀପ ବନ୍ଦର ପର୍ଯ୍ୟ' ଚାଲେ। ସୁକିନ୍ଦା ଉପତ୍ୟକାର କ୍ରୋମାଇଟ ପଥର ଏବଂ ଦୈତାରୀ ଖଣିରୁ ଲୁହାପଥର ମଧ୍ୟ ଏହି ରାସ୍ତା ଉପରେ ପରିବହନ ହୋଇଥାଏ। ଏହି ରାସ୍ତାଟି ଅଣଓସାରିଆ ହୋଇଥିବା ଯୋଗୁ ପ୍ରତିଦିନ ଆକସ୍ମିକ ଦୁର୍ଘଟଣା ହେଉଛି ଏବଂ ଶହ ଶହ ଲୋକଙ୍କର ଜୀବନ ଗଲାଣି। କେନ୍ଦ୍ର ମନ୍ତ୍ରୀ, ଜାତୀୟ ରାଜପଥ କର୍ତୃପକ୍ଷଙ୍କ ଆଗରେ ମଧ ଯେତେ ଦାବି କରାଗଲେ ମଧ ଏବଂ ରାସ୍ତା ରୋକ ଆନ୍ଦୋଳନ କରାଗଲେ ମଧ ଜାତୀୟ ରାଜପଥ କର୍ତୃପକ୍ଷଙ୍କ ନିଦ ଭାଙ୍ଗୁ ନାହିଁ। ଅଧିକନ୍ତୁ ଘବସ୍ପସକ୍ଟଭବକ୍ଷ ଓଭର୍ଙ୍ଗରସ୍ପସ୍ପଙ୍ଗରଭସ୍ପ ବଭୟ ଗବଭଙ୍କ-ଲବମସ୍ପଙ୍କକ୍ସସଭଶ ତକ୍ଟଭର କଳିଙ୍ଗନଗର ଅଂଚଳରେ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର କ୍ୟାବିନେଟ ବୈଠକରେ ନିଷ୍ପତି ନେଇଛନ୍ତି । ସେଥିରେ ଡୁବୁରୀ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ୬ ଥାକିଆ ବିଶିଷ୍ଟ କରିବା ପାଇଁ ସୁପାରିଶ କରାଯାଇଛି। ବାସ୍ତବରେ ପରିବହନ ବ୍ୟବସ୍ଥା ଯେପରି ଭାବରେ ବୃଦ୍ଧି ପାଉଛି ୬ ଲେନ ବିଶିଷ୍ଟ କରିବା ଯଥେଷ୍ଟ ଆବଶ୍ୟକତା ରହିଛି ଏବଂ ଏହି ୬ ଲେନ ବିଶିଷ୍ଟ ରାସ୍ତାକୁ ଏକ ପକ୍ଷରେ କେନ୍ଦୁଝର ଏବଂ ଅନ୍ୟ ପକ୍ଷରେ ପାରାଦ୍ୱୀପ ପର୍ଯ୍ୟନ୍ତ ବର୍ଦ୍ଧିତ ହେବା ଉଚିତ। ଏହି ପରିପ୍ରେକ୍ଷିରେ ଚଣ୍ଡିଖୋଲ-ଡୁବୁରୀ ରାସ୍ତାକୁ ୬ ଥାକିଆ କରିବା ପାଇଁ ଜାତୀୟ ରାଜପଥ କର୍ତୃପକ୍ଷ ଙ୍କ ନିକଟରେ ପ୍ରାକ୍ତନ ଅର୍ଥମନ୍ତ୍ରୀ ଡଃ. ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ ଦାବି କରବା ସହିତ ଏହାଦ୍ୱାରା ଅନାୟାସରେ ବହୁ ଧନ ଜୀବନ ରକ୍ଷାହୋଇ ପାରିବ ବୋଲି ଏକ ପ୍ରେସ ବିବୃତିରେ କହିଛନ୍ତି।

ଅନଲାଇନ ପ୍ରପର୍ଟି ଟ୍ୟାକ୍ସ ମଡ୍ୟୁଲ ଓ ମ୍ୟୁନିସିପାଲ ପ୍ରିମିୟର ଲିଗର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୧(ପି.ଏନ): ସହରାଂଚଳର ପ୍ରଶାସନରେ ଅଧିକ ସ୍ୱଚ୍ଛତା ଆଣିବା ଓ ପ୍ରଶାସନକୁ ପ୍ରଭାବୀ କରିବା ଉଦ୍ଦେଶ୍ୟରେ ସୋମବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନଲାଇନ ପ୍ରପର୍ଟି ଟ୍ୟାକ୍ସ ମଡ୍ୟୁଲର ଶୁଭାରମ୍ଭ କରିଛନ୍ତି । ଏହା ଦ୍ୱାରା କୌଣସି ସମୟରେ କୌଣସି ଠାରେ ଟ୍ୟାକ୍ସ ପ୍ରଦାନ କରାଯାଇ ପାରିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମ୍ୟୁନିସିପାଲ ପ୍ରିମିୟର ଲିଗର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଲୋକସେବା ଭବନର କନଭେନସନ ସେଂଟରରେ ମୁଖ୍ୟମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏହି ଦୁଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଫାଇଭ ଟି ଲକ୍ଷ୍ୟ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ଆକାର ଦେଉଥିବାରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ଅଭିନନ୍ଦନ ଜଣାଇଥିଲେ। ଟେକ୍ନୋଲଜିର ବ୍ୟବହାର ଦ୍ୱାରା ବିଭିନ୍ନ ସେବା କିପରି ଲୋକ ମାନେ ସହଜରେ ପାଇପାରିବେ ସେ ନେଇ ରାଜ୍ୟ ସରକାର କାମ କରୁଛନ୍ତି । ଆଜି ଶୁଭାରମ୍ଭ କରା ଯାଇଥିବା ଅନଲାଇନ ପ୍ରପର୍ଟି ଟ୍ୟାକ୍ସ ମଡ୍ୟୁଲ ଦ୍ୱାରା ଲୋକ ମାନେ ସେମାନଙ୍କର ଟ୍ୟାକ୍ସକୁ ସହଜରେ କେତେ ବେଳେ ଓ କେଉଁଠାରୁ ହେଲେ ବି ଦେଇ ପାରିବେ । ଏହା ଲୋକ ମାନଙ୍କ ପାଇଁ ଲାଭଦାୟକ ହେବ । ଏହା ଅତ୍ୟନ୍ତ ଭଲ ଉଦ୍ୟମ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ କୌଣସି ସହରାଂଚଳର ବିକାଶ ପାଇଁ ରାଜସ୍ୱ ବଢାଇବାର ଆବଶ୍ୟକତା ରହିଛି । ଅଧିକ ରାଜସ୍ୱ ବଢିଲେ ଅଧିକ ନିବେଶ ହୋଇ ପାରିବ ଓ ଲୋକ ମାନେ ଭଲ ସେବା ପାଇ ପାରିବେ । ଏହା ଦ୍ୱାରା ସେମାନଙ୍କର ଜୀବନ ଧାରଣର ମାନ ମଧ୍ୟ ବଢିବ ବୋଲି ସେ କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଅନଲାଇନ ପ୍ରପର୍ଟି ଟ୍ୟାକ୍ସ ମଡ୍ୟୁଲ ଓ ମ୍ୟୁନିସିପାଲ ପ୍ରିମିୟର ଲିଗ ସମ୍ପର୍କରେ ଦୁଇଟି ଭିଡିଓ ଡକ୍ୟୁମେଂଟାରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନା, ବିକାଶ କମିଶନର ସୁରେଶ ମହାପାତ୍ର, ବିଭାଗୀୟ ସଚିବ ଜି ମାଥିଭାତନନ, ଫାଇଭଟି ସଚିବ ଭି.କେ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ ।

ବାଚସ୍ପତିଙ୍କୁ ଭେଟିଲେ ରାଜ୍ୟସଭା ସଂସଦୀୟ କମିଟି

ଭୁବନେଶ୍ୱର, ୨୦।୧(ପିଏନ):ରାଜ୍ୟସଭାର ପାର୍ଲିଆମେଂଟାରୀ କମିଟି ଅନ୍ ସବ୍ଅର୍ଡିନେଟ୍ ଲେଜିସ୍ଲେସନ୍ ସୋମବାର ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ତାଙ୍କ ପ୍ରକୋଷ୍ଠରେ ସୌଜନ୍ୟ ସାକ୍ଷାତ କରିଛନ୍ତି । କମିଟିର ଅଧ୍ୟକ୍ଷ ତଥା ସାଂସଦ ଡ. ଟି. ସୁବାରାମି ରେଡ୍ଡିଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀରେ ସାଂସଦ ଡ. ବିକାଶ ମହାତ୍ମେ, ଶ୍ରୀ ଏସ୍. ମୁଥୁକାରୁପ୍ପାନ୍, ଶ୍ରୀ ପ୍ରଦୀପ ତାମ୍ତା ଓ ଶ୍ରୀ ଅମର ପଟ୍ଟନାୟକ ସାମିଲ ଥିଲେ । ସାକ୍ଷାତବେଳେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ ଉପସ୍ଥିତ ଥିଲେ ।ବାଚସ୍ପତି ସେମାନଙ୍କୁ ଉପଢୌକନ ଓ ଜଗନ୍ନାଥଙ୍କ ଏକ ପ୍ରତିମୂର୍ତି ସ୍ମାରକୀ ଭାବେ ପ୍ରଦାନ କରିଥିଲେ । ଏହି ସାକ୍ଷାତ ସମୟରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ନିକଟରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଥିବା ସପ୍ତମ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ଦେଇଥିବା ଅଭିଭାଷଣର ନକଲ ମଧ ବାଚସ୍ପତି ଡ. ପାତ୍ର କମିଟିର ସଭ୍ୟମାନଙ୍କୁ ପ୍ରଦାନ କରିଥିଲେ । ଏହାପରେ କମିଟି ବିଧାନସଭା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେଇ ବିଭିନ୍ନ ବ୍ୟାଙ୍କର କାର୍ଯ୍ୟାବଳୀ ସଂପର୍କରେ ସମୀକ୍ଷା କରିଥିଲେ ।

୫ ଜଣ ବରିଷ୍ଠ ଓଏଏସ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟର ନିଯୁକ୍ତି

ଭୁବନେଶ୍ୱର, ୨୦।୧(ପି.ଏନ): ୫ ଜଣ ବରିଷ୍ଠ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟର ଭାବେ ନିଯୁକ୍ତି ଦିଆଯାଇଛି । ଡାଇରେକ୍ଟର ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନର ପ୍ରଶାସନିକ ଅଧିକାରୀ ଲୋପାମୁଦ୍ରା ମହାନ୍ତିଙ୍କୁ ଓୟୁଏଟିର ରେଜିଷ୍ଟର ଭାବେ ନିଯୁକ୍ତି ଦିଆଯାଇଥିଲା ବେଳେ ଉଚ୍ଚ ଶିକ୍ଷା ବିଭାଗର ଯୁଗ୍ମ ଶାସନ ସଚିବ ଶ୍ୟାମଳି ମହାପାତ୍ରଙ୍କୁ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ରେଜିଷ୍ଟର ଭାବେ ନିଯୁକ୍ତି ଦିଆଯାଇଛି । ଏହା ବ୍ୟତୀତ ନୂଆପଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ସୀତାରାମ ପଟେଲଙ୍କୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସୁବର୍ଣ୍ଣପୁର, ଡୁଙ୍ଗୁରିପାଲିର ବିଡ଼ିଓ ସହଦେବ ସମଧାଙ୍କୁ ମୟୁରଭଂଜ ଜିଲ୍ଲା ବାରିପଦାସ୍ଥିତ ଉତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ ଏବଂ ବୋର୍ଡ଼ ଅଫ୍ ରେଭିନ୍ୟୁର ଯୁଗ୍ମ ଶାସନ ସଚିବ ବ୍ରହ୍ମାନନ୍ଦ ବେହେରାଙ୍କୁ ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟର ଭାବେ ନିଯୁକ୍ତି ଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏହି ନିଯୁକ୍ତି ସମ୍ପର୍କରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ଜଣାପଡ଼ିଛି।

ଆଜି ଦୁଇ ଦିନିଆ ଗସ୍ତରେ ଓଡିଶା ଆସିବେ ସାଂସଦ ରୂପା ଗାଙ୍ଗୁଲି

ଭୁବନେଶ୍ୱର, ୨୦।୧(ପି.ଏନ): ଆସନ୍ତାକାଲି (ମଙ୍ଗଳବାର) ରାଜ୍ୟସଭା ସାଂସଦ ଶ୍ରୀମତୀ ରୂପା ଗାଙ୍ଗୁଲି ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ। ଶ୍ରୀମତୀ ଗାଙ୍ଗୁଲି ଆସନ୍ତାକାଲି ଭୁବନେଶ୍ୱର ବିମାନବନ୍ଦରରେ ସକାଳ ୧୦ ଟାରେ ପହଂଚି ହେଲିକପ୍ଟର ଯୋଗେ ନବରଙ୍ଗପୁର ଜିଲ୍ଲା ରାଇଘର ଗସ୍ତ କରିମିନିଷ୍ଟାଡିୟମରରେ ଅପରାହ୍ନ ୧ ଟାରେ ପହଂଚି ନାଗରିକତା ସଂଶୋଧନ ଆଇନ ସଂପର୍କରେ ସାଧାରଣ ସଭାରେ ସମ୍ବୋଧିତ କରିବେ । ସେହିପରି ଜାନୁଆରୀ ୨୨ ତାରିଖରେ ଶ୍ରୀମତୀ ଗାଙ୍ଗୁଲି ୧୦ଟାରେ ପହଂଚି ମାଲକାନଗିରି ଠାରେ ନାଗରିକତା ସଂଶୋଧନ ଆଇନ ସଂପର୍କରେ ସଚେତନ କରାଇବେ ଏବଂ ଅପରାହ୍ନ ୧ଟା ସମୟରେ ଶ୍ରୀମତୀ ଗାଙ୍ଗୁଲି ଜୟପୁରଠାରେ ପହଂଚି ନାଗରିକତା ସଂଶୋଧନ ଆଇନର ବିଭିନ୍ନ ଦିଗ ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଇବେ ବୋଲି ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି ।

ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷାକୁ ବିରୋଧ କରି ରାଜ୍ୟବ୍ୟାପୀ ଛାତ୍ର ଅସନ୍ତୋଷ

ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୦।୧(ପି.ଏନ): ଯୁକ୍ତ ଦୁଇ ପ୍ରଥମବର୍ଷ ପରୀକ୍ଷାରେ ବାଧ୍ୟତାମୂଳକ ପାସ୍ ନିଷ୍ପତିକୁ ବିରୋଧ କରି ରାଜ୍ୟବ୍ୟାପୀ କଲେଜରେ ଛାତ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବର୍ଷ ଶେଷ ବେଳକୁ ସରକାରଙ୍କ ଏଭଳି ନିଷ୍ପତି ଆଦୌ ଗ୍ରହଣୀୟ ନୁହେଁ ବୋଲି ଛାତ୍ରଛାତ୍ରୀ ଦର୍ଶାଇବା ସହ ଏଥିପାଇଁ ଅଧିକ ସମୟ କିମ୍ବା ଆଗାମୀ ଶିକ୍ଷାବର୍ଷରୁ ଲାଗୁ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଗଣଶିକ୍ଷାମନ୍ତ୍ରୀ କହିଛନ୍ତି,ପୂର୍ବବର୍ଷ ଭଳି ଏ ବର୍ଷ ମଧ୍ୟ କଲେଜରେ ପ୍ରଥମ ବର୍ଷ ପରୀକ୍ଷା ହେବ। ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ।ରାଜଧାନୀର ପ୍ରମୁଖ କଲେଜ-ମହର୍ଷି, ରାଜଧାନୀ, ଦେବରାୟ, ବିଜୁ ପଟ୍ଟନାୟକ ଓ ଏକାମ୍ର କଲେଜ ଆଦିରେ ଛାତ୍ରଛାତ୍ରୀଙ୍କ ରୋଷ ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀ ଟାୟାର ଜାଳି ରାସ୍ତାରୋକ କରିନିଷ୍ପତିର ବିରୋଧ କରିଥିଲେ । ସାରା ରାଜ୍ୟରେ ଏଭଳି ଛାତ୍ର ଅଶାନ୍ତି ଦେଖି ଗଣଶିକ୍ଷାମନ୍ତ୍ରୀ ସମୀର ଦାଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏଭଳି ନିଷ୍ପତିକୁ ନେଇ ଛାତ୍ରଛାତ୍ରୀ ଭୟଭୀତ ହୁଅନ୍ତୁ ନାହିଁ। ପୂର୍ବବର୍ଷ ମାନଙ୍କ ଭଳି ଏବର୍ଷ ମଧ୍ୟ ନିଜସ୍ୱ କଲେଜରେ ପ୍ରଥମ ବର୍ଷ ପରୀକ୍ଷା ହେବ ଓ ଏଥର ପ୍ରଥମ ବର୍ଷ ପରୀକ୍ଷାକୁ ବ୍ୟବସ୍ଥିତ ଭାବେ କରାଯିବ। ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ଲାଗି ୩୩ ପ୍ରତିଶତ ମାର୍କ ରଖିବାକୁ ବାଧ୍ୟତାମୂଳକ କରାଯିବ। ନଚେତ୍ ଦ୍ୱିତୀୟ ବର୍ଷକୁ ଯାଇ ହେବନାହିଁ ବୋଲି ଗତ ୧୪ ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ନିଷ୍ପତି ନେଇଥିଲା। ତେବେ ଏଥିପାଇଁ ଜଣେ ପରୀକ୍ଷାର୍ଥୀଙ୍କୁ ଦୁଇଟି ସୁଯୋଗ ମିଳିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା।

ଅର୍ଦ୍ଧ ଦଗ୍ଧ ଶିଶୁଟିର ଚିକିତ୍ସା ଦାୟିତ୍ୱ ନେଲା ପ୍ରଶାସନ

ଯାଜପୁର, ୨୦।୧(ପି.ଏନ): ଅର୍ଦ୍ଧଦଗ୍ଧ ଅବସ୍ଥାରେ ରହିଥିବା ୪ ବର୍ଷର ଶିଶୁ କନ୍ୟା ମୀନାର ତତକ୍ଷଣାତ୍ ଚିକିତ୍ସା ପାଇଁ ଜିଲ୍ଲାପାଳ ରଂଜନ କୁମାର ଦାସ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବଡଚଣା ବ୍ଲକ ସମିଆଁ ପଂଚାୟତର ପୁବୁଲି ଗ୍ରାମର ସମର ନାୟକ ଓ ରଙ୍ଗ ନାୟକଙ୍କ ଝିଅ ମୀନା। ଗତ ୨୦୧୯ ଡିସେମ୍ବର ୩୧ ତାରିଖରେ କୌଣସି କାରଣରୁ ମୀନା ଦେହରେ ନିଆଁ ଲାଗିଯାଇଥିଲା । ପୋଡିଯାଇଥିବା ମୀନାକୁ ଚିକିତ୍ସା କରିବା ପରିବର୍ତେ ଅନ୍ଧବିଶ୍ୱାସର ବଶବର୍ତୀ ହୋଇ ତାର ପିତା ମାତା ଦୁଟୁକା ଚିକିତ୍ସା, ଝଡା ଫୁଙ୍କା ଇତ୍ୟାଦି କରୁଛନ୍ତି। ବାରମ୍ବାର ବୁଝା ଶୁଝା କଲେ ମଧ୍ୟ ସେମାନେ ଡାକ୍ତରୀ ଚିକିତ୍ସା ପାଇଁ ଅମଙ୍ଗ ହେଉଥିଲେ। ଘଟଣା ଗଣମାଧ୍ୟମ ଜରିଆରେ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆସିବା ପରେ ତାହାର ତୁରନ୍ତ ଚିକିତ୍ସା ପାଇଁ ଜିଲ୍ଲାପାଳ ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବହୁ ବୁଝା ସୁଝା ପରେ ଡାକ୍ତରଖାନାକୁ ଆସିବାକୁ ରାଜି ହୋଇଥିବା ପିତା ମାତା କିନ୍ତୁ ଡାକ୍ତରଖାନାରେ ପହଂଚି ତୁରନ୍ତ ଘରକୁ ଫେରିଯିବାକୁ ବ୍ୟସ୍ତ ହେଉଥିଲେ । ସେମାନଙ୍କୁ ଅନେକ ବୁଝା ଶୁଝା କରି ମୀନାର ଆଡମିଶନ କରାଯାଇଛି। ମୁଖ୍ୟ ଚିକିତ୍ସାଳୟର ଫିମେଲ ସର୍ଜରୀ ୱାର୍ଡର ୧୨୪ ନମ୍ବର ବେଡରେ ସେ ଆଡମିଶନ ହୋଇଥିଲେ ମଧ୍ୟ ପିତା ମାତା ପିଲାକୁ ଘରକୁ ନେଇ ଫେରିଯିବା ପାଇଁ ଜିଦ୍ କରିବା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ବିଚଳିତ କରିଛି। ଶିଶୁଟିର ଚିକିତ୍ସା ପାଇଁ ଜିଲ୍ଲାପାଳ ସଂପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ସୂଚନା ଦେଇଛନ୍ତି । ସମନ୍ୱିତ ଉଦ୍ୟମରେ ଏହିଭଳି ଘଟଣା ଗୁଡିକର ତୁରନ୍ତ ଚିକିତ୍ସା ହେବା ଆବଶ୍ୟକ ବୋଲି ଶିଶୁ ମଙ୍ଗଳ କମିଟିର ସଦସ୍ୟ ଓ ଅଧକ୍ଷା ମତ ଦେଇଛନ୍ତି । ଶିଶୁଟି ଯଦିଓ ସୁସ୍ଥ ଅଛି ତେବେ ନିୟମିତ ଓ ଚିକିତ୍ସାଳୟରେ ନିରନ୍ତର ଚିକିତ୍ସାର ଆବଶ୍ୟକ ଅଛି ବୋଲି ଶିଶୁ ଚିକିତ୍ସା ଅଧିକାରୀ କହିଛନ୍ତି । ଉକ୍ତ ଶିଶୁଟିର ଚିକିତ୍ସା ନିମନ୍ତେ ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତା ପଦ୍ମ ଚରଣ ସାମନ୍ତରାୟ ଓ କାଳୀ ପ୍ରସାଦ ସାହୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ଔଷଧ ଇତ୍ୟାଦି ସହ ସମସ୍ତ ପ୍ରକାର ସହଯୋଗ କରିଥିଲେ।

ଟି ଟାଇମ୍

ଲାଇଫ କେୟାର ଟ୍ରଷ୍ଟ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

BLOOD DONATION CAMP
LIFE CARE TRUST

ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ସତ୍ୟଭାମା ଦେବୀ ମୂକ ବଧିର ମହାବିଦ୍ୟାଳୟ ପରିସରରେ ଲାଇଫ କେୟାର ଟ୍ରଷ୍ଟ ତରଫରୁ ଏକ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା ।ଏଥିରେ ବହୁ ଉତ୍ସାହୀ ରକ୍ତଦାତ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରେ ଟ୍ରଷ୍ଟର ସଭାପତି ସୁରେନ୍ଦ୍ର ପ୍ରସାଦ ଦାସଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା। ରକ୍ତଦାନ ଭଳି ଏକ ମହତ ଦାନ ସମାଜ ପାଇଁ ଆବଶ୍ୟକତା ଥିବାରୁ ଏଥିନିମନ୍ତେ ଉକ୍ତ କଲେଜର ଅଧ୍ୟକ୍ଷ ସଂଘମିତ୍ରା ମହାପାତ୍ର, ଅଧ୍ୟାପିତା ମିନାକ୍ଷୀ ଶେସାଦ୍ରୀ ମଲ୍ଲ, ଇଂ ଟି.ଭମସ ଓ ମୂକ ବଧିର ଛତ୍ର/ଛାତ୍ରୀମାନେ ରକ୍ତଦାନ ଭଳି ମହତ ସେବାରେ ସାମିଲ ହୋଇ ଅନ୍ୟମାନଙ୍କୁ ରକ୍ତଦାନ କରିବାପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ଟ୍ରଷ୍ଟର ଉପସଭାପତି କମଳ ଲୋଚନ ପାତ୍ର ଓ ଅନ୍ୟାନ୍ୟ ସଭ୍ୟ ଓ ସଭ୍ୟା ଆଦି ଯୋଗଦାନ କରିବା ସହିତ କଟକ ରକ୍ତ ଭଣ୍ଡାରର ସିନିୟର ମେଡ଼ିକା ଅଫିସର ଡାକ୍ତ କନକଲତା ଦେଓ, ଯୁଥ ରେଡ଼କ୍ରସ ଅଫିସର ଡାକ୍ତର ଅଜୟ କୁମାର ତ୍ରିପାଠୀ ଓ ଜୁନିୟର ରେଡ଼କ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ ଯୋଗଦାନ କରିଥିଲେ। ଏଥିସହିତ ସତ୍ୟଭାମା ଦେବୀ ୱେଲଫେୟାର ଟ୍ରଷ୍ଟର ମ୍ୟାନେଜି ଟ୍ରଷ୍ଟ ସୁଶ୍ରୀ ନିରୋଜଲକ୍ଷ୍ମୀ ମହାପାତ୍ର ଓ ବିଜୁ ପଟ୍ଟନାୟକ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ଗାହାଣ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରକୁ ଭୂୟସୀ ପ୍ରଶଂସା କରିବା ସହି ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମର ବିଭିନ୍ନ ସ୍ଥାନରେ କରାଗଲେ ଦେଖାଦେଇଥିବା ରକ୍ତର ଅଭାବ ପୂର୍ଣ୍ଣ ହୋଇପାରିବ ।

ପୁରାଣ କାହାଣୀ

ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

ଆଜିର ଭାଗ୍ୟ

ମେଷ କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ଦାନ୍ତରେ ଟାଟୁ

ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସିଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜେରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

ଜିନ୍ସ ସୃଷ୍ଟି କରୁଛି ସମସ୍ୟା

ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଂଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

ବିଶ୍ୱର ବଡ ଫୁଲ ବଜାର

ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ ।ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ପର୍ଯ୍ୟବେକ୍ଷକ
ମହାନଗର

ନାଗରିକତାର ଆନନ୍ଦ

ପିଲାଦିନେ ସ୍କୁଲରେ ସାହିତ୍ୟ ବହିରେ 'ମୁକ୍ତିର ଆନନ୍ଦ' ଲେଖାଟି ପଢ଼ିଥିଲି। ଜଣେ ଜେଲ୍ ଫେରନ୍ତା ବ୍ୟକ୍ତି କିପରି ପଞ୍ଜୁରୀରେ ଥିବା ପକ୍ଷୀଙ୍କୁ ମୁକ୍ତ କରିଦେଉଛି, ସେ ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା। ଲେଖାଟି ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ଓ ମୋ ମନକୁ ଛୁଇଁଥିଲା। ବଡ଼ ହେବା ପରେ ମଧ୍ୟ ଅନେକ ଥର ମୁଁ ସେ ଲେଖାଟି ପଢ଼ିଛି। ଶବ୍ଦ ସଂଯୋଜନା ଏପରି ଥିଲା ଯେ, ପ୍ରତ୍ୟେକ ଥର ପଢିଲା ବେଳେ ମୁଁ ଭାବବିହ୍ୱଳ ହୋଇଯାଉଥିଲି। ସତରେ ମୁକ୍ତି ଶବ୍ଦରେ ଗୋଟିଏ ଅଲଗା ଶିହରଣ ଥାଏ। ବନ୍ଦୀ ଜୀବନରୁ ମୁକ୍ତି ହେଉ କି ଦୀର୍ଘ ଦିନର ଜଞ୍ଜାଳରୁ ମୁକ୍ତି ହେଉ, ଉଭୟର ଅନୁଭୂତି ଅବର୍ଣ୍ଣନୀୟ। ତେବେ ଲେଖକଙ୍କର ଏ ଲେଖାଟି ଜେଲରେ ବନ୍ଦୀ ଜୀବନ ଅତିବାହିତ କରୁଥିବା କୌଣସି ବ୍ୟକ୍ତିଙ୍କ ବିଷୟରେ ନୁହେଁ। ଏହି କାହାଣୀଟି ହେଉଛି ହରିୟାଣାର ଫତେହାବାଦରେ ବସବାସ କରୁଥିବା ୭୪ ବର୍ଷ ବୟସ୍କ ଦିବ୍ୟରାମଙ୍କ କାହାଣୀ। ରାସ୍ତା କଡ଼ରେ ବସି ସେ ଚିନାବାଦାମ ବିକ୍ରି କରନ୍ତି। ୧୨ ଡିସେମ୍ବରରେ ନାଗରିକତା ସଂଶୋଧନ ବିଲ ଆଇନରେ ପରିଣତ ହେବା ପରେ ତାଙ୍କ ଆଖିରୁ ଦୁଇ ଠୋପା ଆନନ୍ଦର ଅଶ୍ରୁ ଝରିପଡ଼ିଥିଲା। ଏତେ ଭାବବିହ୍ୱଳ ହୋଇଯାଇଥିଲେ ଯେ, ସେ ନିଜର ଖୁସି ବୟାନ କରିପାରୁନଥିଲେ। ତାଙ୍କୁ ଦୀର୍ଘ କୋଡିଏ ବର୍ଷର ଶରଣାର୍ଥୀ ଜୀବନରୁ ମୁକ୍ତି ମିଳିବାକୁ ଯାଉଛି। ତାଙ୍କର କାହାଣୀ ଯେତିକି ଆଶ୍ଚର୍ଯ୍ୟଜନକ ସେତିକି ରୋମାଞ୍ଚକର। ୧୯୪୭ ମସିହାରେ ଦେଶ ବିଭାଜନ ପରେ ଦିବ୍ୟରାମ ପାକିସ୍ତାନରେ ବସବାସ କରୁଥିଲେ। ବେନଜିର ଭୁଟ୍ଟୋ ପ୍ରଧାନମନ୍ତ୍ରୀ ଥିବା ସମୟରେ ସେ ପାକିସ୍ତାନର ସଂସଦକୁ ଜଣେ ସାଂସଦ ହିସାବରେ ମନୋନୀତ ହୋଇଥିଲେ। ପାକିସ୍ତାନର ସଂସଦରେ ଅଣମୁସଲିମ୍ ସଂପ୍ରଦାୟ ପାଇଁ କେତୋଟି ସ୍ଥାନ ସଂରକ୍ଷିତ ଥାଏ। ସାଂସଦ ଭାବେ ମନୋନୀତ ହେବା ପରେ ଆରମ୍ଭ ହେଲା ତାଙ୍କର ନିର୍ଯାତନାର କାହାଣୀ। ବିଭିନ୍ନ ମୁସଲିମ ଗୋଷ୍ଠୀ ଭିନ୍ନ ଉପାୟରେ ତାଙ୍କ ଉପରେ ଚାପ ପକାଇଲେ। ସେମାନେ ଚାହୁଁ ନଥିଲେ ଯେ ଜଣେ ହିନ୍ଦୁ ସଂସଦରେ ପ୍ରତିନିଧିତ୍ୱ କରୁ। ସାଂସଦ ହେବାର ପନ୍ଦର ଦିନ ପରେ ତାଙ୍କର ଝିଅାରିକୁ ଅପହରଣ କରିନିଆଗଲା ଏବଂ ଇସ୍ତଫା ଦେବା ପାଇଁ ତାଙ୍କ ଉପରେ ଚାପ ପକାଗଲା। ସେ ଅଦାଲତର ଦ୍ୱାରସ୍ଥ ହେଲେ ମଧ୍ୟ କିଛି ଫାଇଦା ମିଳିଲା ନାହିଁ। ସାଂସଦ ମନୋନୀତ ହେବାର ତିନିମାସ ପରେ ସେ ନିଜର ଇସ୍ତଫା ପ୍ରଦାନ କଲେ।

ଧାର୍ମିକ ଭେଦଭାବ ଓ ଅକଥନୀୟ ଅତ୍ୟାଚାର ସହି ନପାରି ୨୦୦୦ ମସିହା ଜାନୁଆରୀ ମାସରେ ସେ ପରିବାର ସହ ଭାରତ ପଳାଇଆସିଲେ। ପାକିସ୍ତାନରେ ସେ ନିଜର ୨୫ ଏକର ଜମି ଛାଡ଼ି ଆସିଲେ। ମାତ୍ର ଏକ ମାସ ପାଇଁ ଭିସା ନେଇ ସେ ଭାରତ ଆସିଥିଲେ। ମାତ୍ର ପାକିସ୍ତାନରେ ତାଙ୍କ ଉପରେ ଅତ୍ୟାଚାର ହେଉଥିବା ଦର୍ଶାଇ ସେ ଭିସାର ଅବଧି ବଢ଼ାଇବାକୁ ଆବେଦନ କଲେ। ତାଙ୍କର ଭାରତ ଆସିବା ଆଜକୁ ପ୍ରାୟ ୨୦ବର୍ଷ ହୋଇଗଲା। କେବଳ ଦିବ୍ୟରାମ ନୁହନ୍ତି, ପାକିସ୍ତାନରେ ଏକ ବିଧାନସଭାରେ ମନ୍ତ୍ରୀ ଥିବା ବଲଦେବ ସିଂଙ୍କର ମଧ୍ୟ ସେହି ଅବସ୍ଥା। ପାକିସ୍ତାନରେ ସଂଖ୍ୟାଧିକ ସଂପ୍ରଦାୟ ଦ୍ୱାରା ଶୋଷଣର ଶିକାର ହେବାପରେ ଜୀବନ ବଞ୍ଚାଇବାକୁ ପରିବାର ସହ ଭାରତରେ ଶରଣାର୍ଥୀ ହିସାବରେ ରହିଆସୁଛନ୍ତି। ଦିବ୍ୟରାମ ଓ ବଲଦେବ ସିଂଙ୍କ ବିଷୟକୁ ଅନୁଧ୍ୟାନ କଲେ ସେମାନଙ୍କ ଉପରେ ଯେ ଧାର୍ମିକ ଆଧାରରେ ଅତ୍ୟାଚାର କରାଯାଉଥିଲା, ତାହା ସହଜରେ ଅନୁମେୟ। ଏହା ନ ହେଲେ, ସମାଜର ଉଚ୍ଚ ସ୍ଥାନରେ ଥିବା ତଥା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଥିବା ଜଣେ ବ୍ୟକ୍ତି ଅନ୍ୟ ଦେଶରେ ଶରଣାର୍ଥୀ ଜୀବନ ବା କାହିଁକି ଅତିବାହିତ କରିବ! ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁ ଓ ଶିଖଙ୍କ ଉପରେ ଅତ୍ୟାଚାର କିଛି ନୂଆକଥା ନୁହେଁ। ପାକିସ୍ତାନର ପ୍ରଥମ ଆଇନ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ଯୋଗେନ୍ଦ୍ରନାଥ ମଣ୍ଡଳ ମୁସଲିମ ବହୁଳ ପାକିସ୍ତାନରେ ଭେଦଭାବର ଶିକାର ହୋଇ ୧୯୫୦ ମସିହାରେ ଭାରତ ପଳେଇ ଆସିଥିଲେ। କେବଳ ଏମାନେ ନୁହଁନ୍ତି, ପଞ୍ଜାବର ଅମୃତସର ଓ ଜଳନ୍ଧରରେ ଏହିପରି ଅନେକ ଲୋକ ଶରଣାର୍ଥୀ ଜୀବନ ବିତାଉଛନ୍ତି। କେବଳ ପାକିସ୍ତାନ ନୁହେଁ, ଆଫଗାନିସ୍ତାନ ଓ ବାଙ୍ଗଲାଦେଶରେ ମଧ୍ୟ ସେଇ ସମାନ ଅବସ୍ଥା। ସେଠାରେ ରହିବାକୁ ହେଲେ ଇସଲାମ ଗ୍ରହଣ କରିବାକୁ ପଡ଼ିବ ନହେଲେ ଅତ୍ୟାଚାରର ସାମ୍ନା କରିବା ପାଇଁ ହେବ। ନିକଟ ଅତୀତରେ ପାକିସ୍ତାନରେ ଅନେକ ହିନ୍ଦୁ ଝିଅଙ୍କୁ ସଂଖ୍ୟାଧିକ ମୁସଲିମ ମାନଙ୍କ ଦ୍ୱାରା ଅପହରଣ ଓ ଧର୍ମ ପରିବର୍ତ୍ତନର ଅଭିଯୋଗ ଆସିଛି। ଉପରୋକ୍ତ ତିନୋଟି ଦେଶରେ ହିନ୍ଦୁ ଜନସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବା, ନିଶ୍ଚିତ ଭାବରେ ଧାର୍ମିକ ଆଧାରରେ ଅତ୍ୟାଚାରକୁ ପ୍ରମାଣ କରୁଛି। କେବଳ ହିନ୍ଦୁ ନୁହନ୍ତି, ସମସ୍ତ ସଂଖ୍ୟାଲଘୁ ସଂପ୍ରଦାୟ ଏହି ଶୋଷଣର ଶିକାର ହେଉଛନ୍ତି। ୧୯୪୭ ମସିହାରେ ପାକିସ୍ତାନରେ ହିନ୍ଦୁ ଜନସଂଖ୍ୟା ୧୨.୯ ପ୍ରତିଶତ ଥିବାବେଳେ ବର୍ତ୍ତମାନ ଏହା ହ୍ରାସ ପାଇ ୧.୬ ପ୍ରତିଶତ। ସେହିପରି ବଙ୍ଗଳାଦେଶରେ ହିନ୍ଦୁ ଜନସଂଖ୍ୟା ୨୨ ପ୍ରତିଶତରୁ ହ୍ରାସ ପାଇ ଆଜି ୮.୫ ପ୍ରତିଶତରେ ପହଞ୍ଚିଛି। ଏଣୁ ଏମାନଙ୍କୁ ସଠିକ ଭାବରେ ଆଶ୍ରୟ ଦେବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ। ଏପରି ପରିସ୍ଥିତିରେ ନାଗରିକତା ସଂଶୋଧନ ଆଇନ ଏହି ଶରଣାର୍ଥୀ ମାନଙ୍କ ପାଇଁ ବରଦାନ ସଦୃଶ। ହଜାର ହଜାର ଶରଣାର୍ଥୀଙ୍କ ମୁହଁରେ ଏହି ଆଇନ ଆଜି ହସ ଫୁଟାଇ ପାରିଛି। ଏକ ପାକିସ୍ତାନୀ ହିନ୍ଦୁ ଶରଣାର୍ଥୀ ଦମ୍ପତି ସେମାନଙ୍କର ନବଜାତ ଶିଶୁର ନାମ ନାଗରିକତା ରଖିବା, ସେମାନଙ୍କର ଅନ୍ତରର ଖୁସିକୁ ଦର୍ଶାଉଛି। ଏହି ଆଇନ ଶରଣାର୍ଥୀ ମାନଙ୍କୁ ନ୍ୟାୟ ଦେବା ସଙ୍ଗେ ସଙ୍ଗେ ଅନୁପ୍ରବେଶ ରୋକିବାକୁ ମଧ୍ୟ ସକ୍ଷମ ହୋଇପାରିବ। ଏହା କେନ୍ଦ୍ର ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ସାଲିସବିହୀନ ରାଜନୀତିର ଆଉ ଏକ ନମୁନା।

ଡାକ୍ତର ନୀଳମାଧବ ପୃଷ୍ଟି, ପାଣିକୋଇଲି, ଯାଜପୁର, ଦୂରଭାଷ: ୯୪୩୯୪୮୨୫୨୬

୧୦ମ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତାମାଳା

ଫଟୋରେ ଗାନ୍ଧୀଙ୍କୁ ସୀମିତ ରଖାନଯାଇ ଜୀବନ୍ତ ମଣିଷ ଭାବରେ ଉପସ୍ଥାପନ କରାଯାଉ

ଭୁବନେଶ୍ୱର (ପିଏନ୍): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଆଦର୍ଶ ଓ ଉପଦେଶର ପ୍ରାସଙ୍ଗିକତା ଆଧୁନିକ ବିଶ୍ୱରେ ରହିଛି। ଏହି କାରଣରୁ ତାଙ୍କୁ ଆଉ ଫଟୋରେ ସୀମିତ ରଖାନଯାଉ ବରଂ ଜଣେ ଜୀବନ୍ତ ମଣିଷ ଭାବରେ ଉପସ୍ଥାପନ କରାଯାଉ। ଏହାଦ୍ୱାରା ନୂତନ ପୀଢିର କିଶୋର କିଶୋରୀ ଓ ମହିଳାମାନେ ନୂତନ ଭାବନାରେ ଉଦ୍‌ଭାସିତ ହେବେ ବୋଲି ପ୍ରଖ୍ୟାତ ଗାନ୍ଧିବାଦୀ, ଲେଖିକା ଓ ପ୍ରକାଶିକା ମନୀଷା ଚୌଧୁରୀ ମତ ଦେଇଛନ୍ତି। ଗତ ଶନିବାର ଦିନ ସ୍ଥାନୀୟ ଜୟଦେବ ଭବନଠାରେ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜକିଶୋର ନାୟକ ଜାତୀୟ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୧୦ମ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ପାଟକୁରା ଗାନ୍ଧୀ ତଥା ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ପୂଣ୍ୟତିଥିରେ ଆୟୋଜିତ ଏହି ଉତ୍ସବରେ ଯୋଗଦେଇ ନିଜର ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ମନୀଷା ଚୌଧୁରୀ କହିଥିଲେ ଯେ, ଆମ ଦେଶରେ ଶିକ୍ଷା ବ୍ୟବସ୍ଥାରେ ଗାନ୍ଧୀବାଦ ପ୍ରାୟତଃ ନାହିଁ କହିଲେ ଚଳେ। ଯାହାଫଳରେ ସମଗ୍ର ବିଶ୍ୱରେ ଆଦୃତ ଲାଭ କରିଥିବା ଏବଂ ପ୍ରସାର ଘଟୁଥିବା ଗାନ୍ଧୀବାଦ ସମ୍ପର୍କରେ ନୂତନ ପୀଢିର ଛାତ୍ରସମାଜ ଅବଗତ ହୋଇପାରୁ ନାହାଁନ୍ତି। ସେମାନଙ୍କୁ ଗାନ୍ଧୀ ଦର୍ଶନ ପ୍ରଭାବିତ କରିପାରୁ ନାହିଁ ଯାହାଫଳରେ ସାଧୁତା ଓ ଅହିଂସା ପରାୟଣତାଠାରୁ ଆଧୁନିକ ଛାତ୍ର ସମାଜ ଦୂରରେ ରହୁଛି। ଏକଥା ସତ୍ୟ ଯେ, ମହାତ୍ମା ଗାନ୍ଧୀ ଦୋଷ କରିବା ଏବଂ ଦୋଷକୁ ଲୁଚାଇବା ଭଳି କାର୍ଯ୍ୟ ଠାରୁ ଦୂରରେ ରହୁଥିଲେ। ଏପରିକି ସମଗ୍ର ବିଶ୍ୱକୁ ସେ ଯେପରି ଦେଖୁଥିଲେ ତାହାଠାରୁ ନିଜକୁ ଏ ପ୍ରସଙ୍ଗରେ ଅଧିକ ପରଖୁଥିଲେ। ସେ ଆହୁରି କହିଥିଲେ ଯେ, ପଶ୍ଚିମ କାର୍ଯ୍ୟଧାରାକୁ ଗାନ୍ଧୀ ବିରୋଧ କରିବାର ପ୍ରାସଙ୍ଗିକତା ଅତୀତରେ ଥିଲା। କାରଣ ସେ ଦେଶର ସମ୍ବଳ ବିନିଯୋଗ କରି ଦେଶକୁ ସ୍ୱାବଲମ୍ବୀ କରିବାକୁ ଚାହୁଁଥିଲେ। ପରିବର୍ଦ୍ଧିତ ପରିସ୍ଥିତିରେ ଗାନ୍ଧୀଙ୍କର ସେହି ଦର୍ଶନର ତର୍ଜମା ଜରୁରୀ ହୋଇପଡ଼ିଛି। ଇତିମଧ୍ୟରେ ବିଶ୍ୱରେ ବହୁ ପରିବର୍ତ୍ତନ ଘଟିଲାଣି ଓ ସମୟ ବଦଳି ଗଲାଣି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଧ୍ୟାପକ ଦାସ ବେନୁହୁର କହିଥିଲେ ଯେ, ଗାନ୍ଧୀଙ୍କ ବିଚାରଧାରା ହେଉଛି ସର୍ବକାଳୀନ ବିଚାରଧାରା, ମୂଲ୍ୟବୋଧ ହେଉଛି ଚିରନ୍ତନ, ନୀତି ହେଉଛି ଶାନ୍ତି ଓ ପ୍ରଗତିର ପ୍ରତୀକ। ସମଗ୍ର ପୃଥିବୀ ଜାଣିସାରିଲାଣି ଯେ, ଗାନ୍ଧୀ ଦର୍ଶନ ହିଁ ଆଗାମୀ ସମୟ ପାଇଁ ଶାନ୍ତି ଓ ପ୍ରଗତିର ମାର୍ଗଦର୍ଶକ। ଗାନ୍ଧୀଙ୍କର ଯେତେସବୁ ଶିଷ୍ୟ ଦେଶରେ ସୃଷ୍ଟି ହୋଇଛନ୍ତି, ତନ୍ମଧ୍ୟରୁ ସ୍ୱର୍ଗତଃ ରାଜକିଶୋର ନାୟକ ହେଉଛନ୍ତି ଜଣେ ବିରଳ ଦୃଷ୍ଟାନ୍ତ। କାରଣ ମହାତ୍ମା ଗାନ୍ଧୀ ପାରିବାରିକ ଜୀବନରେ ବିଶେଷ ସଫଳ ନଥିଲେ କିମ୍ବା ତାଙ୍କର ପୁଅଝିଅମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ନଥିଲେ। ମାତ୍ର ରାଜୁବାବୁଙ୍କର ପୁଅଝିଅମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ଜନସେବା ସହିତ ପ୍ରାଣୀଜଗତର ସେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଅଧ୍ୟାପକ ଅଭିରାମ ବିଶ୍ୱାଳ କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ପ୍ରାନ୍ତୀୟ ଗାନ୍ଧୀମାନେ ସୃଷ୍ଟି ହେବା ଯୋଗୁ ଜାତୀୟସ୍ତରରେ ମହାତ୍ମା ଗାନ୍ଧୀ ଜନମାନସରେ ଉଜ୍ଜିବୀତ ହୋଇ ରହିଛନ୍ତି। ସ୍ୱର୍ଗତଃ ରାଜକିଶୋର ନାୟକ ହେଉଛନ୍ତି ପାଟକୁରା ଗାନ୍ଧୀ ଏବଂ ମାଟିର ଗାନ୍ଧୀ। ଜୀବନବ୍ୟାପୀ ସେ ଗାନ୍ଧୀଙ୍କ ବାଣୀରୁ ଓହରି ନାହାଁନ୍ତି କିମ୍ବା ତାଙ୍କର ପରିବାରକୁ ଯିବାକୁ ଦେଇନାହାଁନ୍ତି। ପରିବେଶ ସୁରକ୍ଷା ସହିତ ଜୀବଜଗତ ଓ କୃଷିର ଉନ୍ନତି ତାଙ୍କ ଜୀବନର ବ୍ରତ ଥିଲା ବୋଲି ସେ କହିଥିଲେ। ସ୍ୱର୍ଗତଃ ନାୟକଙ୍କର ଛାତ୍ର ପର୍ଶୁରାମ ଦ୍ୱିବେଦୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜନା କରିଥିଲେ ମୃତ୍ୟୁଞ୍ଜୟ ରଥ।

ବାପା-ମା' ଛେଉଣ୍ଡ ପିଲାଙ୍କ ମଧ୍ୟରେ ନୂତନ ବର୍ଷ ପାଳିଲେ 'ହେଲପିଙ୍ଗ ଫାମିଲି'

ଭୁବନେଶ୍ୱର (ପିଏନ୍): ନୂଆବର୍ଷ ୨୦୨୦ର ପ୍ରଥମ ଦିନକୁ ସ୍ମରଣୀୟ ରଖିବା ପାଇଁ 'ହେଲପିଙ୍ଗ ଫାମିଲି' ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଭିନବ ଉପାୟରେ ନୂତନବର୍ଷର ପ୍ରଥମ ଦିନଟିକୁ ପାଳନ କରିଛି। ସ୍ଥାନୀୟ ତଖତପୁର ସ୍ଥିତ 'ଆଦୃତା ଶିଶୁ ସଦନ'ରେ ଥିବା ବାପ-ମା'ଛେଉଣ୍ଡ ପିଲାମାନଙ୍କ ସହ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ସମୟ ଅତିବାହିତ କରିବା ସହ ପିଲାମାନଙ୍କ ସହ କେକ୍ କାଟି ଭୋଜିଭାତ ଖାଇ ନାଚଗୀତ କରି ଏକ ନିଆରା ଅନୁଭୂତି ସାଉଁଟିଛନ୍ତି ଛାତ୍ରଛାତ୍ରୀ। ଏହାସହିତ ବିଭିନ୍ନ ପ୍ରକାରର ପ୍ରତିଯୋଗିତା, ସାଧାରଣ ଜ୍ଞାନ, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ ଭଳି ଅନେକ ପ୍ରତିଯୋଗିତା ମଧ୍ୟ ଆୟୋଜନ ହୋଇଥିଲା। ଗତ ବର୍ଷ (୨୦୧୯) ଠାରୁ ଆରମ୍ଭ ହୋଇଥିବା ଏହି 'ହେଲପିଙ୍ଗ ଫାମିଲି' ଅନୁଷ୍ଠାନ ବିଭିନ୍ନ ସମୟରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ସ୍ୱଚ୍ଛତା ଉପରେ କାର୍ଯ୍ୟ କରୁଥିବା ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଲଳିତ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ୫୦ରୁ ଅଧିକ ଛାତ୍ରଛାତ୍ରୀ 'ଆଦୃତା ଶିଶୁ ସଦନ' ପହଂଚି ନୂଆବର୍ଷର ନୂଆ ଅନୁଭୂତି ସାଉଟିଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ଯୁବ ସମାଜସେବୀ ତଥା ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ଯୁବକ ସୁବ୍ରତ କୁମାର ଦାସଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରମେୟ ଦୈନିକ ସମ୍ବାଦପତ୍ରର ଯୁବ ସାମ୍ବାଦିକ କାହ୍ନୁଚରଣ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭବିଷ୍ୟତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ପ୍ରତ୍ୟେକ ଦିନ ଇତିହାସ ସୃଷ୍ଟି କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବରେ 'ଆଦୃତା ଶିଶୁ ସଦନ'ର ଅଧ୍ୟକ୍ଷ କୁନିଲତା ଦାସ, ଯୁବ ସାମ୍ବାଦିକ ବିଶ୍ୱଜିତ୍ ଭୂୟାଁ, ଅମୃତ କୁମାର ସିଂ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୁନୀତା ମାରାଣ୍ଡି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରତିଶ୍ରୁତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚନ୍ଦନ କୁମାର ଘୋଷ, ଅଭିନାଶ ବେହେରା, ତାପସ ମହାନ୍ତ, ଗୌରାଙ୍ଗ ଦାସ, ଦିନେଶ ଦାସ, ସୁବାଶିଷ ଧିର, ରାଜୁ ସିଂ, ସୁବାଶିଷ କଟିଆ, ଅନାମିକା ପରିଡ଼ା, ସାଇପ୍ରଜ୍ଞା ବେହେରା, ବିଶ୍ୱଭୂଷଣ ହରିଶ୍ଚନ୍ଦନ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ଶୁବାଶିଷ ବେହେରା, ମୁନା ଦତ୍ତ, ସତ୍ୟ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

ସାମ୍ବାଦିକର ସଂଗ୍ରାମ ସମାଜ ପରିବର୍ତ୍ତନର ପଥପ୍ରଦର୍ଶକ

ଭୁବନେଶ୍ୱର (ପିଏନ୍): ସମବାଦର ସମନ୍ୱୟ ରକ୍ଷା କରିବା ଲାଗି ସାମ୍ବାଦିକର ସଂଗ୍ରାମ ଦ୍ୱାରା ହିଁ ସମାଜର ପରିବର୍ତ୍ତନ ସମ୍ଭବ ହେବ ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର 'ଓଡ଼ିଶା ସ୍ୱର'ର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଗତ ଶୁକ୍ରବାର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପୂର୍ବତନ ବିଧାୟକ ତଥା ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼ର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଲେ ଯେ, ଗଣମାନଙ୍କ ସମସ୍ୟାର କାରଣ ଓ ତାର ନିରାକରଣ ଦିଗରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରେରଣା ମିଳିଲେ କଳାକାରମାନଙ୍କର ପ୍ରୟାସ ଜାରି ରହି ପ୍ରତିଭା ପ୍ରସ୍ଫୁଟିତ ହେବ ଏବଂ ରାଜ୍ୟରେ ସଂସ୍କୃତି ଚେତନାର ସମ୍ପ୍ରସାରଣ ହୋଇ ଏହାର ଅଭିବୃଦ୍ଧି ଘଟିବ ବୋଲି ସେ କହିଥିଲେ। ବିଜେପି ରାଜ୍ୟ ଶାଖା କାର୍ଯ୍ୟକାରୀ କମିଟି ସଦସ୍ୟ ଜଗନ୍ନାଥ ପ୍ରଧାନ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଲେ ଯେ, ସାହିତ୍ୟ ଓ ସଂସ୍କୃତିର ଅବକ୍ଷୟରେ କଳାକାରମାନଙ୍କ ପ୍ରତିରୋଧର ପ୍ରଚେଷ୍ଟା ଜାରି ରହିଛି। ଏହାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଲାଗି ସାମ୍ବାଦିକର କଲମ ମୁନ ଏକାନ୍ତ ଅପରିହାର୍ଯ୍ୟ। 'ଓଡ଼ିଶା ସ୍ୱର'ର ଉପଦେଷ୍ଟା ତଥା ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଜେଡ଼ି ସାଂସ୍କୃତିକ ସାମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କର ସ୍ଥିତି, ଅବସ୍ଥିତି ଓ ପରିସ୍ଥିତିର ସମୀକ୍ଷା କରାଯାଇ 'ଓଡ଼ିଶା ସ୍ୱର' ସମ୍ବାଦପତ୍ର ପରି ଏକ ଭିନ୍ନ ସ୍ୱାଦର ପତ୍ରିକା ପଥ ପ୍ରଦର୍ଶକ ହୋଇପାରିଛି ବୋଲି ସେ କହିଥିଲେ। ବରିଷ୍ଠ ସାମ୍ବାଦିକ ତଥା ପ୍ରଦୋଷ ପଟ୍ଟନାୟକ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ବାଦିକର ସଂଗ୍ରାମୀ ଜୀବନ ଦ୍ୱାରା ହିଁ ସମାଜର ପରିବର୍ତ୍ତନ ହେବା ସମ୍ଭବ ବୋଲି କହିଥିଲେ। ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ 'ଓଡ଼ିଶା ସ୍ୱର'ର ସମ୍ପାଦକ କସ୍ତୁରୀ ଚରଣ ଦାସ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରବିନାରାୟଣ ସ୍ୱାଇଁଙ୍କୁ 'ସଞ୍ଜୟ ସମ୍ମାନ', ମାନସ ରଞ୍ଜନ ମହାନ୍ତିଙ୍କୁ 'ନାରଦ ସମ୍ମାନ', ଶ୍ରୀମତୀ ଦିପ୍ତୀପ୍ରଭା ରଥଙ୍କୁ 'ଶବ୍ଦଜ୍ଞାନ ସମ୍ମାନ', ବିଜୟ କୁମାର ସ୍ୱାଇଁଙ୍କୁ 'ଆଇନ୍‌ଜୀବୀ ସମ୍ମାନ', ମମତା ଦାସଙ୍କୁ 'କଳାଶ୍ରୀ ସମ୍ମାନ', ରଶ୍ମିତା ସୁବୁଦ୍ଧିଙ୍କୁ 'ଓଡ଼ିଶୀ ସଙ୍ଗୀତ ସମ୍ମାନ', କୃପାସିନ୍ଧୁ ଦାସଙ୍କୁ 'ଧର୍ମଚେତନା ସମ୍ମାନ' ଓ ସାଇ ରଞ୍ଜନ ସାହୁଙ୍କୁ 'ଶିଶୁ ଚିତ୍ରକର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଇଂ. ଗୌରଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମିନାକ୍ଷୀ ସିଂ ଓ ଚିତ୍ରସାଧକ ବେଣୁ ପ୍ରତିହାରୀ ସଂଯୋଜନା କରିଥିଲେ। କବି ଅନନ୍ତ ଚରଣ ସାହୁ, ଇତିଶ୍ରୀ ପତି, ରୋହିତ କୁମାର ଚମ୍ପତି, ସତ୍ୟବାଦୀ ରଥ ଓ ଜଗନ୍ନାଥ ବେହେରାଙ୍କ ସମେତ ମୋଟ୍ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶେଷରେ ଚିତ୍ରସାଧକ ବେଣୁ ପ୍ରତିହାରୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

ଏଲ ଆଣ୍ଡ ଟି ଫେବ୍ରିକେସନ ୟାର୍ଡରୁ ବ୍ୟାପକ ଚୋରୀ; ଫେରୋକ୍ରୋମ କାରଖାନା ସିକୁରିଟି ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା !

ବ୍ୟାସନଗର (ପି.ଏନ୍): ମାତ୍ରାଧିକ ଦୁର୍ନୀତି, ପ୍ରିୟାପ୍ରୀତିତୋଷଣ ଓ ଶ୍ରମିକ ରାଜନୀତି ନାଁରେ ବହୁ ତଥାକଥିତ ତୋଷରପାତ ସଂଗଠିତ ହେବା ଫଳରେ ରାଜ୍ୟ ସରକାରଙ୍କ ଶେଷ କାରଖାନା ଯାଜପୁରରୋଡର ଇଡ଼କଲ ଫେରୋକ୍ରୋମ ଆଣ୍ଡ ଆଲୟେଜ୍ ଲିମିଟେଡ଼, ଇଫ୍‌କାଲ କାରଖାନା ଏବେ ଘୋର ସଂକଟ ମଧ୍ୟରେ ଗତି କରୁଛି। ୦୧/୦୬/୨୦୧୯ରୁ ବନ୍ଦ ରହିଥିବା କାରଖାନା ପୁଣି ତା.୦୧/୧୨/୨୦୧୯ରୁ ଚାଲୁ ହୋଇଛି। କାରଖାନାରେ କିପରି ଦୁର୍ନୀତି ନ ହେବ ଏବଂ କାରଖାନା କିପରି ଲାଭଜନକ ଆଡକୁ ଗତି କରିବ ସେଥିପ୍ରତି କାହାର ଚିନ୍ତା ନାହିଁ। ବନ୍ଦ ଥିବା ବେଳେ କେତେକ ଅଧିକାରୀ କାରଖାନାରୁ କିପରି ଭଲ ଭଲ ଜିନିଷ ଚୋରୀ କରି ଘରକୁ ନେବେ ସେହି ଚକ୍କରରେ ଥିଲେ। ଏବେ କାରଖାନାଟି ଚାଲୁ ହୋଇଛି ହେଲେ ଲୋକଙ୍କ ଚଳପ୍ରଚଳ ଏହି ଅଂଚଳରେ ଆଉ ସେପରି ନାହିଁ। କାରଖାନା ଦ୍ୱାରା ଅଧିକୃତ ଯୋଡାବର ପାର୍ଶ୍ୱ ଏକର ଏକର ଖାଲି ଜାଗାକୁ କିଛି ବର୍ଷ ପୂର୍ବେ ଟାଟା ଷ୍ଟିଲ ଫେବ୍ରିକେସନ ଷ୍ଟକ ୟାର୍ଡ ପାଇଁ ଯୋଗାଇ ଦିଆଯାଇଥିଲା। ପରେ ଏହି ଜାଗାକୁ ସେମାନେ ଛାଡି ଚାଲି ଗଲା ପରେ ପୁଣି ଫେରୋକ୍ରୋମ କାରଖାନା ଏଠାରେ ନିର୍ମିତ ଘର ଦ୍ୱାର ଆଦିକୁ ନିଜ ଅକ୍ତିଆରକୁ ନେଇ ଆସି ଜଗାଶୁଣା କରିଆସୁଛି। ହେଲେ ଏଠାରେ ନିୟମିତ ଚୋରୀ ଲାଗି ରହିଛି। ସିକୁରିଟି ବିଭାଗର ଅବହେଳାରୁ ବହୁ ତଥାକଥିତ ଲୋକେ ଘର ଦ୍ୱାର ତାଡି ନେବା ସହ ବହୁ ମୂଲ୍ୟବାନ ଯନ୍ତ୍ରାଂଶକୁ ଅନାୟାସରେ ଚୋରୀ କରିବାରେ ଲାଗିଛନ୍ତି। ଗତ ୨-୩ଦିନ ହେଲା ପାଗ ମେଘୁଆ ଥିବାର ସୁଯୋଗରେ କେତେକ କାନ୍ଥ ବାଡ ତାଡି ପଥର ପର୍ଯ୍ୟନ୍ତ ତାଡି ନେଇ ବୋହିବାରେ ଲାଗିଛନ୍ତି। ଏ ସଂପର୍କରେ କେତେକ ବ୍ୟକ୍ତି ସିକୁରିଟି ବିଭାଗର ମୁଖ୍ୟଙ୍କୁ ଖବର ଦେବା ପରେ ସେ କାର୍ଯ୍ୟାନୁଷ୍ଠାନ ନେବା ସ୍ଥଳେ ନୀରବ ରହିଥିଲେ। ପୋଲିସ ମଧ୍ୟ ଏଠାରୁ ଚାଲିଥିବା ରୀତିମତ ଚୋରୀକୁ ରୋକିବାକୁ ସେଭଳି ଚେଷ୍ଟା କରୁନାହିଁ। ଏହି ଖୁଲମ ଖୋଲା ଚୋରୀ ଅନ୍ୟ ସାଧୁ ବ୍ୟକ୍ତିଙ୍କ ମନରେ ପ୍ରଭାବ ପକାଉଛି। ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ କାରଖାନାର ପୂର୍ବତନ ଶ୍ରମିକ ନେତା ତଥା ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ରାଉତ ଦାବୀ କରିଛନ୍ତି। କାରଖାନାର ସଂପତି ଲୁଟେରାଙ୍କ ସମେତ ଲୁଟ୍ କାର୍ଯ୍ୟକୁ ନୀରବ ସମର୍ଥନ ଦେଉଥିବା ଅଧିକାରୀଙ୍କ ବିରୋଧରେ ଇଡ଼କଲ ଅଧ୍ୟକ୍ଷ ଠୋସ ପଦକ୍ଷେପ ନେବେ ବୋଲି ଶ୍ରୀ ରାଉତ ଆଶାବ୍ୟକ୍ତ କରିଛନ୍ତି। କାରଖାନା ଯେତେ ରସାତଳଗାମୀ ହେଲେ ବି ଦୁର୍ନୀତି ଏହାର ପିଛା ଛାଡୁନି ! ଏସବୁ ଉପରେ ଖୋଲତାଡ ହେବାକୁ ଦାବୀ ଉଠିଛି।

ମନେରହିବ ସବୁକିଛି...

ଖୁବ୍ ଚିହ୍ନା ଚିହ୍ନା ଲାଗୁଛନ୍ତି ହେଲେ ନାଁଟା ମନେ ପଡୁନି। ମୋବାଇଲଟା କେଉଁଠି ରଖିଦେଲି ଖୋଜି ଖୋଜି ସମୟ ବରବାଦ। କିଛି ମନେ ରହୁନି ଆଜିକାଲି। ଏମିତି କଥା ଅନେକ ସମୟରେ ଶୁଣିଥିବେ ଆପଣ। ପିଲାଦିନର ସାଙ୍ଗ ଶ୍ରୀକାନ୍ତ ସେଦିନ ଭାରି ବ୍ୟସ୍ତ ହୋଇ ମୋ ଗାଁବୁଲା ଭିତରେ ବଖାଣୁଥିଲା ହେଲେ ମୋର ଭଲ ଭାବରେ ମନେଅଛି ଏହି ପାଠପଢୁଆ ସାଙ୍ଗ ଜଣଙ୍କ ଘୋଷା ବିଦ୍ୟା ଉପରେ ପାରଙ୍ଗମ ଥିବାରୁ ତାର ଗଣିତ ଓ ସଂସ୍କୃତରେ ଭଲ ରେଜଲ୍ଟ ହେଉଥିଲା। ବାସ୍ତବରେ ଶ୍ରୀକାନ୍ତ କଥା ବହୁତ ମନେପକାଇ ମୋ ମନୋବିଜ୍ଞାନ ଜ୍ଞାନ ଓ ତଥ୍ୟକୁ ଭିତ୍ତିକରି ଅନେକ ଉତ୍ତରକୁ ମୁଁ ମୋ ଭିତରୁ ହିଁ ଖୋଜିବାକୁ ଚେଷ୍ଟା କଲି। ହଁ ଶ୍ରୀକାନ୍ତ କଥା କହୁଥିଲିପରା, ହେଲେ ଏହାର ଅର୍ଥ ନୁହେଁ ଯେ ଶ୍ରୀକାନ୍ତର ସ୍ମରଣଶକ୍ତି ହ୍ରାସ ହୋଇଗଲାଣି। ପ୍ରକୃତରେ ଧ୍ୟାନ କେନ୍ଦ୍ରିତ ନହେବା ଓ ମନ ଅନ୍ୟ ଆଡ଼େ ରହିବା କାରଣରୁ ହିଁ ମୁଖ୍ୟତଃ ଏହା ହୁଏ। ଆପଣ ନିଜେ ଚାହିଁଲେ ସ୍ମରଣ ଶକ୍ତିକୁ ବଢ଼ାଇପାରିବେ। ସାଧାରଣତଃ ଲୋକେ ଭାବନ୍ତି ଆମର ମନେ ରଖିବା ଶକ୍ତି କମ ହୋଇଗଲାଣି। କିନ୍ତୁ ପ୍ରକୃତରେ ଏହା ସ୍ମୃତି ବିଭ୍ରମ ନୁହେଁ। ଏହାର କାରଣ ଅନ୍ୟମନସ୍କତା ଓ ଉଦବେଗ। ସ୍ମରଣଶକ୍ତିର ମୂଳ ଫର୍ମୁଲା ହେଉଛି ରେକର୍ଡ଼, ଷ୍ଟୋର ଓ ରି ପ୍ଲେ ଅର୍ଥାତ ଶୁଣିବା, ମନେ ରଖିବା ଓ ମନେପକାଇବା ଯଦି ଠିକ ଭାବରେ ଶୁଣି ନଥିବେ, ଠିକ ମନେ ରଖିନଥିବେ ତାହେଲେ ଠିକ ଭାବରେ ମନେ ପକେଇବେ କିପରି? ତେଣୁ ଯଦି କିଛି ମନେ ରଖିବାକୁ ଚାହାନ୍ତି ତାହେଲେ ତା ଉପରେ ଧ୍ୟାନ ଦିଅନ୍ତୁ। ଠିକ ଭାବରେ ଦେଖନ୍ତୁ ଶୁଣନ୍ତୁ ଓ ପୁଣି ମସ୍ତିଷ୍କରେ ଗଚ୍ଛିତ କରିଦିଅନ୍ତୁ। ତାପରେ ଏହା ଆଉ ମସ୍ତିଷ୍କରୁ ବାହାରିଯିବନି। **ମସ୍ତିଷ୍କକୁ ସକ୍ରିୟ ରଖନ୍ତୁ :** ଶରୀରକୁ ଫିଟ ରଖିବା ପାଇଁ ଯେମିତି ଶାରିରିକ ବ୍ୟାୟାମ ଆବଶ୍ୟକ ସେମିତି ମସ୍ତିଷ୍କକୁ ଫିଟ ରଖିବା ପାଇଁ ମାନସିକ ବ୍ୟାୟାମ ଆବଶ୍ୟକ। ପ୍ରକୃତରେ ଆମ ଶରୀରିକ ପ୍ରକ୍ରିୟା ଓ ମାନସିକ ପ୍ରକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ରହିଛି। ସେମିତି ହୃଦପିଣ୍ଡ ଶରୀରକ ରକ୍ତ ଯୋଗାଣ କରୁଛି ସେମିତି ମସ୍ତିଷ୍କ କୋଷଗୁଡ଼ିକ ସହ ସମ୍ପର୍କ ରଖେ। ମସ୍ତିଷ୍କ ଓ କୋଷଗୁଡ଼ିକ ମଧ୍ୟରେ ଯୋଗାଯୋଗ ଯେତେ ସ୍ୱାସ୍ଥ୍ୟକର ହେବ ବିଭିନ୍ନ ସଙ୍କେତ ସେତେ ଶୀଘ୍ର ଯାତାୟାତ କରିବେ। ଫଳରେ ମସ୍ତିଷ୍କ ଓ ସ୍ମରଣ ଶକ୍ତି ଦ୍ରୁତ ହେବ। ସ୍ମରଣ ଶକ୍ତି ଉନ୍ନତ କରିବା ପାଇଁ ମସ୍ତିଷ୍କକୁ ସକ୍ରିୟ ରଖିବା ଭଳି କାର୍ଯ୍ୟକଳାପ ଯଥା ବିଭିନ୍ନ ପହେଳି, କ୍ରସୱାର୍ଡ଼, ସୁଡ଼ୋକୁ ଆଦି ନିୟମିତ ଭାବରେ ସମାଧାନ କରନ୍ତୁ। ସାଙ୍ଗ ସାଥି ନମିଶିଲେ ଏକୁଟିଆ ହେଲେ ବି ଚେସ ଖେଳନ୍ତୁ। ଆଜିକାଲି ସ୍ମରଣଶକ୍ତି ବଢ଼ାଇବା ଉପଯୋଗୀ ଅନେକ କମ୍ପ୍ୟୁଟର ଗେମ ମଧ୍ୟ ଉପଲବ୍ଧ ହେଉଛି। ଦୈନିକ ଖବରକାଗଜ ପଢ଼ନ୍ତୁ। ଯିବା ଆସିବା ସମୟରେ ସବୁବେଳେ ଭିନ୍ନ ଭିନ୍ନ ବିକଳ୍ପ ରାସ୍ତା ଆପଣାନ୍ତୁ। କୌଣସି ବାଦ୍ୟଯନ୍ତ୍ର ବଜାଇବା ବା ବିଦେଶୀ ଭାଷା ଶିଖନ୍ତୁ। **କିଛି ନୂଆ କରନ୍ତୁ:** ସବୁବେଳେ କିଛି ନା କିଛି ନୂଆ କରନ୍ତୁ, ଏମିତି ଯାହା ଆପଣ ଆଗରୁ କେବେବି କରିନାହାନ୍ତି। ସପ୍ତାହରେ ଥରେ ଗୋଟିଏ ନଲଆ କାମ କରନ୍ତୁ କିମ୍ବା ନୂଆ କାମ ଶିଖନ୍ତୁ। ଏହି କାମ ଆପଣଙ୍କ ପସନ୍ଦର ହେବା ମଧ୍ୟ ଉଚିତ। **ମିଳାମିଶା ବଢ଼ାନ୍ତୁ :** କେବେବି ଏକୁଟିଆ ରୁହନ୍ତୁ ନାହିଁ। ପରିବାର ବର୍ଗ ସାଙ୍ଗସାଥୀ, ସାଇପଡ଼ିଶା ସମସ୍ତଙ୍କ ସହ ମିଶି ରୁହନ୍ତୁ। ଯଦି ପାଖରେ କେହି ସାଙ୍ଗସାଥୀ ବା ବନ୍ଧୁବାନ୍ଧବ ନାହାନ୍ତି ତେବେ ସକାଳୁ ପ୍ରାତଃଭ୍ରମଣରେ ନିକଟସ୍ଥ କେସଣସି ପାର୍କକୁ ଯାଆନ୍ତୁ। ନୂଆ ନୂଆ ଲୋକଙ୍କ ସହ ମିଶିବାର ସୁଯୋଗ ଆସିଯିବ। ସେ ମଧ୍ୟରୁ ନିଜ ପସନ୍ଦର ଲୋକଙ୍କ ସହ ଆପଣ ମିଳାମିଶା ବଢ଼ାଇ ପାରିବେ। ଲୋକଙ୍କ ସହ ସାମାଜିକ ସମ୍ପର୍କ ଅବସାଦ, ଦୁଃଶ୍ଚିନ୍ତା ବ୍ୟତୀତ ଆଲଜାଇମର୍ସ ପରି ରୋଗରୁ ରକ୍ଷା କରେ। ଏଗୁଡ଼ିକ ସ୍ମରଣଶକ୍ତି ହ୍ରାସର ମୁଖ୍ୟ କାରଣ। ଅନଲାଇନରେ ସୋସିଆଲ ନେଟୱାର୍କ ମଧ୍ୟ ମିଳାମିଶା ବଢ଼ାଇବାର ଏକ ଭଲ ଉପାୟ। ମାତ୍ର ଲୋକଙ୍କ ସହ ପ୍ରତ୍ୟକ୍ଷ ଭାବରେ ମିଶିବାର ସୁଯୋଗ ନଥିଲେ ହିଁ ଆପଣ ଏହି ବିକଳ୍ପ ଉପଯୋଗ କରିବା ଠିକ। **ବ୍ୟବସ୍ଥିତ ହୁଅନ୍ତୁ :** ସାଧାରଣତଃ ଜିନିଷପତ୍ର ଇତସ୍ତତ ଭାବରେ ପଡ଼ିଲେ କେଉଁଠି କଣ ରଖିଛୁ ତା ମନେ ପଡ଼େନି। ତେଣୁ ଗରୁରୀ ଓ ଅଳ୍ପ ଜରୁରୀ ଜିନିଷ ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ରଖନ୍ତୁ। ନିଜର କାମ, ଆପଏଣ୍ଟମେଣ୍ଟ ଓ ଅନ୍ୟାନ୍ୟ ଯୋଜନା ଡାଏରୀ, ପ୍ଲାନର କିମ୍ବା କ୍ୟାଲେଣ୍ଡରରେ ଲେଖି ରଖନ୍ତୁ। **ମଲ୍ଟି ଟ୍ୟାକ୍ସିଙ୍ଗଠାରୁ ଦୂରରେ :** ଏକାବେଳକେ ଅନେକ କିଛି କରିବାକୁ, ମନେ ରଖିବାକୁ ଚେଷ୍ଟା କରନ୍ତୁନି ଯାହା ମୁଖ୍ୟ ତା ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ। ଏକାବେଳକେ ଅନେକ ବିଷୟରେ ମୁଣ୍ଡ ପୁରାଇବା ଦ୍ୱାରା କୌଣସି କଥା ଠିକରେ ମନେ ରହେନି। **ଦୃଶ୍ୟାୟନ କରନ୍ତୁ :** କୌଣସି କାର୍ଯ୍ୟ ବା ପରିସ୍ଥିତିକୁ ମନେ ମନେ ଦୃଶ୍ୟାୟନ କରନ୍ତୁ। ଯେତେବେଳେ ସମୟ ମିଳୁଛି ପିଲା ଦିନର କୌଣସି କଥା ମନେ ପକାନ୍ତୁ। ନିଜ ଘର ବା ଗାଡ଼ି ଇତ୍ୟାଦି କେମିତି କରିବାକୁ ଚାହାନ୍ତି ତାର ଚିତ୍ର ମନରେ ଆଙ୍କନ୍ତୁ। ଏହାଦ୍ୱାରା ମସ୍ତିଷ୍କ ସକ୍ରିୟ ରହିବ ଏବଂ ଚାପରୁ ମୁକ୍ତି ମିଳିବ। **ଠିକ୍ ନିଦ ଓ ଖାଦ୍ୟ:** ଦୈନିକ ୭-୮ଘଣ୍ଟା ଶୋଇବା ସ୍ମରଣଶକ୍ତି ପାଇଁ ଭଲ। ଦୈନିକ ଫଳ, ସବୁଜ ପନିପରିବା ଓ ଉପଯୁକ୍ତ ପରିମାଣର କାର୍ବୋହାଇଡ୍ରେଟ ଖାଆନ୍ତୁ। ସକାଳୁ ପେଟଭର୍ତ୍ତି ଫଳ ଖାଇବା ଭଲ। ଏମିତି ଖାଦ୍ୟ ଖାଆନ୍ତୁ ଯେଉଁଥିରେ ଓମେଗା-୩ ଫ୍ୟାଟି ଏସିଡ଼ ପର୍ଯ୍ୟାପ୍ତ ପରିମାଣରେ ଥିବା ବାଦାମ, ପେସ୍ତ ଆଦିରେ ଓମେଗା-୩ ଫ୍ୟାଟି ଏସିଡ଼ ଥାଏ। ଏହା ସ୍ମରଣଶକ୍ତିକୁ ଦୃଢ଼ ରଖେ। ଦିନରେ ୮-୯ ଗ୍ଲାସ ପାଣି ପିଅନ୍ତୁ।

ଡାକ୍ତର ସମ୍ରାଟ କର, ଦି ବ୍ରେନ୍, ପୁରୀଘାଟରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ଗ୍ରାମାଂଚଳରେ ନୂତନ ପାଠାଗାର ସ୍ଥାପନର ଗୁରୁତ୍ୱ ରହିଛି

ଭୁବନେଶ୍ୱର (ପିଏନ୍): ରାଜ୍ୟ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ବାଲିକୁଦା ବ୍ଲକର ଅଢଙ୍ଗା ଗ୍ରାମସ୍ଥିତ 'ଦିବାକର ଦାସ ସ୍ମାରକୀ ପାଠାଗାର'କୁ ଉଦ୍‌ଘାଟକ ଭାବେ ଯୋଗଦେଇ ଲୋକାର୍ପିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଏହିଭଳି ପାଠାଗାର ସ୍ଥାପନ ଗ୍ରାମାଂଚଳରେ ପାଠାଗାର ଆନ୍ଦୋଳନକୁ ଉତ୍ସାହିତ କରିବ । ଏ ଦିଗରେ ବିଭିନ୍ନ ଅଂଚଳର ଜନପ୍ରତିନିଧି ଓ ଆଗ୍ରହୀ ବ୍ୟକ୍ତିମାନେ ଆଗେଇ ଆସିବାକୁ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ । ଘରୋଇ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରର ଉଦ୍‌ଘାଟନୀ ଦିବସରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ଏଥିରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବରଦା ପ୍ରସନ୍ନ ଦାସ ଯୋଗଦେଇ କହିଲେ ଯେ, ପାଠାଗାର ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ । ତତ୍‌ସହିତ ଆଧ୍ୟାତ୍ମିକ ପୁସ୍ତକ ଓ ପୁରାତନ ପୁସ୍ତକର ଅଧ୍ୟୟନ ଦ୍ୱାରା ସମାଜ ଅଧିକ ଶୃଙ୍ଖଳିତ, ଶିକ୍ଷିତ ହୋଇପାରିବ ବୋଲି ଶ୍ରୀ ଦାସ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ ପାଠାଗାରର ସ୍ମରଣିକା 'ସ୍ମୃତି ଅର୍ଘ୍ୟ'କୁ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବିଜେବି କଲେଜର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ସମ୍ମାନନୀୟ ବକ୍ତା ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ, ସମ୍ମାନିତ ଅତିଥି ଭାବେ ବାଲିକୁଦା ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀମତୀ ମଧୁସ୍ମିତି ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଦିବାକର ଦାସଙ୍କ ସ୍ମୃତିଚାରଣ କରିବା ସହିତ ପାଠାଗାରର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଢଙ୍ଗା ପଂଚାୟତ ସମିତି ସଭ୍ୟ ଶ୍ରୀ ଜଟାଧାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ବହୁ ସଂଖ୍ୟାରେ ଜନସାଧାରଣ, ପାଠକପାଠିକା, ଶିକ୍ଷକ ଓ ଜନପ୍ରତିନିଧି ଯୋଗଦାନ କରିଥିଲେ ।

ନାଗରିକତା ଆଇନ୍ ଓ ଏନ୍‌ଆର୍‌ସିକୁ ବିରୋଧ କରି ବିଶାଳ ଶୋଭାଯାତ୍ରା

ରାଉରକେଲା (ପିଏନ୍): କେନ୍ଦ୍ର ସରକାରଙ୍କ ନାଗରିକତା ସଂଶୋଧନ ଆଇନ୍ ଓ ପ୍ରସ୍ତାବିତ ଏନ୍‌ଆର୍‌ସିକୁ ବିରୋଧ କରି ବୀରମିତ୍ରପୁରରେ ଏକ ବିଶାଳ ପ୍ରତିବାଦ ବିକ୍ଷୋଭ ଶୋଭାଯାତ୍ରା ସୁନ୍ଦରଗଡ ସଂସଦୀୟ କ୍ଷେତ୍ରରେ କଂଗ୍ରେସ ନେତା ତଥା ବୀରମିତ୍ରପୁରର ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭ ଶୋଭାଯାତ୍ରା ବୀରମିତ୍ରପୁରସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଏହି ଅବସରରେ ସାଜିଦ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଏବଂ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ପୂର୍ବତନ ନଗରପାଳ ଶଶି ସାଗର ଓ ମେରୀ ସାମଲି ଡୁଙ୍ଗଡୁଙ୍ଗ, ବରିଷ୍ଠ ନେତା ଗୁଲାମ ଅହମ୍ମଦ, ଜଗଦିଶ ପ୍ରସାଦ ଅଗ୍ରୱାଲ, ଆର୍‌ସି ଚର୍ଚ୍ଚ ଫାଦର ଥୋମାସ ଲାକ୍ରା ପ୍ରମୁଖ ବକ୍ତବ୍ୟ ରଖି ସବୁ କ୍ଷେତ୍ରରେ ବିଫଳ ମୋଦି ସରକାର ନିଜର ବିଫଳତାଠାରୁ ଦେଶବାସୀଙ୍କ ନଜର ଏଡାଇବା ପାଇଁ ନାଗରିକତା ସଂଶୋଧନ ଆଇନ୍ ଆଣିବା ସହିତ ଦେଶବ୍ୟାପୀ ଏନ୍‌ଆର୍‌ସି ଲାଗୁ କରିବା ପାଇଁ ଯୋଜନା କରୁଛନ୍ତି ବୋଲି କହିଥିଲେ । ସମ୍ପ୍ରତି ଦେଶରେ ଘୋର ଆର୍ଥିକ ମାନ୍ଦାବସ୍ଥା ଚାଲିଥିବା ବେଳେ ବେକାରୀ ସମସ୍ୟା ହୁ ହୁ ହୋଇ ବଢିବାରେ ଲାଗିଛି । ଦରଦାମ୍ ଆକାଶଛୁଆଁ ହୋଇଥିବା ବେଳେ କୃଷକମାନଙ୍କ ସମସ୍ୟା ସମାଧାନ କରାଯାଇପାରୁନାହିଁ । ମହିଳାମାନେ ସ୍ୱଷ୍ଟ ଦିବାଲୋକରେ ନିଜକୁ ସୁରକ୍ଷିତ ମଣୁନଥିବା ବେଳେ ଛାତ୍ର ଓ ଯୁବସମାଜ ସେମାନଙ୍କ ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡିଛନ୍ତି । କଳକାରଖାନା ବନ୍ଦ ହେବାରେ ଲାଗିଛି । ଜିଡିପି ୪ ପ୍ରତିଶତରୁ କମ୍ ବୋଲି ଖୋଦ୍ ବିଜେପି ସାଂସଦମାନେ ସର୍ବସାଧାରଣରେ ପ୍ରକାଶ କରୁଛନ୍ତି । ତେଣୁ ଏ ସବୁଥିରୁ ଲୋକମାନଙ୍କ ଧ୍ୟାନ ହଟାଇବା ପାଇଁ ନାଗରିକତା ସଂଶୋଧନ ଆଇନ୍ ଆଣି ଦେଶବାସୀଙ୍କ ଭିତରେ ବିଭେଦ ସୃଷ୍ଟି କରୁଛନ୍ତି ବୋଲି ନେତୃବୃନ୍ଦ ଅଭିଯୋଗ କରିଥିଲେ । ଦେଶର ଗୃହମନ୍ତ୍ରୀ ସମଗ୍ର ଦେଶରେ ଏନ୍‌ଆର୍‌ସି ଲାଗୁ ହେବ ବୋଲି ପାର୍ଲିଆମେଣ୍ଟରେ ଘୋଷଣା କରିଥିବା ବେଳେ ପ୍ରଧାନମନ୍ତ୍ରୀ ଏନ୍‌ଆର୍‌ସିକୁ ନେଇ କୌଣସି ଚର୍ଚ୍ଚା ହୋଇନାହିଁ ବୋଲି ସର୍ବସାଧାରଣରେ ପ୍ରକାଶ କରି ଦେଶବାସୀଙ୍କୁ ବୋକା ବନାଇବାକୁ ଉଦ୍ୟମ କରୁଛନ୍ତି । ତେଣୁ ଏସବୁର କଡା ଜବାବ ଦେବା ପାଇଁ ଦେଶବାସୀଙ୍କ ସହ ବୀରମିତ୍ରପୁରବାସୀ ହିନ୍ଦୁ, ମୁସଲିମ୍, ଶିଖ, ଇସାଇକ୍ ସବୁ ସମ୍ପ୍ରଦାୟର ଭାଇଭଉଣୀମାନେ ରାସ୍ତାକୁ ଓହ୍ଲାଇଥିବାରୁ ସମସ୍ତଙ୍କୁ ବକ୍ତାମାନେ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ତହସିଲଦାରଙ୍କ ଜରିଆରେ ଭାରତର ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ଦିଆଯାଇ ତୁରନ୍ତ ନାଗରିକତା ସଂଶୋଧନ ଆଇନ୍ ବାତିଲ୍ କରିବା ସହିତ ଦେଶରେ ଏନ୍‌ଆର୍‌ସି ଲାଗୁ ନ କରିବା ପାଇଁ ସରକାର ସ୍ୱଷ୍ଟ ଘୋଷଣା କରିବାକୁ ଦାବି କରିଥିଲେ । ଅନ୍ୟଥା ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ଏହି ଅବସରରେ ନେତୃବୃନ୍ଦ ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଶେଷରେ ରୋହିତ ଯୋଶେଫ ତିର୍କୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ନେତା ଅରକ୍ଷିତ ବିଭାର, ମାନସ ରଂଜନ ନନ୍ଦ, ବିକ୍ରମ ପଟ୍ଟନାୟକ, ଜୟଶଙ୍କର ନନ୍ଦ, ଅବଦ୍ଦୁଲା ଖାନ, ଫଇମ ଖାନ, ରାମାନନ୍ଦ ଶ୍ରୀଚନ୍ଦନ, କୈଳାସ ସାହୁ, ସୌକତ ଅଲ୍ଲୀ, ଅଜୟ ମୁଣ୍ଡୁ, କାର୍ତ୍ତିକ ମସାନ୍ତ, ଇରଶାଦ ଖାନ, ସୁଲେମାନ କାଉଡିଆ, ପ୍ରକାଶ ସାହୁ, ରାଜନ ଦାସ, ଇଏଲ୍ ଚର୍ଚ୍ଚ ପ୍ରତିନିଧି ଏଡୱାର୍ଡ କାଣ୍ଡୁଲନା ଓ ନମଜାନ ବାଗେ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରା ପରିଚାଳନା ତଥା କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ପୌରାଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳରୁ ହିନ୍ଦୁ, ମୁସଲିମ, ଶିଖ, ଇସାଇକ ସମ୍ପ୍ରଦାୟର ହଜାର ହଜାର ସଂଖ୍ୟାରେ ଭାଇଭଉଣୀମାନେ ଅଂଶଗ୍ରହଣ କରିଥିଲେ ।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ଭୁବନେଶ୍ୱର, ୨୦୨୦, ଜାନୁଆରୀ ୨୧

ଜନସଂଖ୍ୟା ୧୩୦ କୋଟି: ସୁଲକ୍ଷଣ ନା କୁଲକ୍ଷଣ ?

ଭାରତର ଜନସଂଖ୍ୟା ୧୩୦ କୋଟିରୁ ଅଧିକ ହେଲା । ଏହା ସୁଲକ୍ଷଣ ନା କୁଲକ୍ଷଣ ? ଅନେକଙ୍କ ପାଇଁ ଏଇ ବିଶାଳ ସଂଖ୍ୟା ଏକ ଚିନ୍ତାର କାରଣ । ତେଣୁ ନିଶ୍ଚିତ ଭାବେ କୁଲକ୍ଷଣ । ତେବେ ବିଭିନ୍ନ ସପିଙ୍ଗ ମଲ୍‌ର ଅଫର ଏବଂ ବିଭିନ୍ନ ଖାଦ୍ୟ ଗୋଦାମରେ ମହଜୁଦ୍ ଥାଇ ନଷ୍ଟ ହେଉଥିବା ଖାଦ୍ୟଶସ୍ୟର ପରିମାଣକୁ ବିଚାରକୁ ନେଲେ ଏହି ସଂଖ୍ୟା କ'ଣ ସତରେ ବେଶୀ ? ଏପରି ଏକ ପ୍ରଶ୍ନ ମନକୁ ଆସେ । ଆଜି ଦିନରେ ବିଭିନ୍ନ ସହର ବଜାରର ବଡ଼ ବଡ଼ ସପିଙ୍ଗ୍ ମଲ୍‌ରେ ବିକ୍ରି ହେଉଥିବା ଅନେକ ସାମଗ୍ରୀର ଅଫର ଏପରି ଚିନ୍ତାର ମୂଳ କାରଣ । ଏଠି ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣା ଦିଅନ୍ତି । ଅର୍ଥାତ୍ ଯେଉଁ ପରିମାଣର ସାମଗ୍ରୀ ତିଆରି ହୋଇଛି ସେଇ ସଂଖ୍ୟକ ଲୋକ ନଥିବାରୁ ଆଉ ଗୋଟିଏ ମାଗଣାରେ ଦିଆଯାଉଛି । ଦେଶର ବିଭିନ୍ନ ଖାଦ୍ୟ ଗୋଦାମରେ ମହଜୁଦ୍ ଥିବା ଧାନ, ଚାଉଳ, ଗହମ ଯେଉଁ ପରିମାଣରେ ନଷ୍ଟ ହେଉଛି ତାକୁ ଦେଖିଲେ କିଏ କହିବ ଏ ଦେଶରେ ଜନସଂଖ୍ୟା ବିସ୍ଫୋରଣ ଏକ ସମସ୍ୟା ? ଯେ କୌଣସି ପଦାର୍ଥ ଆବଶ୍ୟକତାଠାରୁ ଅଧିକ ଥିଲେ ତାହା ନଷ୍ଟ ହୁଏ । କମ୍ ଥିଲେ ସେଥିପ୍ରତି ମଣିଷ ଯତ୍ନବାନ ହୁଏ । ହାଉଯାଉ ହେଲେ ପଦାରେ ପଡ଼ି ଖତ ଖାଏ । ତା'ହେଲେ କେଉଁଟା ସତ୍ୟ ? ସରକାର ସବୁବେଳେ କହୁଛନ୍ତି–'ଦେଶରେ ଗଚ୍ଛିତ ବିଦେଶୀ ମୁଦ୍ରାର ସିଂହ ଭାଗ ତୈଳ ଆମଦାନୀରେ ଖର୍ଚ୍ଚ ହେଉଛି । ଗାଡ଼ି ମୋଟର ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ତେଲ ଚାହିଦା ତା'ସହିତ ତାଳଦେଇ ବଢୁଛି । ତେଣୁ ସେଇ ପରିମାଣର ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରାଯାଉଥିବାରୁ ଏଥିପାଇଁ ଅଧିକ ବିଦେଶୀ ମୁଦ୍ରା ଆବଶ୍ୟକ ହେଉଛି । ଏହି ଯୁକ୍ତି କ'ଣ ପ୍ରକୃତରେ ସତ୍ୟ ? ବୋଧହୁଏ ନା । ଏହା ଯେ ସତ୍ୟ ନୁହେଁ ତାହା ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ତେଲ ଟାଙ୍କିରେ ମରା ହୋଇଥିବା ବିଜ୍ଞାପନରୁ ବେଶ ବୁଝିହୁଏ । ବିଜ୍ଞାପନଟି ଅଧିକ ତେଲ ବ୍ୟବହାର ପାଇଁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଦିଗରେ ଉଦ୍ଦିଷ୍ଟ । ଏଥିରେ ଲେଖା ହୋଇଛି– 'ଆପଣ ଯଦି ୫୦୦ ଟଙ୍କାରେ ତେଲ କିଣିବେ ତା'ହେଲେ ଗୋଟେ ରଙ୍ଗିନ ଛତା ଉପହାର ମିଳିବ । ଯିଏ ୨୦୦ ଟଙ୍କାର ତେଲ ପକାଇବାକୁ ଯାଉଥିବ ସେ ଏଇ ଛତା ଲୋଭରେ ୫୦୦ ଟଙ୍କାର ତେଲ ପକାଇବାକୁ ଆଗ୍ରହୀ ହେବା ସ୍ୱାଭାବିକ । ୨୦୦ ଟଙ୍କାର ତେଲ ପକାଉଥିଲେ ଯେତେଦୂର ଗାଡ଼ି ଚାଲିଥା'ନ୍ତା ୫୦୦ ଟଙ୍କାର ତେଲ ପକାଇଥିବାରୁ ତାକୁ ଅଧିକ ବାଟ ଯିବାକୁ ଇଚ୍ଛା ହେବ ନା ନାହିଁ ? ତେଲ ବାବଦରେ ଅଧିକ ବୈଦେଶିକ ମୁଦ୍ରା ଆବଶ୍ୟକ ହେଉଛି ଏହି ଯୁକ୍ତି ଏହି ବିଜ୍ଞାପନର କେଉଁ ଅଂଶ, ଭାବିଲେ ଥଳକୂଳ ମିଳେନା । ଭାରତର ଲୋକସଂଖ୍ୟା ବିଚାରକୁ ନେଲେ ଏ ଦେଶକୁ ଆଖପାଖର ଦେଶମାନେ ଭୟ କରିବା କଥା । କିନ୍ତୁ ସେମାନେ ଭୟ କରିବା ବଦଳରେ ଧମକାଉଛନ୍ତି । ଏହାର କାରଣ ଆଉ ଯାହା ହୋଇଥାଉନା କାହିଁକି, ଆମ ଦେଶରେ ମଣିଷର ଶକ୍ତି ଏବଂ ସାମର୍ଥ୍ୟର ଉପଯୁକ୍ତ ମୂଲ୍ୟାୟନ ହୋଇନାହିଁ କି ହେଉନାହିଁ । ଯେଉଁ କାରଣରୁ ୧୩୦ କୋଟି ଲୋକ ଥାଇ ସୁଦ୍ଧା ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣାରେ ମିଳୁଛି । ଖାଦ୍ୟ ଗୋଦାମରେ ଲକ୍ଷ ଲକ୍ଷ ଟନ୍ ଖାଦ୍ୟଶସ୍ୟ ନଷ୍ଟ ହେଉଛି । କିଛି ଲୋକ ଖିରୀପୁରୀରେ ଭାସୁଥିବା ବେଳେ ଆଉ କିଛି ଲୋକ କୋଟି କୋଟି ଟନ୍ ଖାଦ୍ୟଶସ୍ୟ ଥାଇ ସୁଦ୍ଧା ଅନାହାରରେ ସଢୁଛନ୍ତି । ଭାରତର ୧୪ ଭାଗରୁ ଭାଗେ ଆୟତନର ଦେଶ ଭାରତକୁ ଧମକାଉଛି । କାରଣ ଆମ ଦେଶରେ ଜନସଂଖ୍ୟାକୁ ସମ୍ବଳ ବୋଲି ବିଚାର ନକରି ତାକୁ ସମସ୍ୟା ଭାବେ ଗ୍ରହଣ କରି ତା'ର ପ୍ରତିକାର ବ୍ୟବସ୍ଥା ଆମେ ଖୋଜୁଛୁ । ମୁମ୍ବାଇର ଲୋକସଂଖ୍ୟାର ଦୁଇଗୁଣ ଲୋକ ସାଂଘାଇରେ ରୁହନ୍ତି । କିନ୍ତୁ ସାଂଘାଇ ତୁଳନାରେ ମୁମ୍ବାଇ ୧୦ ଗୁଣ ଅପରିଷ୍କାର, ବିପର୍ଯ୍ୟସ୍ତ ଏବଂ ବିଶୃଙ୍ଖଳିତ । ଏହାର ଏକମାତ୍ର କାରଣ, ମଣିଷକୁ ଆମେ ସମ୍ବଳ ବୋଲି ଭାବୁନାହୁଁ ।

ଆଜିର ଅନୁଚିନ୍ତା

ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମ୍ଭେମାନେ ଭୟ କରିବା ଉଚିତ ।

ଭକ୍ତ ପରୀକ୍ଷା

ଆଧାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ ....

ଈଶ୍ୱର ସମୟେସମୟେ ଆପଣା ଭକ୍ତର ନିଷ୍ଠା ପରୀକ୍ଷା ନେଇଥାନ୍ତି । ପରୀକ୍ଷାରେ ଯିଏ ଉତ୍ତୀର୍ଣ୍ଣ ହୁଏ ସେ ପ୍ରକୃତ ଈଶ୍ୱରଭକ୍ତ ଭାବରେ ପରିଗଣିତ ହୋଇଥାଏ । ଯାହାଙ୍କର ମନରେ ଛନ୍ଦକପଟ ଥାଏ, ଯିଏ ବେଇମାନ ପ୍ରକୃତିର ଈଶ୍ୱର ତା'ସହ ସବୁ ସମ୍ପର୍କ ଛିନ୍ନ କରି ଦେଇଥାନ୍ତି । ଅନ୍ୟ ପକ୍ଷରେ ନିଃସ୍ୱାର୍ଥ ଓ ଅବିଚଳ ଭକ୍ତି ପାଖରେ ଈଶ୍ୱର ବାନ୍ଧି ହୋଇଯାଇଥାନ୍ତି । ସେ ହିଁ ତାଙ୍କର ଅଧିକ ପ୍ରିୟ ହୋଇଥାନ୍ତି, ଯାହାଙ୍କଠାରେ ମଣିଷପଣିଆ ଥାଏ, ମଣିଷ ପ୍ରତି ଦରଦ, ସ୍ନେହ, ସହାନୁଭୂତି ଥାଏ । ପବିତ୍ର ଶିବରାତ୍ରି ଅବସରରେ ମନ୍ଦିରରେ ଗହଳଚହଳ ଲାଗିଥାଏ । ମନ୍ଦିରର ଶିବଲିଙ୍ଗ ପଶ୍ଚାତରେ ଥିବା ଗୋଟିଏ ଥାଳି ହଠାତ ସଭିଙ୍କ ନଜରରେ ପଡ଼ିଲା । ଏହା ଥିଲା ସୁବର୍ଣ୍ଣନିର୍ମିତ । ମନ୍ଦିରରେ ପୂଜା ଚାଲିଥିଲେ ମଧ୍ୟ ଏହା କାହାରି ନଜରରେ ପଡ଼ି ନ ଥିଲା । ସେହି ଥାଳିରେ ଲେଖା ଥିଲା, 'ଏହା ସଚ୍ଚୋଟ, ଶିବଭକ୍ତର ପ୍ରାପ୍ୟ ।' କାଶୀରାଜ ମନ୍ଦିରକୁ ଦେବଦର୍ଶନ ନିମିତ୍ତ ଆସିଥାନ୍ତି । ଏହା ଜାଣିବା ପରେ ସେ ରାଜକର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଲେ ଏହା ସର୍ବତ୍ର ପ୍ରଚାର କରିଦେବାକୁ । ମନ୍ଦିର ପରିସରରେ ଉପସ୍ଥିତ ଲୋକଙ୍କ ଭିତରେ ଏନେଇ ଉତ୍ସୁକତା ବଢ଼ିଲା । ରାଜାଦେଶ ଥିଲା ଯିଏ ନିଜର ଭକ୍ତି ପ୍ରମାଣିତ କରିବ, ସେ ହିଁ ଏହାର ଯୋଗ୍ୟ ଅଧିକାରୀ । ସର୍ବପ୍ରଥମେ ମନ୍ଦିରର ପୂଜକ ଆଗକୁ ଆସି କହିଲେ– ମୁଁ ନିଷ୍ଠାରସହ ସର୍ବଦା ତାଙ୍କର ପୂଜାକାର୍ଯ୍ୟ ମାଧ୍ୟମରେ ସେବା କରୁଛି । ଏଣୁ ଏହା ମୋର ପ୍ରାପ୍ୟ । ମୋଠାରୁ ଆଉ ବଡ଼ ଭକ୍ତ କେହି ହୋଇ ନପାରନ୍ତି ।' ରାଜା ଥାଳିଟି ପୂଜାରୀଙ୍କୁ ଦେବାକୁ ଯିବା ସମୟରେ ଅଦ୍ଭୁତ ଘଟଣା ଘଟିଲା । ସୁନାର ଥାଳିଟି ପିତ୍ତଳ ଥାଳି ପାଲଟି ଗଲା । ପୂଜାରୀ ଗ୍ଲାନି ଅନୁଭବ କରି ହଟିଗଲେ । ଆସିଲେ ଜଣେ ତପସ୍ୱୀ । ଆପଣାର ଯୋଗ, ତପ ବଳ ଆଧାରରେ ସେ ଏହାର ଦାବିଦାର ବୋଲି କହିଲେ । ହେଲେ ସେ ନେବା ସମୟରେ ଅନୁରୂପ ଘଟଣା ଘଟିଲା । ଆଉ କିଛି ଏହିଭଳି ଉଦ୍ୟମ କରିଥିଲେ, ହେଲେ ପ୍ରତ୍ୟେକ କ୍ଷେତ୍ରରେ ଏହା ପିତ୍ତଳ ହୋଇଯାଇଥିଲା । ଏହି ସମୟରେ ଜଣେ କୃଷକ ବହୁତଦୂର ସ୍ଥାନରୁ ଦେବଦର୍ଶନ ନିମନ୍ତେ ଆସୁଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଅତୁଟ ନିଷ୍ଠା ଥିଲା । କାମରୁ ଯେତେବେଳେ ଅବସର ମିଳୁଥିଲା, ସେ ଈଶ୍ୱର ଆରାଧନାରେ ସମୟ ଅତିବାହିତ କରୁଥିଲେ । ଅବଶିଷ୍ଟ ସମୟ କୃଷିକ୍ଷେତ୍ରରେ କଠୋର ଶ୍ରମ କରିଥାନ୍ତି । ସାଥୀରେ ଥିବା ଗଣ୍ଠିଲିରେ କିଛି ଛତୁଥିଲା । ରାସ୍ତାରେ ସେ ଦେଖିବାକୁ ପାଇଲେ କ୍ଷୁଧା ତୃଷାରେ ଆତୁର ଜଣେ ବୃଦ୍ଧ ଭିକାରିଙ୍କୁ । ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁମାନେ ସେହି ଦୁଃସ୍ଥ ବ୍ୟକ୍ତିଙ୍କଆଡ଼େ ଟିକେ ନଜର ପକାଇ ଦେଇ ମୁହଁ ଆଡ଼େଇ ଚାଲିଯାଉଥାନ୍ତି । ସୁନାର ଥାଳି ପ୍ରାପ୍ତି ଆଶାରେ ସମସ୍ତେ ଏକମୁହାଁ ହୋଇ ମନ୍ଦିର ଆଡ଼େ ଧାଉଁଥାନ୍ତି । କାହାରି ସେ ଦିଗରେ ନଜର ନଥାଏ । କୃଷକଟି ସେହି ପୀଡ଼ିତ ବ୍ୟକ୍ତିଙ୍କୁ ଦେଖି ଅଟକିଗଲେ, ତାଙ୍କୁ ଖାଦ୍ୟ ଓ ପାନୀୟ ଦେଲେ । ଟିକେ ସୁସ୍ଥ ହେବା ପରେ ନିକଟସ୍ଥ ଧର୍ମଶାଳାରେ ତାଙ୍କର ବିଶ୍ରାମର ବ୍ୟବସ୍ଥା କରାଇ ମନ୍ଦିର ଦିଗରେ ଅଗ୍ରସର ହେଲେ । ମନ୍ଦିରରେ ପହଞ୍ଚିବା ମାତ୍ରେ ଅବିଶ୍ୱସନୀୟ ଭାବରେ ରାଜାଙ୍କ ହାତରୁ ସୁବର୍ଣ୍ଣ ଥାଳିଟି କୃଷକଙ୍କ ହାତକୁ ଚାଲିଆସିଲା । ସମସ୍ତେ ଆଚମ୍ବିତ ହୋଇ ଏହି ଅଦ୍ଭୁତ ଦୃଶ୍ୟ ଦେଖୁଥାନ୍ତି । ଏହି ସମୟରେ ଆକାଶବାଣୀ ହେଲା– 'ଯିଏ ଆତ୍ମସାମର୍ଥ୍ୟକୁ ଯଥାର୍ଥ ଭାବେ ଉପଯୋଗ କରେ ସେ ହିଁ ଯଥାର୍ଥ ଭକ୍ତ, ମୋର ଅତି ପ୍ରିୟ ଅଟେ ।'

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଆଦିବାସୀମାନେ ବିକଳ୍ପ ସମାଜ ଗଢ଼ି ପାରିବେ କି ?



ଅଚ୍ୟୁତ ଦାସ

ଆଦିବାସୀ ଗାଆଁମାନଙ୍କୁ ଯାଇ ସେମାନଙ୍କର ଗାଆଁର ଇତିହାସ ଜାଣିବା ଏକ ଚମତ୍କାର ବୌଦ୍ଧିକ ଓ ଆବେଗଭରା ଯାତ୍ରା । ଶୀତ ସନ୍ଧ୍ୟା ନଇଁ ଆସୁଥିବ । ଗାଆଁ ଦାଣ୍ଡରେ ଦୁଇଟି କାଠଗଣ୍ଡିରୁ ନିଆଁ ଓ ଧୂଆଁ ବାହାରୁଥିବ । ପିଲାଛୁଆ, ଧାଙ୍ଗଡ଼ା ଧାଙ୍ଗଡ଼ୀ, ବୁଢ଼ାବୁଢ଼ୀମାନେ ଚାରିପାଖରେ ବସିଥିବେ । କିଏ ଜଣେ ଅଧେ ମାଣ୍ଡିଆ ଲନ୍ଦା ବା ମହୁଲୀମଦ ପିଇ ଟିକିଏ ନିଶାଗ୍ରସ୍ତ ଥିବ । ଦିନ ଯାକର ପରିଶ୍ରମ ପରେ ଏବେ ଟିକିଏ ଆରାମ୍ କରିବାର ବେଳ । ସେ ସମୟରେ ସମସ୍ତେ ଗୋଟାଏ ପ୍ରକାରର ମୁକ୍ତି ଓ ସ୍ୱାଧୀନତାର ଅପୂର୍ବ ସ୍ୱର୍ଶରେ ସମ୍ମୋହିତ । କଥା ଓ କାହାଣୀକୁ ଲମ୍ୱେଇ ଲମ୍ୱେଇ କହିବାର ସମୟ ଉପସ୍ଥିତ । ଆଦିବାସୀ ଅଂଚଳରେ ଛୋଟ ବଡ଼ ଅନେକ ଗାଆଁ । କେଉଁଠି ଗାଆଁଟିରେ ଘର ସବୁ ଲଗାଲଗି ହୋଇ ତିଆରି ହୋଇଛି ତ ଅନ୍ୟ କେଉଁଠି ଘର ସବୁ ବିକ୍ଷିପ୍ତ ଭାବେ ତିଆରି ହୋଇ ବସତି ସ୍ଥାପନ ହୋଇଛି । ଆଦିବାସୀ ଗାଆଁର ଦୁଇଟି ସୀମାରେଖା । ଗୋଟିଏ ହେଉଛି ଜମିଜଙ୍ଗଲକୁ ନେଇ ଏକ ସରକାରୀ ସୀମା । ଏହା ଛଡ଼ା ଗ୍ରାମବାସୀଙ୍କର ଏକ ନିଜସ୍ୱ ସାମାଜିକ ସୀମା ଅଛି ଯାହାକୁ ନେଇ ସେମାନଙ୍କର ସବୁ ପ୍ରକାର ଅଧିକାର ନିର୍ଣ୍ଣୟ କରାଯାଇଛି । ସେଇ ସୀମା ଭିତରେ ଥିବା ଜମି, ଜଳ, ଜଙ୍ଗଲ ଓ ସବୁପ୍ରକାର ଉତ୍ପାଦନ ଉପରେ ସେମାନଙ୍କର ମାଲିକାନା । ବେଳେବେଳେ ସରକାରୀ ରେକର୍ଡ଼ରେ ଥିବା ଗାଆଁର ସୀମା ଓ ଗ୍ରାମବାସୀଙ୍କ ସାମାଜିକ ସୀମା ମିଶେ ନାହିଁ ଓ ଅନେକ ପ୍ରକାରର ଗଣ୍ଡଗୋଳ ସୃଷ୍ଟି ହୁଏ । ଗୋଟିଏ ଡଙ୍ଗର ଉପରେ ପୋଡୁଚାଷ କରିବା, କାଠ ବାଉଁଶ ଆଦି ଆଣିବାର ଅଧିକାର ଲିଖିତ ଭାବେ ନଥିଲେ ମଧ୍ୟ ପରମ୍ପରା ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ପୁରୁଷ ପୁରୁଷ ଧରି । ତାହାକୁ ଉଲଂଘନ କରିବା ଅର୍ଥ ଏହି ପାରମ୍ପରିକ ଅଧିକାରକୁ ଉଲଂଘନ କରିବା । କିନ୍ତୁ ଆଦିବାସୀ ସମାଜରେ ନ୍ୟାୟିକ ବ୍ୟବସ୍ଥା ଏପରି ଥାଏ ଯେ ପାରମ୍ପରିକ ଅଧିକାର ପ୍ରାୟ ଉଲଂଘନ ହୁଏ ନାହିଁ । କିନ୍ତୁ ଏବେ ପରିସ୍ଥିତି ବଦଳିଯାଇଛି । ଆର୍ଥିକ ଓ ରାଜନୈତିକ ଦୃଷ୍ଟିକୋଣରୁ ହେଉ ବା ଅଭାବ କାରଣରୁ ହେଉ, ଗୋଟିଏ କ୍ଷମତାଶାଳୀ ଗାଆଁ ଅନ୍ୟ ଏକ ଗାଆଁର ପ୍ରାକୃତିକ ସମ୍ପଦକୁ ଦଖଲ କରିବାକୁ ଚେଷ୍ଟା କରନ୍ତି । ଗୋଟିଏ ଗାଆଁ ଜଙ୍ଗଲ ସୁରକ୍ଷା କରିଥିଲେ, ପାଶ୍ୱବର୍ତ୍ତି ଗାଆଁର ଲୋକେ ତା'କୁ ନଷ୍ଟ କରି ଦିଅନ୍ତି । ଗୋଟିଏ ଗାଆଁର ଚାଷୀ ଭଲ ଫସଲ କରିଦେଲେ ତାକୁ ଅନ୍ୟ ଗାଆଁର ଲୋକେ ଉଜାଡ଼ି ଦିଅନ୍ତି । କେଉଁଠି କେଉଁଠି ଚୋରି ମଧ୍ୟ ହେବାର ଘଟଣା ଘଟିଗଲାଣି ଯାହା ଆଦିବାସୀ ସମାଜରେ ନଥିଲା । ଏହିଭଳି ସବୁ ବଦଳିବାର ସ୍ରୋତକୁ ଲକ୍ଷ୍ୟ କରିଲେ ଆଦିବାସୀ ସମାଜ କେଉଁ ଦିଗକୁ ଗତି କରୁଛି ତାହା ଅନୁମାନ କରିହୁଏ । କିନ୍ତୁ ଆଦିବାସୀ ଗାଆଁମାନଙ୍କର ଭୌଗୋଳିକ ଅବସ୍ଥିତି ଓ ନାମକରଣରୁ ଅନେକ କିଛି ଜାଣିହୁଏ । କେଉଁ କେଉଁ ଗାଆଁ ନାମର ଶେଷରେ ପଦର, ଶୀଳା, ଗୁମ୍ଫା, ଗୁଡ଼ା ଆଦି ଲାଗିଥାଏ । ପଡ଼ିଆ ଜମିରେ ଗାଆଁ ବସିଥିଲେ ତାହାକୁ ପଦର କୁହାଯାଏ । ପଥର ଚଟାଣ ଉପରେ ବସତି ସ୍ଥାପନ ହୋଇଥିଲେ ଗାଆଁର ନାମ ପଛରେ ଶୀଳା ଲାଗିଥାଏ । ଜଙ୍ଗଲ ଭିତରେ ବସତି ଆରମ୍ଭ ହୋଇଥିଲେ ତାହାକୁ ଗୁମ୍ଫା କୁହାଯାଏ । କିନ୍ତୁ ଗାଆଁର ବସତି କେବେ ଓ କିପରି ଆରମ୍ଭ ହେଲା, ତାହା ଗୋଟାଏ କାହାଣୀ ଭଳି ଲାଗେ । ଏହାକୁ କୁହାଯାଏ ଲୋକ ଇତିହାସ । ଗାଆଁରେ ବୁଢ଼ାବୁଢ଼ୀ ଲୋକମାନେ ମନେ ପକାଇ କହିବେ ଯେ ଗାଆଁକୁ କିଏ ପ୍ରଥମେ ଆସିଥିଲା ଓ କେଉଁ ଗାଆଁରୁ ଆସିଥିଲା ଗାଆଁଟିକୁ ପ୍ରତିଷ୍ଠା କରିବା ପାଇଁ । ଅନେକ ଲୋକ କହିବେ ଯେ ଗାଆଁ ବସିବା ପୂର୍ବରୁ ସେଠାରେ ଘଂଚ ଜଙ୍ଗଲ ଥିଲା । ତେଣୁ ପୋଡ଼ଚାଷ ପାଇଁ ଉପଯୁକ୍ତ ଅଥବା ପାଖରେ ଝରଣା ଅଛି ଯାହା ଭିତରୁ ଝୋଲା ଜମି ବାହାର କରି ହେବ । ଜଣେ ପ୍ରଥମେ ଆସି ବସାବାନ୍ଧିଲା ପରେ ଧୀରେ ଧୀରେ ଅନ୍ୟମାନେ ଆସି ଯୋଗ ଦେବେ ଓ ଗାଆଁଟି ଦୁଇ ତିନୋଟି ପରିବାରରୁ ବଢ଼ି ସମୟକ୍ରମେ ୩୦-୪୦ ପରିବାର ହୋଇଯିବ । ପ୍ରଥମେ ପଲ୍ଲୀ ଗାଆଁ ଭାବରେ ନାମିତ ହେବ ଏବଂ ପରେ ପରେ ଅସଲ ଗାଆଁ ହିସାବରେ ନାମିତ ହେବ । ଆଦିବାସୀ ଗାଆଁରେ ଜାନୀ, ଦିସାରୀ, ପୂଜାରୀ ସବୁ ବଛାଯିବ । ଗାଆଁର ମୁଖିଆ ବା ଗଉନ୍ତିଆ ମଧ୍ୟ ନିଯୁକ୍ତି ହୋଇଯିବ । ଏସବୁ ପାରମ୍ପରିକ ନେତୃତ୍ୱ ଯାହାର ନିର୍ଦ୍ଦିଷ୍ଟ ଦାୟିତ୍ୱ ଅଛି । ଗାଆଁର ହାନିଲାଭ ପାଇଁ କିଏ ନା କିଏ ଦାୟୀ ହେବ । ଗାଆଁଟି ଭଲରେ ଚଳିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ । ଏସବୁ ପଦପଦବୀର ଆବଶ୍ୟକତା ଆଜି ଯେମିତି ହ୍ରାସ ପାଇଯାଇଛି । ଗାଆଁର ଦିସାରୀ ଆଉ ଔଷଧ ତିଆରି କରୁନାହିଁ କି ଗାଆଁର ଜାନୀ ଆଉ ପରବ ପାଇଁ ଶୁଭଦିନ ଘୋଷଣା କରୁନାହିଁ । ଏସବୁ କାହିଁକି ହେଉଛି ପଚାରିଲେ ଆଦିବାସୀ ସିଧାସଳଖ ଉତର ଦେଉଛି ଯେ ଯୁଗ ଏବେ ବଦଳିଯାଇଛି । ସତ କହିବାକୁ ଗଲେ ଆଦିବାସୀ ସମାଜ ଅତି ଦ୍ରୁତ ଭାବେ ବଦଳିବାରେ ଲାଗିଛି ।

ଇନ୍ଦ୍ରାବତୀ ନଦୀରେ ଡ୍ୟାମ ନିର୍ମାଣ ଯୋଗୁଁ ବିଭିନ୍ନ ଗାଆଁରୁ ବିସ୍ଥାପିତ ହୋଇଥିବା ପରିବାର ସଂଖ୍ୟା ଥିଲା ୫୦୦୦ରୁ ଉର୍ଦ୍ଧ୍ୱ । ସେଥିରୁ ପ୍ରାୟ ଅର୍ଦ୍ଧେକ କୁଆଡ଼େ ଅନ୍ତର୍ଦ୍ଧ୍ୟାନ ହୋଇଗଲେ ତାହା ଜାଣିବା ସମ୍ଭବ ହେଲା ନାହିଁ । ବାକି ଅଧେ ପରିବାର ପାହାଡ଼ ଉପରକୁ ଉଠିଯାଇ ନୂତନ ଭାବେ ବସତି ଆରମ୍ଭ କରିଥିଲେ । ନୂଆ ବସ୍ତିରେ ନୂତନ ଭାବେ ଘର ତିଆରି କରି ବସବାସ କରିବା ପରିବାର କେବଳ ଗୋଟିଏ ଗାଆଁରୁ ନଆସି ୫-୬ଟି ଗାଆଁରୁ ଆସିଥିବେ । ସେମାନେ ସାମୂହିକଭାବେ ଯେଉଁ ନୂତନ ଗାଆଁଟି ପ୍ରତିଷ୍ଠା କରୁଥିଲେ, ସେଥିରେ ସେମାନଙ୍କର ପୁରୁଣା ଗାଆଁର ସ୍ମୃତି ଛଡ଼ା ଅନ୍ୟ କିଛି ନଥିଲା । ପୁରୁଣା ଗାଆଁର "ଗୁଡ଼ିଘର'' ବା "ଗ୍ରାମ୍ୟ ଦେବତା''ଙ୍କ ପୀଠ ସବୁ ପାଣି ଭିତରେ ବୁଡ଼ି ଗଲା ଓ ସବୁ ଦିନ ପାଇଁ ଲୋପ ପାଇଗଲା । ପୁରୁଣା ଗାଁର ଆମ୍ବତୋଟା ବା ଅନେକ କିଛି ମୂଲ୍ୟବାନ ସଂକେତ ମଧ୍ୟ ହଜିଗଲା ଡ୍ୟାମ ନିର୍ମାଣ ଫଳରେ । ନୂତନ ଗାଆଁ ଭିତରେ ଇନ୍ଦ୍ରାବତୀ ଜଳଭଣ୍ଡାରକୁ ଲାଗି ଯେଉଁ ସବୁ ନୂତନ ବସତି ମୁଣ୍ଡ ଟେକିଲା, ସେ ଭିତରେ ଗୋଟିଏ ଥିଲା ଡୁଡୁଙ୍ଗଚୁଆଁ ଓ ଅନ୍ୟଟି ଥିଲା ମାଙ୍କଡ଼କେନ୍ଦୁ । ଡୁଡୁଙ୍ଗଚୁଆଁ ଗାଆଁର ନାମକରଣ ପଛରେ ଥିଲା ଗୋଟିଏ ଚୁଆଁ ଯେଉଁଥିରୁ ସ୍ଥାନୀୟ ଲୋକେ କେବେ କେମିତି ପାଣି ପିଉଥିଲେ । ମାଙ୍କଡ଼କେନ୍ଦୁର ନାମକରଣ ହେଲା କେନ୍ଦୁଗଛରେ ମାଙ୍କଡ଼ମାନେ ବସାବାନ୍ଧି ଥିବାରୁ । ନୂଆ ହୋଇ ଗାଆଁ ବସାଉଥିବା ଲୋକମାନେ ଚାହୁଁଥିଲେ ଯେ ସେମାନେ ନିଜର ବୁଡ଼ି ଯାଇଥିବା ଗାଆଁଠାରୁ ଅନେକ ଦୂରକୁ ଯେମିତି ନଯାଆନ୍ତୁ । ବନ୍ଧୁବାନ୍ଧବମାନେ ଅନ୍ୟତ୍ର ଉଠିଯାଇ ନୂତନ ବସତି ସ୍ଥାପନ କରିଛନ୍ତି । ଜ୍ଞାତିକୁଟୁମ୍ବ ବିବାହ, ପରବ ଆଦିରେ ଏକାଠି ହେବେ । ନୂଆଁ ହୋଇ ମୁଣ୍ଡ ଟେକୁଥିବା ଗାଆଁଟିରେ ଜଣେ ବିସ୍ଥାପିତ ପରିବାର ଏକୁଟିଆ ଅନୁଭବ କରିବ ନାହିଁ । ସୁଖ ହେଉ ବା ଦୁଃଖ ହେଉ, ନୂତନ ବସତିଟି ବିସ୍ଥାପିତ ପାଇଁ ଏକମାତ୍ର ସାହାଭରସା ହେବ । ନୂତନ ଜୀବନ, ନୂତନ ଜୀବିକା ଓ ନୂତନ ସମ୍ପର୍କ ପ୍ରତିଷ୍ଠା କରିବା ପାଇଁ ବିସ୍ଥାପିତକୁ ଗୋଟାଏ ସୁଯୋଗ ନିଶ୍ଚିତ ମିଳିବ । ଏଇସବୁ ଭାବନା ଆଦିବାସୀକୁ ପ୍ରେରଣା ଦିଏ ନୂତନ ଗାଆଁ ତିଆରି କରିବା ପାଇଁ । ବର୍ତମାନ ଆଦିବାସୀ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ବିସ୍ଥାପିତ ହେବାରେ ଲାଗିଛି । ପ୍ରଥମେ ଦେଶାନ୍ତରୀ ହେଉଛି ଜୀବନ ବଂଚିବା ପାଇଁ, ଶିକ୍ଷା ଲାଭ ପାଇଁ ଆଦିବାସୀ ପିଲାଙ୍କୁ ନିଜର ଗାଆଁ ଛାଡ଼ିବାକୁ ପଡୁଛି । ଚାକିରୀ ପାଇଲେ ଦୂର ଗାଆଁମାନଙ୍କୁ ଯିବାକୁ ପଡୁଛି । ଶିଳ୍ପାୟନ ହେଲେ ନିଜର ଭିଟାମାଟି ଛାଡ଼ିବାକୁ ପଡୁଛି । ଏଇସବୁ ପ୍ରକ୍ରିୟା ଅତି ଅଜାଣରେ ତାହାକୁ ଏକ ଭିନ୍ନ କରି ଦେଉଛି । ସହରର ଆବାସିକ ସ୍କୁଲମାନଙ୍କରେ ରହି ଉଚ୍ଚଶିକ୍ଷା ଲାଭ କରିଥିବା ପିଲାମାନେ ଆଉ ଗାଆଁକୁ ଫେରିବେ କି ଏଥିରେ ଘୋଟ ସନ୍ଦେହ ରହିଛି । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯେଉଁ ଶିକ୍ଷିତ ଆଦିବାସୀମାନେ ଉଚ୍ଚ ଚାକିରୀ ପାଇଛନ୍ତି ସେମାନେ ନିଜର ଗାଆଁକୁ ଫେରିନାହାନ୍ତି ବା ନିଜର ସମାଜରେ ବିବାହ କରିନାହାନ୍ତି । ସେମାନେ ଅତି ସହଜରେ ନିଜର ନିଜର ଆଦିବାସୀ ପରିଚୟକୁ ଭୁଲିଯାଇ ନୂତନ ଅଣଆଦିବାସୀ ପରିଚୟ ପ୍ରଦାନ କରିଛନ୍ତି । ଏଇଭଳି କେତେଜଣ ଶିକ୍ଷିତ ଆଦିବାସୀମାନଙ୍କ ସହ ଏ ଲେଖକ ବାର୍ତାଳପ କରିଛି ଓ ଅତି ଅଦ୍ଭୂତ ଉତର ପାଇଛି । ମୋଟାମୋଟି କହିବାକୁ ଗଲେ ଶିକ୍ଷିତ ଆଦିବାସୀ ଗୋଟାପଣେ ଅଣଆଦିବାସୀ ହେବାକୁ ଚେଷ୍ଟା କରୁଛି । ଏହା ପ୍ରକୃତରେ ଠିକ୍ କି ନାହିଁ କହିବାର ଅଧିକାର କେବଳ ଆଦିବାସୀର ଅଛି । ସେ କେଉଁଭଳି ପରିବର୍ତନ ହେବ, କେଉଁ ସ୍ୱପ୍ନ ଦେଖିବ, ନିଜେ ଜୀବନରେ କେଉଁ କେଉଁ ମୂଲ୍ୟବୋଧକୁ ମାନ୍ୟତା ଦେବ ତାହା ଉପରେ ନିର୍ଭର କରିବ । ସାରା ପୃଥିବୀରେ ନୂତନ ନୂତନ ସମାଜ ଗଢ଼ି ତୋଳିବା ପାଇଁ ସବୁବେଳେ ପ୍ରୟାସ ଜାରି ରହିଛି । ଜଣେ ପାରମ୍ପରିକ ସମାଜ ପ୍ରତି ବିମୁଖ ହୋଇଛି ଏବଂ ତାହାକୁ ପରିତ୍ୟାଗ କରିଛି । ଜଣେ ପାରମ୍ପରିକ ସମାଜ ବିରୁଦ୍ଧରେ ବିଦ୍ରୋହ କରି ସମାଜ ଗଢ଼ିବାକୁ ଆଗେଇ ଆସିଛି । ଏଇଭଳି ନୂତନ ସମାଜମାନଙ୍କର ସଂଖ୍ୟା ବଢ଼ିବାରେ ଲାଗିଛି ପୃଥିବୀ ସାରା । ଆମ ଦେଶର କେତେଜଣ ଶିକ୍ଷିତ ବାଙ୍ଗାଲୋର୍ ପାଖରେ "ନବଦର୍ଶନମ' ବୋଲି ଏଇଭଳି ଏକ ବସତି ଆରମ୍ଭ କରିଛନ୍ତି । ପାଖରେ ଇରୁଲା ଆଦିବାସୀଙ୍କ ବସତି । ଖୁବ୍ ଆଦର୍ଶବାଦୀ ଢ଼ଙ୍ଗରେ ଏହା ମୁଣ୍ଡ ଟେକିଛି ଓ ବହୁ ବ୍ୟକ୍ତି ଓ ଅନୁଷ୍ଠାନକୁ ଏହା ଆକର୍ଷଣ କରୁଛି । ଏଣୁ ଶିକ୍ଷିତ ଆଦିବାସୀମାନଙ୍କୁ ସେମାନଙ୍କ ଗାଆଁମାନଙ୍କୁ ଫେରାଇ ଆଣିବାକୁ ରଣନୀତି କ'ଣ ? ଏବେଠାରୁ ଚିନ୍ତା କରିବାର ଆବଶ୍ୟକତା ରହିଛି । ଯେଉଁ ଆଦିବାସୀମାନେ ସହରୀ ହେବାକୁ ଚାହୁଁଛନ୍ତି ଓ ନିଜର ଆଦିବାସୀତ୍ୱକୁ ଅକ୍ଷୁର୍ଣ୍ଣ ରଖିବାକୁ ଚାହୁଁଛନ୍ତି ଓ ପ୍ରକୃତି କୋଳରେ ନିଜର ଜୀବନଯାପନ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏକମାତ୍ର ଉପାୟ ହେଉଛି ନିଜ ନିଜର ଗାଆଁକୁ ଓ ନିଜର ସମାଜକୁ ଏକ ନୂତନ ଭାବେ ଗଢ଼ିବା ପାଇଁ । ଏଥିପାଇଁ ଆବଶ୍ୟକ ହେଉଛି ଏକ ନୂତନ ଚିନ୍ତାଧାରା ଓ ଏକ ନୂତନ ନିର୍ମାଣକୌଶଳ । ଅତୀତରେ ଆଦିବାସୀ ଗାଆଁ କିପରି ଥିଲା ଓ ଭବିଷ୍ୟତରେ କ'ଣ ହେବ, ସେ ଭିତରେ ଏକ ସଂଯୋଗ ରଖିବାର ଆବଶ୍ୟକତା ନିଶ୍ଚିତ ରହିଛି । ଏବେ ବିଶ୍ୱସାରା "ଇକୋ-ଭିଲେଜ୍'' ଉପରେ ଆଲୋଚନା ଚାଲିଛି ଓ ଏହା ଭବିଷ୍ୟତ ପୃଥିବୀର ଏକ ପରିକଳ୍ପନା ହିସାବରେ ନିଆଯାଉଛି । ଏଇ ଢାଂଚାର ଗାଆଁଗୁଡ଼ିକ ପରିବେଶର ମୂଳତତ୍ତ୍ୱ ଉପରେ ଆଧାରିତ ହୋଇଥିବ । ଏଥିରେ ଥିବା ସମତା, ସହଭାଗୀତା ଓ ନିରନ୍ତର ବିକାଶର ଝଲକ । ଏହା ସହିତ ଥିବ ଶାନ୍ତିପୂର୍ଣ୍ଣ ସହାବସ୍ଥାନ । ଅର୍ଥାତ୍ ଏଇ ଗାଆଁସବୁରେ ଧର୍ମ, ବର୍ଣ୍ଣ ଓ ଜାତି ନିର୍ବିଶେଷରେ ସମସ୍ତେ ରହିବାକୁ ଆଗ୍ରହ ପ୍ରକାଶ କରିବେ । ଏଥିରେ ଥିବ ମହାତ୍ମାଗାନ୍ଧୀଙ୍କ ପରିକଳ୍ପିତ "ଗ୍ରାମ ସ୍ୱରାଜ'' ଓ ନଥିବ ଡିଜୁ ସଂସ୍କୃତି । ଥିବ ସହଯୋଗ ଆଉ ନଥିବ ପ୍ରତିଯୋଗୀତା । ଆଦିବାସୀଙ୍କୁ ସମ୍ମାନର ସହ ବଂଚିବା ପାଇଁ ମିଳିବ ଆଶା ଓ ବିଶ୍ୱାସ ।

ନିର୍ଦ୍ଦେଶକ, ଅଗ୍ରଗାମୀ,
କାଶୀପୁର, ରାୟଗଡ଼ା
ଫୋନ: ୯୩୭୦୭୩୫୮୮
achyutdas@agragamee.org

ଜଗତ ମାତା ଚ ପ୍ରକୃତିଃ...ଗରିୟସୀ ଜଗତାଂ ମାତା

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା । ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା ।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା । ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ । ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ । ନାରୀଙ୍କ ସ୍ଥାନ ସର୍ବଦା ଆଗରେ । ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି ।

ସୁତରାଂ ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି । ଯଥା: ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ ଇତ୍ୟାଦି । ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ । ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ । ନାରୀକୁ ତା'ର ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି ।

ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ । ଇତିହାସରୁ ଜଣାଯାଏ ଝାନସୀରାଣୀ ଲକ୍ଷ୍ମୀବାଈ, ସରୋଜିନୀ ନାଇଡୁ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କୃପାଳିନୀ, କମଳା ନେହେରୁ, କସ୍ତୁରବା ଗାନ୍ଧୀ, ମଦରଟେରେସା, ଇନ୍ଦିରାଗାନ୍ଧୀ, ନନ୍ଦିନୀ । ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି । ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି । ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ । ନାରୀ ବିନା ସଂସାର କଳ୍ପନା ବୃଥା । ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା ।

ନର, ନାରୀ ଏକ ରଥର ଦୁଇ ଚକ । ଏକ ଶରୀରର ଦୁଇପାଦ । ଏକ ମୁଖର ଦୁଇ ନେତ୍ର । ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ । ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ । ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି । ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା । ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି – 'ଅଯଜ୍ଞୋ ବା ଏଷ ପୋ ପତ୍ନୀକଃ ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା । ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ ।

ନାରୀ ସର୍ବଦା କଲ୍ୟାଣକାରୀ । ସେ ପୂଜ୍ୟା । ଗୃହର ଦୀପ୍ତି । ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି । କୁହାଯାଏ–ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ । ମନୁ ସଂହିତାରେ ବର୍ଣ୍ଣିତ ଅଛି – 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି । ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ ।

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି । ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି । ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର । ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି । ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି । ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ । ଘରଣୀ ହିଁ ଘରର ସୁନାମ ପଛରେ ଥାଏ । ନାରୀ ତ୍ୟାଗସ୍ୱରୂପିଣୀ ଅଟେ । ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର । ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ । ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି । ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି । ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା' । ତେଣୁ ନାରୀମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର ।

ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ । ପରମପୁରୁଷ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦୃଷ୍ଟିରେ ନାରୀ ଓ ପୁରୁଷ ଉଭୟଙ୍କର ଉଲ୍ଲେଖଯୋଗ୍ୟ ସମାନ୍ତରାଳ ବୈଶିଷ୍ଟ୍ୟ ରହିଛି । ନାରୀ ଜୀବନର ବୈଶିଷ୍ଟ୍ୟ ହେଲା–ସ୍ନେହ, ମମତା, ପ୍ରୀତି, ପ୍ରେମ, ସେବା, ସଂରକ୍ଷଣ, ପ୍ରେରଣା ଓ ସୁପ୍ରଜନନ ।

କୁମାରୀ, ବଧୂ ଏବଂ ମାଆ ଭୂମିକାରେ ନାରୀର ଅବଦାନ ମନୁଷ୍ୟ ଜୀବନକୁ ମଧୁମୟ କରିଉଠାଏ । ଗୋଟିଏ ହାତରେ ଗୃହକର୍ମ ଓ ଅନ୍ୟ ଏକ ହାତରେ ଗୃହ ଶାସନ । ଦୁଇପକ୍ଷ ବିଶିଷ୍ଟ ସମାଜ ଜୀବନରେ ନାରୀ ଗୋଟିଏ ପକ୍ଷ ଓ ପୁରୁଷ ଅନ୍ୟ ଏକ ପକ୍ଷ । ପୁରୁଷ ବୈଶିଷ୍ଟ୍ୟ ମଧ୍ୟରେ ରହିଛି–ପୂରଣ ପ୍ରବଣତା, ସାହସ, ବୀର୍ଯ୍ୟ, ପରାକ୍ରମ ଓ ଆଦର୍ଶପ୍ରାଣତା । ପୁରୁଷ ଛୁଟି ଚାଲେ ଆଦର୍ଶଙ୍କ ପଛରେ ଓ ନାରୀ ଛୁଟି ଚାଲେ ପୁରୁଷ ପଛରେ, ଆଦର୍ଶପ୍ରାଣତାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ । ନିଶ୍ଚୟାତ୍ମକ ଭଙ୍ଗୀରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ–ନାରୀ ଧାରଣ କରେ, ବୃଦ୍ଧି ଘଟାଏ, ଏହି ଧାରଣ ଓ ପୁଷ୍ଟି କରିବା ହିଁ ନାରୀର ନାରୀତ୍ୱ ।

ନାରୀ କେବଳ ସନ୍ତାନକୁ ଗଢ଼ି ଉଠାଏ ନାହିଁ, ବରଂ ପୁରୁଷଗଣ ଓ ସମାଜକୁ ଶିକ୍ଷିତ କରାଇ ଉଚ୍ଚତର ସଭ୍ୟତାରେ ପହଞ୍ଚାଇବା ହିଁ ନାରୀର ଧର୍ମ । ଏଥିପାଇଁ ନାରୀ ପାଖରେ ଅଛି ସ୍ନେହ, ସଂଯମ, ଆତ୍ମତ୍ୟାଗ, ବିଶ୍ୱସ୍ତତା ଓ ପବିତ୍ରତା । ପ୍ରକୃତିରେ ଏପରି କୌଣସି ବୀଜ ନାହିଁ ଯାହା ଆଶ୍ରୟ ନପାଇ, ପୋଷଣ ଓ ପୁଷ୍ଟିର ଅଭାବ ସତ୍ତ୍ୱେ ପରିସ୍ଫୁଟ ହୋଇଉଠିଛି । ଏହି ଆଶ୍ରୟ, ପୁଷ୍ଟି ଓ ପୋଷଣ ଏକମାତ୍ର ନାରୀ ବା ମାତୃଜାତି ପାଖରେ ହିଁ ଦେଖାଯାଏ ।

ପୁରାଣ ଯୁଗରେ ଗାନ୍ଧାରୀ, ଦ୍ରୌପଦୀ, କୁନ୍ତୀ, ତାରା ଓ ମନ୍ଦୋଦୋରୀଙ୍କୁ ପଞ୍ଚକନ୍ୟା କୁହାଯାଉଥିଲା । ଆଧ୍ୟାତ୍ମିକ ସାଧନା କ୍ଷେତ୍ରରେ ପୁରାଣ ପୃଷ୍ଠାରେ ଗାର୍ଗୀ, ମୈତ୍ରେୟୀ, ସୁଲଭା, ଲୋପାମୁଦ୍ରା, ବିଶ୍ୱବାରାଙ୍କ କୃତୀ ଓ ସ୍ୱୀକୃତି କାଳଜୟୀ ହୋଇରହିଛି । ସେହିପରି ବୈଦିକ ଯୁଗରେ ନାରୀମାନଙ୍କ ଦ୍ୱାରା ରଚିତ ଶ୍ଳୋକ ବେଦରେ ସ୍ଥାନ ପାଇଛି । ଆଧ୍ୟାତ୍ମିକ ଚିନ୍ତନରେ ଉଲ୍ଲେଖ ଅଛି– 'ମାତା ତା'ର ସ୍ୱାମୀର ସାଥୀ ଓ ପଥ ପ୍ରଦର୍ଶକ, ଶିଶୁର ଆଦ୍ୟଗୁରୁ, ସାମାଜିକ ଜୀବନଧାରାର ଆଧାର, ପରିବାରର ଆଦର୍ଶ, ଦୈହିକ ଓ ମାନସିକ ସ୍ୱାସ୍ଥ୍ୟର ଜାଗ୍ରତ ପ୍ରହରୀ ।' ସେ ଆଦ୍ୟାଶକ୍ତି, ସୃଷ୍ଟିକାରିଣୀ ଓ ସମୃଦ୍ଧିର ଦେବୀ । ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀମାନଙ୍କର ଦାନ ଅତୁଳନୀୟ ।

ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି । ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ । ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ । ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଚିର ଜାଜ୍ଜ୍ୱଲ୍ୟମାନ ହୋଇ ସମସ୍ତଙ୍କ ପାଇଁ ପ୍ରେରଣାର ଆଲୋକବର୍ତ୍ତିକା ହୋଇ ଚାଲିଥାଉ ଏହା ହିଁ କାମନା ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ସହ–ପ୍ରତିରକ୍ତିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ମୋ ଗାଁ

ଓଲାଶୁଣି ଗୁମ୍ଫା ମେଳାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ନେଉଳପୁର, ୨୦/୧-(ପି.ଏନ.) ମହାପୁରୁଷ ଅରକ୍ଷିତ ଦାସଙ୍କ ମହାସମାଧି ଅବସରରେ ଆଜି ପ୍ରତ୍ୟୁଷରୁ ହରିବୋଲ ହୁଳହୁଳି ଘଂଟନାଦ ଓ ଶଙ୍ଖନାଦ ମଧ୍ୟରେ ଓଁକାର ପୀଠ ଉଛୁଳି ପଡିଥିଲା। ମେଳା ଅବସରରେ ଦୂର ଦୂରାନ୍ତରୁ ହାଜର ହଜାର ସଂଖ୍ୟାରେ ସାଧୁ ସନ୍ଥ ଓ ଶ୍ରଦ୍ଧାଳୁ ମାନଙ୍କର ସମାବେଶ ମଧ୍ୟରେ ଓଲାଶୁଣି ଗୁମ୍ଫା ମେଳା ଆରମ୍ଭ ହୋଇଛି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ଏକ ସଙ୍ଗରେ ବସି ଧନୀ ଗରିବ ବଡସାନକୁ ବିଚାର ନନେଇ ସମସ୍ତେ ଏକାଧାରାରେ ପ୍ରସାଦ ସେବନ କରିବା ନିଆରା ପରମ୍ପରା ଓଡିଶାର ଏକମାତ୍ର ଆଧ୍ୟାତ୍ମିକ ପୀଠ ଓଲାଶୁଣିରେ ଆଜି ଦେଖିବାକୁ ମିଳିଥିଲା। ଓଲାଶୁଣି ମେଳାରେ ମହାପୁରୁଷଙ୍କର ପ୍ରିୟ ଭୋଗ ହେଉଛି ପୋଡପୀଠା ଓ ଶୁଖୁଆ। ଆଜିର ମେଳାରେ ମୁଖ୍ୟ ମନ୍ଦିରକୁ ଯିବାର ଦୁଇ ପାର୍ଶ୍ୱରେ ପୋଡପୀଠା ଦୋକାନ ଖୋଲାଯାଇ ପୋଡପିଠାର ମହକରେ ସମଗ୍ର ପୀଠ ମହକିତ ହୋଇଥିଲା। ଚୁନା, ଗୁଡ, ନଡିଆ ମିଶ୍ରିତ ଏହି ପୋଡପୀଠାକୁ କିଣିବା ପାଇଁ ଆଜି ଯାତ୍ରୀଙ୍କର ଅସମ୍ଭବ ଭିଡ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଭଳି ଦଶମୀ ରାତିରେ ଓଡିଶାର ବିଭିନ୍ନ ଆଶ୍ରମ ଓ ପୀଠ ମାନଙ୍କରୁ ବହୁ ସଂଖ୍ୟଅରେ ସାଧୁ ସନ୍ଥ ଓ ସନ୍ୟାସୀ ଗଣ ପୀଠରେ ରୁଣ୍ଡିଭୂତ ହୋଇ ନିରାକାର ବ୍ରହ୍ମକୁ ଉପାସନ ।କରିବା ସହିତ ଭଜନ ଜଣାଣ ଗାନକରି ଶ୍ରଦ୍ଧାଳୁ ମାନଙ୍କର ଦୃଷ୍ଟି ଆକର୍ଷଣ ସହିତ ତାଙ୍କ କତିରେ ଭକ୍ତି ଅର୍ଘ ଅର୍ପଣ କରିବା ମେଳାର ବିଶେଷତ୍ୱ। ଘଂଟ ଘଂଟା ନାଦରେ ଓଲାଶୁଣୀ ପୀଠ କମ୍ପିଲା- ଓଡିଶାର ବିଭିନନ୍ କୌଣ ଅନୁକୋଣରୁ ବହୁ ଶ୍ରଦ୍ଧାଳୁ ମେଳା ପଡିଆକୁ ଛୁଟିଆନ୍ତି। ସେମିତି ପୁରୀ ବ୍ରହ୍ମଗିରିରୁ ଘଂଟ ମାର୍ଦ୍ଦଳ ପାଟି ଆଜି ପ୍ରତ୍ୟୁଷରୁ ଘଂଟା ନାଦରେ ସମଗ୍ର ପୀଠଟି ଏକ ଆଧ୍ୟାମରିକ ପରିବେଶ ସୃଷ୍ଟି କରିବା ସହିତ ସମସ୍ତଙ୍କର ଦୃଷ୍ଟି ଗୋଚର ହୋଇଥିଲା।

ଉଠାଜଳସେଚନ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

କେନ୍ଦୁଝର(ପିଏନ) : କେନ୍ଦୁଝର ଉଠାଜଳସେଚନ ବିଭାଗ ତରଫରୁ ସ୍ଥାନୀୟ ନଗରଭବନଠାରେ ସୋମବାର ଦିନ ପାଣି ପଂଚାୟତ ପକ୍ଷ ଏବଂ ରବିଚାଷ ପ୍ରଚାର କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ସଭାରେ ଉଠାଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ନିହାରକାନ୍ତି ଦେହୁରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଦେଇ ପାଣି ପଂଚାୟତର ପକ୍ଷ ଦିବସ ଅବସରରେ ଚାଷୀଙ୍କ ବହୁବିଧ ଉନ୍ନତି କଳ୍ପେ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ। ସମସ୍ତ ଚାଷୀ କୃଷି ବିଭାଗ, ଜଳସମ୍ପଦ ବିଭାଗ ଏବଂ ଉଠାଜଳସେଚନ ବିଭାଗର ବିଭିନ୍ନ ସ୍କିମ ସଂପର୍କରେ ଅବଗତ ହୋଇ ଏହାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ଉଠାଜଳସେଚନ ବିଭାଗ ମାଧ୍ୟମରେ କରାଯାଉଥିବା ବୋରୱେଲ, ଅଗଭିର ନଳକୂପ ଦ୍ୱାରା ପ୍ରତିବର୍ଷ ବହୁ ଚାଷୀ ଉପକୃତ ହେଉଛନ୍ତି। ଚଳିତ ବର୍ଷ ଅନଲାଇନରେ ଫର୍ମ ଉପଲବ୍ଧ ହେଉଛି। ଏଥିରେ ଅଧିକରୁ ଅଧିକ ଚାଷୀ ଆବେଦନ କରିବାକୁ କହିଥିଲେ। ଜିଲ୍ଲାରେ ଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ରହିଛି। ସରକାରଙ୍କ ବିଭିନ୍ନ ବିଭାଗର ବିଭିନ୍ନ ସ୍କିମର ଫାଇଦା ନେଲେ କେନ୍ଦୁଝର ଜିଲ୍ଲା ଚାଷ କ୍ଷେତ୍ରରେ ଏକ ଆଗୁଆ ଜିଲ୍ଲାରେ ପରିଗଣିତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଠାଜଳସେଚନ ନିଗମ ଜରିଆରେ ବ୍ୟକ୍ତିଗତ ମାଲିକାନା ଭିତିରେ ରିହାତି ମୂଲ୍ୟରେ ଅନେକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସମ୍ମାନୀତ ଅତିଥି ଭାବେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଓମ ପ୍ରକାଶ ରଥ, କୃଷି ବିଜ୍ଞାନ କେନ୍ଦ୍ର ରିସର୍ଚ୍ଚ ସେଂଟର ବୈଜ୍ଞାନିକ ଡକ୍ଟର କିଶୋର ଚନ୍ଦ୍ର ସାହୁ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଇଂ କାର୍ତ୍ତିକ ଚନ୍ଦ୍ର ସେଠୀ, ନେସ୍କୋ ମ୍ୟାନେଜର ଇଂ ଅଶ୍ୱିନୀ କୁମାର ମହାନ୍ତ, ନେସ୍କୋ ଡେପୁଟି ମ୍ୟାନେଜର ଇଂ ପ୍ରମୋଦ କୁମାର ନାୟକ, କୃଷି ବିଭାଗର ସହକାରୀ କୃଷି ଅଧିକାରୀ ରାଜୀବ ଲୋଚନ ବେହେରା ଯୋଗ ଦେଇ ନୂତନ ଜ୍ଞାନ କୌଶଳରେ ବିଜ୍ଞାନର ବିନିଯୋଗ କରି କେନ୍ଦୁଝର ଜିଲ୍ଲାରେ ଅଧିକ ଚାଷ କିପରି କରାଯାଇ ପାରିବ ସେ ସଂପର୍କରେ ସୁଚିନ୍ତିତ ମତ ରଖିଥିଲେ। ଖଣି କ୍ଷତିଗ୍ରସ୍ତ ଅଂଚଳରେ ଡିଏମଏଫ ଅନୁଦାନରେ ନୂତନ କରି ଆରମ୍ଭ ହୋଇଥିବା ସୋଲାର ଲିଫ୍ଟ ପ୍ରୋଜେକ୍ଟର ଫାଇଦା ନେବାକୁ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଉକ୍ତ ସଭାରେ ଉପସ୍ଥିତ ଅତିଥିମାନେ ଉଠାଜଳସେଚନ ବିଭାଗ ତରଫରୁ ନିଆଯାଉଥିବା ବିଭିନ୍ନ ଯୋଜନା ସଂପର୍କରେ ବୁଝାଇବା ସହ ଚାଷୀଙ୍କ ସୁବିଧା ଓ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ। ଉଠାଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ ସୁବାଶ ଚନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିବାବେଳେ ସହକାରୀ ଯନ୍ତ୍ରୀ ଇଂ ନିମାଇଁ ଚନ୍ଦ୍ର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ଉପସ୍ଥିତ ଅତିଥିମାନେ ଉଠାଜଳସେଚନ ବିଭାଗ ତରଫରୁ ନିଆଯାଉଥିବା ବିଭିନ୍ନ ଯୋଜନା ସଂପର୍କରେ ବୁଝାଇବା ସହ ଚାଷୀଙ୍କ ସୁବିଧା ଓ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ। ଜିଲ୍ଲାସ୍ତରୀୟ ଏହି ସମାବେଶରେ ପାଟଣା, ସାହାରପଡା, ଚମ୍ପୁଆ, ଝୁମ୍ପୁରା, ଯୋଡା, ଘଟଗାଁ, ତେଲକୋଇ, ବାଂଶପାଳ, ହରିଚନ୍ଦନପୁର, ଆନନ୍ଦପୁର, ଘସିପୁରା, ହାଟଡିହି ଓ କେନ୍ଦୁଝର ସଦର ବ୍ଲକର ଶତାଧିକ ଚାଷୀ ଏବଂ ବୋରୱେଲ ହିତାଧିକାରୀ ଯୋଗ ଦେଇଥିଲେ। ଏଥିସହ ଉଠାଜଳସେଚନ ପ୍ରକଳ୍ପ ତରଫରୁ ଷ୍ଟଲ କରାଯାଇ ବିଭିନ୍ନ ପ୍ରକଳ୍ପ ନେଇ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଉଠାଜଳସେଚନ ବିଭାଗର ଚମ୍ପୁଆ ସେକ୍ସନର ସହକାରୀ ଯନ୍ତ୍ରୀ ଇଂ ରମେଶ ଚନ୍ଦ୍ର ନାୟକ, କେନ୍ଦୁଝରର ଜୁନିୟର ଇଞ୍ଜିନିୟର (ଇଲେକ୍ଟ୍ରିକାଲ) ଇଂ ବାଦଲ ଚନ୍ଦ୍ର ଚୌଧୁରୀ, ଏଷ୍ଟିମେଟର ଇଂ ଅରବିନ୍ଦ ସାହୁ,, ଇଂ ବିଏସ୍ ସାମଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏକ ମାସ ପରେ ନିଖୋଜ ଶିଶୁ ର ପାଦ ଉଦ୍ଧାର ; ହତ୍ୟା ସନ୍ଦେହରେ ଜଣେ ଅଟକ

ଯୋଡା,(ପିଏନ)- ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ଟୋଲଗେଟ ବସ୍ତି ସନ୍ନିକଟ ଏକ ପଡିଆରେ ରବିବାର ଏକ ନିଖୋଜ ଶିଶୁର ଗଳିତ ପାଦ ଉଦ୍ଧାର ହୋଇଛି । ଶନିବାର ବୁଲା କୁକୁର ଶିଶୁର ଗଳିତ ହାତକୁ ନେଇ ବୁଲୁଥିବାର କିଛି ସ୍ଥାନୀୟ ଲୋକ ଦେଖିଥିବା ସମୟରେ ରବିବାର ବୁଲା କୁକୁର ଶିଶୁର ଗଳିତ ପାଦକୁ ପଡିଆରେ ଫୋପାଡି ଦେଇ ପଳାଇଥିବାର ସ୍ଥାନୀୟ ବସ୍ତିର କିଛି ପିଲା ଦେଖିବା ପରେ ସ୍ଥାନୀୟ ଲୋକେ ଯୋଡା ପୁଲିସ କୁ ସୂଚନା ଦେଇଥିଲେ । ଖବର ପାଇବା ପରେ ପୁଲିସ ଘଟଣା ସ୍ଥଳରେ ଛାନଭିନ୍ନ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନି କୁକୁର ସାହାଯ୍ୟ ଲୋଡିଥିଲେ । ଅପରାହ୍ନରେ ସ୍ଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାର ଅନୁସନ୍ଧାନ କରିଥିବାର ସୂଚନାରୁ ପ୍ରକାଶ । ଘଟଣା ସ୍ଥଳରୁ ଜବତ ହୋଇଥିବା ଗଳିତ ପାଦଟି ସମ୍ପୃକ୍ତ ବସ୍ତିର ବାପା ଛେଉଁଣ୍ଡ ଶିଶୁ ପୁତ୍ର ରୋହିତ ଓରାମ (ସାଢେ ତିନି ବର୍ଷ) ର ବୋଲି ଶିଶୁର ମା ଶଶି ଓରାମ ଦାବି କରିଥିବାର ସୂଚନାରୁ ପ୍ରକାଶ । ଏଠାରେ ଉଲ୍ଲେଖ ଯୋଗ୍ୟ, ୧୫ ଡିସେମ୍ବର ରବିବାର ଦିନ ମା ଶଶି ଘରେ ରୋହିତକୁ ଖାଇବାକୁ ଦେଇ କାମକୁ ଯାଇଥିବା ବେଳେ ଶିଶୁଟିକୁ କୌଣସି ଦୁର୍ବୃତ୍ତ ନେଇ ଫେରାର ହୋଇଯାଇଥିବାର ଜାଣିବାକୁ ପାଇଥିଲେ । ପ୍ରାୟ ଏକ ସପ୍ତାହ ବ୍ୟାପି ସମ୍ପର୍କୀୟଙ୍କ ସହ ଖୋଜାଖୋଜି କରିବା ପାରେ ଶଶି ଶିଶୁପୁତ୍ରର କୌଣସି ଟେର ନପାଇବା ପରେ ଯୋଡା ଥାନାରେ ଶିଶୁର ଜେଜେ ଗୁରୁଚରଣ ଓରାମ ନାତିର ନିଖୋଜ ସମ୍ବନ୍ଧେ ଯୋଡା ଥାନାରେ ଅଭିଯୋଗ କରିଥିଲେ । ଶଶିଙ୍କ କହିବା ଅନୁଯାଇ ସ୍ୱାମୀଙ୍କ ମୃତ୍ୟୁ ପରେ ହୋଟେଲ ରେ କାମ କରି ସେ ନିଜର ଦୁଇ ଝିଅ ଓ ଗୋଟିଏ ପୁଅ ରୋହିତ ର ଲାଳନ ପାଳନ ଅତି କଷ୍ଟରେ କରିଆସୁଥିଲେ । ନିଖୋଜର ଚାରି ସପ୍ତାହ ପରେ ରବିବାର ଉଦ୍ଧାର ହୋଇଥିବା ଗଳିତ ପାଦଟି ତାଙ୍କ ପୁଅ ରୋହିତର ବୋଲି ଶଶି ଦୃଢୋକ୍ତି ପ୍ରକାଶ କରିବା ସହ ରୋହିତ କୁ ହତ୍ୟା କରାଯାଇଥିବାର ମଧ ଅଭିଯୋଗ କରିଛନ୍ତି । ଏହି ହତ୍ୟାକାଣ୍ଡ ପଛରେ ତାଙ୍କର ସମ୍ପର୍କୀୟର ହାତ ଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି । ଘଟଣା ସ୍ଥଳରେ ବଡବିଲ ଏସଡିପିଓ ସତ୍ୟବିକାଶ ଭୂୟାଁ, ଯୋଡା ଥାନା ଅଧିକାରୀ ରାଇସେନ ମୁର୍ମୁ ଓ ବିଲେଇପଦା ଫାଣ୍ଡି ଅଧିକାରି ରଞ୍ଜନ କୁମାର ବିଶ୍ୱାଳ ଉପସ୍ଥିତ ରହି ଏଭଳି ଜଘନ୍ୟ ଆମାନୁଷିକ ହତ୍ୟାକାଣ୍ଡର ବିଭିନ୍ନ ଦିଗରୁ ଅନୁସନ୍ଧାନ ଚଳାଇ ଥିବା ସମୟରେ ହତ୍ୟା ସନ୍ଦେହରେ ଜଣକୁ ଅଟକ ରଖି ପଚରାଉଚରା ଅବ୍ୟାହତ ରଖିଥିବାର ଖବର ମିଳିଛି ।

ଫିଟ୍ ଇଣ୍ଡିଆ ସାଇକେଲ୍ ରାଲି ଓ ଦକ୍ଷତା ବିକାଶ ଦିବସ ପାଳିତ

ଘଟଗାଁ(ପିଏନ) : କେନ୍ଦୁଝର ନେହେରୁ ଯୁବକେନ୍ଦ୍ର ଓ ମା'ତାରିଣୀ ଯୁବକ ସଂଘ ପଇଦାପାଟଣା ସହଯୋଗରେ ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟରେ ଦକ୍ଷତା ବିକାଶ ଦିବସ ପାଳିତ ହୋଇଯାଇଛି । ଫିଟ୍ ଇଣ୍ଡିଆ ଅଭିଯାନକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଘଟଗାଁ ବ୍ଲକର ପଇଦାପାଟଣା ଗ୍ରାମର ମା'ତାରିଣୀ ଯୁବକ ସଂଘର ଯୁବକ ସଦସ୍ୟମାନେ ବ୍ଲକ ଠାରୁ ଏକ ସାଇକେଲ୍ ରାଲିରେ ବାହାରି ବିଭିନ୍ନ ଗ୍ରାମ ଦେଇ ଘଟଗାଁ ବଜାର ପରିକ୍ରମା କରି ଘଟଗାଁ କଲେଜ ଠାରେ ପହଂଚି ଥିଲେ । ପରେ କଲେଜ ସଭାଗୃହରେ ଶତାଧିକ ଛାତ୍ରଛାତ୍ରୀ ଓ ବ୍ଲକର ସଦସ୍ୟମାନଙ୍କ ଗହଣରେ ଦକ୍ଷତା ବିକାଶ ଦିବସ ପାଳିତ ହୋଇଥିଲା । ଏଥିରେ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷକ ସହ ଅଧାପକ ଓ ଅଧାପିକାମାନେ ଯୋଗଦେଇ ଏହି ଦିବସ ପାଳନ କରାଯିବାର ଉଦ୍ଦେଶ୍ୟ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ ।

ଦ୍ୱାଦଶତମ ବାର୍ଷିକ ତାରିଣୀ ମହାଯଜ୍ଞ ଅନୁଷ୍ଠିତ

ଚଣ୍ଡିଖୋଲ, ୨୦/୧(ପିଏନ)- ଚଣ୍ଡିଖୋଲ ନିକଟସ୍ଥ ନୁଆସୁଙ୍ଗୁଡ଼ା ତାରିଣୀ ମନ୍ଦିର ପରିସରରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କର ଦ୍ୱାଦଶତମ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଙ୍କୁରାରୋପଣ, କଳସଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା, ଯଜ୍ଞାଗ୍ନି ସ୍ଥାପନ, ଚଣ୍ଡିପାଠ, ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ସହିତ ପାଳିତ ହୋଇଯାଇଛି। ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡ. ସୌଭାଗ୍ୟ ଚନ୍ଦ୍ର ଦାସ, କପିଳେନ୍ଦ୍ର ଶତପଥି, ପ୍ରଭାକର ପାଢୀ ବ୍ରାହ୍ମଣମାନେ ଯଥାବିଧି ମାଙ୍କର ପୂଜାର୍ଚ୍ଚନା କରିଥିଲେ। ସଂନ୍ଧ୍ୟାରେ ଘୋଡ଼ାନାଚ , ପ୍ରବଚନ, ସଂକିର୍ତ୍ତନ କରାଯାଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ତାରିଣୀଙ୍କ ଯଜ୍ଞରେ ଯୋଗଦେଇ ପୂର୍ଣ୍ଣାହୂତି ଓ ଆନନ୍ଦ ବଜାରରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ।

ଷଷ୍ଠ ଦିନରେ ଜମୁଛି କୁଣ୍ଡେଶ୍ୱର ମକର ମେଳା

ଘଷିପୁରା(ପିଏନ) : ଟୁକୁଣା କୁଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜମୁଛି ଐତିହାସିକ ମକର ମେଳା ପ୍ରତ୍ୟେକ ଦିନ ଦୁଇ ଘଟିକା ଠାରୁ ରାତ୍ରୀ ଦଶଘଟିକା ପର୍ଯ୍ୟନ୍ତ ଆଖପାଖ ୫୦ଖଣ୍ଡ ଗ୍ରାମର ଲୋକଙ୍କ ଭିଡ ଜମୁଛି । ଲୋକେ ଖାଦ୍ୟପେୟ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଆସବାବପତ୍ର ପର୍ଯ୍ୟନ୍ତ ବିକ୍ରୀ ହେଉଛି ଏହି ମକର ମେଳାରେ । ପ୍ରକାଶ ଥାଉକି ଆସନ୍ତା ୨୦ତାରିଖ ଠାରୁ ୨୪ତାରିଖ ପର୍ଯ୍ୟନ୍ତ ଏହି ମେଳାରେ ମା' ଶକ୍ତିମୟୀ ଲୋକନାଟ୍ୟ ଯାତ୍ରା ପରିବେଷଣ କରିବ । ଏଥିରେ ହଜାର ହଜାର ଲୋକଙ୍କ ଭିଡ ଦେଖିବାକୁ ମିଳିଛି । ଉକ୍ତ ମକର ମେଳାରେ ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ଡ. ଶମ୍ଭୁନାଥ ରାଉତ ଏବଂ କମିଟିର ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ତଥା ମକର ଜେନା, ଅନାଦୀ ଚରଣ ଜେନା, ତାପସ ଜେନା, ଅରୁଣ ଜେନା, ଜୟନ୍ତ ଜେନା, ବିଚିତ୍ର ଜେନା, କବଚ ଜେନା, ବିଶାଳ ଜେନା, ସମୀର ଜେନା, ମଣିଭଦ୍ର ଜେନା, କୈଳାଶ ମହାନ୍ତି ପ୍ରମୁଖ ସହଯୋଗ କରିଛନ୍ତି । ଥିରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

ଠାକୁର ଅନୁକୂଳଚନ୍ଦ୍ରଙ୍କର ୩୨ତମ ଜନ୍ମ ଉତ୍ସବ ପାଳିତ

ଚଣ୍ଡିଖୋଲ, ୨୦/୧(ପିଏନ)- ବଡ଼ଚଣା ବ୍ଲକ୍ ଅନ୍ତଗତ ବୈରୀ ଠେଙ୍ଗଡ଼ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଗୋପିନାଥ ଜୀଉଙ୍କ ମନ୍ଦିର ପରିସରରେ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୁଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ଉତ୍ସବ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଇଂ କୈଳାସ ଚନ୍ଦ୍ର ସାମଲ ଓ ଆଜ୍ଞନା ସାମଲଙ୍କ ନାତୀ ଶ୍ରୀମାନ ଯଯାତିକେଶରୀ (ଆରିୟାନ)ଙ୍କ ପ୍ରଥମ ବାର୍ଷିକ ଜନ୍ମ ଉତ୍ସବ ଅବସରରେ ଆୟୋଜିତ ସତ୍‌ସଙ୍ଗରେ ବେଦପାଠ, ଗୀତା ପାରାୟଣ, ସଦାଲୋଚନା, ବାଦିପାଲା, ସଂକିର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସହରିତିକ ଭାସ୍କର ଚନ୍ଦ୍ର ନାୟକ, ଅରୁଣ କୁମାର ସ୍ୱାଇଁ, ଫକିର ଚରଣ ପୃଷ୍ଟି, ଦେବେନ୍ଦ୍ର ନାୟକ, ପଦ୍ମ ଚରଣ ସାହୁ, ଲକ୍ଷ୍ମୀଧର ରାଉତ, ରଜନୀକାନ୍ତ ପୃଷ୍ଟି, ପ୍ରମୋଦ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇ ଅନୁକୁଳ ଚନ୍ଦ୍ରଙ୍କ ଜୀବନା ଦର୍ଶନ ଉପରେ ଆଲୋକପାତ କରିଥିଲେ।

ଟ୍ୟୁମର ଆକ୍ରାନ୍ତ ଶିଶୁ ପାଇଁ ସହାୟତା ଲୋଡିଲେ ପିତାମାତା



କେନ୍ଦୁଝର(ପିଏନ) : ବାଂଶପାଳ ବ୍ଲକ ବିନିଦା ଗ୍ରାମରେ ଜଣେ ଶିଶୁର ପିଠିରେ ଟ୍ୟୁମର ହୋଇଥିବା ନେଇ ବହୁବାର ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ହିଁ ସହାୟତାରେ ହାତ ବଢାଇବାକୁ ଜିଲ୍ଲା ପ୍ରଶାସନର ଆଗ୍ରହ ହୋଇନାହିଁ । ଫଳରେ ଶିଶୁ ଜଣକ ପିଠିରେ ଏବେ ଟ୍ୟୁମର ବଢ଼ିବାକୁ ଲାଗିଛି । ଶିଶୁ ଜଣକ ଛୋଟ ଥିବାରୁ ଅସହ୍ୟ କଷ୍ଟ ଯନ୍ତ୍ରଣାରେ ସବୁବେଳେ କାନ୍ଦୁଛି । ବାପା ମା' ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପାଖରେ ଅପରେସନ୍ ପାଇଁ ହାତରେ ପଇସା ନାହିଁ । ତେଣୁ ଅସ୍ତ୍ରୋପଚାର କରିପାରୁ ନାହାଁନ୍ତି । ଏହି ଘଟଣାକୁ ନେଇ ସହାୟତା ନିମନ୍ତେ ନାନାଦି ଗଣମାଧ୍ୟମ ବାରମ୍ବାର ପ୍ରଶାସନ ଉପରକୁ ଆଙ୍ଗୁଠି ଉଠାଇଥିଲେ ବି କୌଣସି ସୁଫଳ ମିଳିପାରି ନାହିଁ । କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଜିଲ୍ଲା ପ୍ରଶାସନ । ଆଶିକ୍ର ଏହି ଘଟଣାରୁ କେନ୍ଦୁଝରରେ କିଭଳି ଭାବରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ୫-ଟି ନିୟମ କାର୍ଯ୍ୟକାରୀ ହେଉଛି ତାହା ସହଜରେ ଅନୁମେୟ । ତେବେ ଏକ ବର୍ଷ ୧୮ ଦିନର ଏହି ଶିଶୁପୁତ୍ରଟିକୁ ଯଦି ଉଚିତ୍ ସମୟରେ ଉଚିତ୍ ସ୍ୱାସ୍ଥ୍ୟସେବା ଭିତିକ ସହାୟତା ନ ଯୋଗାଇ ଦିଆଯାଇପାରେ ତେବେ ରାଜ୍ୟ ସରକାରଙ୍କର ୫-ଟି କାର୍ଯ୍ୟକ୍ରମ ଆଗକୁ କେନ୍ଦୁଝରବାସୀଙ୍କର ବିଶ୍ୱାସ ହାସଲ କରିପାରିବ ତାହା ସନ୍ଦେହର ଘେରରେ ରହୁଛି । ଯେହେତୁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ଉଦାସିନ ତେଣୁ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତା ଯୋଗାଇବା ନିମନ୍ତେ ଆଶିକ୍ର ବାପା ମା' ପବ୍ଲିକ୍ ଅପିଲ୍ କରିଛନ୍ତି ।

ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ

ଚଣ୍ଡିଖୋଲ, ୨୦/୧(ପିଏନ)- ଚଣ୍ଡିଖୋଲ ନିକଟ ହରିଦାସପୁର ସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଦ୍ୱାରିକା ନାଥ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ଶାଖା ପରିଚାଳକ ଦୀପକ କୁମାର ପ୍ରଧାନ, ବିଜ୍ଞାନ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବିର କୁମାର କର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ମାନ ବୁଲି ଦେଖିଥିଲେ। ଏହି ବିଜ୍ଞାନ ମେଳାରେ ସୌର ଶକ୍ତି, ଶକ୍ତି ସଂରକ୍ଷଣ, ଧୂମ୍ରପାନ, ଶରୀର ତତ୍ୱ ବିର୍ଷା ଜଳ ସଂରକ୍ଷଣ, ଚନ୍ଦ୍ରାୟନ ୨, ପରିବେଶ ପ୍ରଦୂଷଣ, ଅମ୍ଳ ବର୍ଷା, ବର୍ଜ୍ୟ ଜଳର ଉପଯୋଗ, ଜୈବ୍ୟ ସାର, ହାତ ତିଆରି ଘରୋଇ ଶୀତ ତାପ ନିୟନ୍ତ୍ରିତ ଯନ୍ତ୍ର, ଭୂମିକମ୍ପ ସତର୍କତା, ଖାଦ୍ୟ ଶୃଙ୍ଖଳ, ସମୁଦ୍ର ଲହରୀରୁ ବିଦ୍ୟୁତ ଉତ୍ପାଦନ, ଶକ୍ତି ସଂରକ୍ଷଣ, ବନ୍ୟ ଜନ୍ତୁ ସଂରକ୍ଷଣ, ସ୍ୱୟଂ ଚାଳିତ ରାସ୍ତା ଆଲୋକି କରଣ, ବର୍ଜ୍ୟବସ୍ତୁ ସଂରକ୍ଷଣ ଆଦି ପ୍ରକଳ୍ପ ଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବରେ ରସାୟନ ବିଭାଗର ପ୍ରଧ୍ୟାପକ ଡ. ଚର୍ତୁଭୁଜ ସାହୁ, ପଦାର୍ଥ ବିଜ୍ଞାନର ଅଧ୍ୟାପକ ସୁରେନ୍ଦ୍ର କୁମାର ସାମଏ ଜୀବ ବିଜ୍ଞାନ ଅଧ୍ୟାପକ ଜାହାଙ୍ଗୀର ଉଲ ଜମା ଖାନ ଯୋଗ ଦେଇ ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡ଼ିକୁ ଚୟନ କରିଥିଲେ।

ଧର୍ମଶାଳାରେ ପୁଣି ଦ୍ୱିତୀୟ ରଙ୍ଗମହଲା : ଅଭିଯୁକ୍ତ ଥାନାରେ ଅଟକ

ନେଉଳପୁର, ୨୦/୧-(ପି.ଏନ)- ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର ଅଁ୮ନଂ ଓାର୍ଡର ବାସିନ୍ଦା ସ୍ୱର୍ଗତ ବିଦ୍ୟାଧର ସମାଲଙ୍କ ପୁଅ ପିଂଟୁ ୧୪ ତାରିଖ ରାତି ୪ଟା ସମୟରେ ତାଙ୍କର ନିଜସ୍ୱ ସ୍କୋର୍ପିଓ ଓଆର୦୨ଏୟୁ ୩୫୯୬କୁ ଧରି କଂଟିଗଡିଆ ପଂଚାୟତର ହରିଚନ୍ଦନପୁର(ପିପଳୀଡିହ) ଗ୍ରାମକୁ ଯାଇ ଏକ ଦଳିତ ପରିବାରର (ଛଦ୍ମନାମ ରୂପା) ବୟସ୧୬କୁ ଆଣି ନିଜ ରଙ୍ଗ ମହଲରେ ୪ଦିନ ଧରି ଶାରିକ, ମାନସିକ ଯନ୍ତ୍ରଣା ଦେବା ସହ ନିସା ଔଷଧ ଖୁଆଇ ବେହୋସ ଅବସ୍ଥାରେ ରଖିଥିଲେ। ପିଂଟୁ ଗୋଚରରେ ନିର୍ମିତ ଗୃହରେ ଏକ ଜନସେବା କେନ୍ଦ୍ର ଓ ବଜରଙ୍ଗୀ ଲେଡିସ କର୍ଣ୍ଣର କରି ବ୍ୟବସାୟ କରୁଥିଲେ। ଜନସେବା କେନ୍ଦ୍ରକୁ ଆସୁଥିବନା ଝିଅ ମାନଇଙ୍କୁ ଦୋକାନରେ ଥିବା ଲେଡିସ ଜିନିଷ ବହୁ ଉପହାର ଦେଇ ପ୍ରଲୋଭିତ କରୁଥିବାର ଶୁଣିବାକୁ ମିଳୁଛି। ଦଳିତ ପରିବାରର ମୁଖ୍ୟ ଝିଅକୁ ନପାଇବାରୁ ଧର୍ମଶାଳା ଥାନାରେ ଏକ ଏତଲା ଦାଖଲ କରିଥିଲେ। ପିଂଟୁ ଏବଂ ତତାଙ୍କ ଭଗ୍ନୀ ଦଳିତ ପରିବାରର ମୁଖ୍ୟକୁ ଟେଲିଫୋନ ମାଧ୍ୟମରେ କହିଥିଲେ ତୁମ ଝିଅକୁ ଆସି ନେଇଯାଅ ବୋଲି। କେଉଁଠାରୁ ଆଣିବୁ ପ୍ରଶ୍ନ କରିବାରୁ ଉତର ମିଳୀଥିଲା ଜାରକା, କୁଆଁଖିଆ, ପାଣିକୋଇଲି। ଶେଷରେ କହିଥିଲେ ବାରବାଟି ନିକଟସ୍ଥ ବ୍ରାହ୍ମଣୀ ପୋଲ ପାଖକୁ ଆସି ନେବା ପାଇଁ ପରିବାରର ଓ ଗ୍ରାମର ଅଧିବାସୀ ଶେଠାରେ ପହଂଚିଲା ବେଳକୁ ତାଙ୍କ ସ୍କର୍ପିଓ ଗାଡିରୁ ଅଚେତ ଅବସ୍ଥାରେ ସେ ଝିଅକୁ ପକାଇ ଦେଇ ଯାଇଥିଲେ। ଧର୍ମଶାଳା ଥାନାରେ ଖବର ଦେବାରୁ ଥାନା ଅଫିସର ସେଠାରେ ପହଂଚି ଝିଅକୁ ଉଦ୍ଧାର କରି ତତକ୍ଷଣାତ ପିଡିତ ଝିଅକୁ ଯାଜପୁର ସଦର ହସ୍ପିଟାଲକୁ ପଠାଇଥିଲେ। ଏକ କେଶ ସମ୍ବନ୍ଧରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ପିଂଟୁ ଓ ତାର ସ୍କର୍ପିଓ ଗାଡିକୁ ଧର୍ମଶାଳା ଥାନାରେ ଅଟକାଇ ରଖିଛନ୍ତି। ଆଜି ଯାଜପୁର ଜିଲ୍ଲା ଏସ.ଡି.ପି.ଓ ଚିନ୍ମୟୀ ନାୟକ ଓ ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ଉକ୍ତ କେଶର ତଦନ୍ତ ଜାରି ରଖିଛନ୍ତି। ଜଣେ ନାବାଳିକାକୁ ଶାରିରୀକ ନିର୍ଯ୍ୟାତନା ଦିଆଯାଇଥିବା ଖବରପାଇ ଧର୍ମଶାଳାର କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ଯାଜପୁର ସଦର ଡାକ୍ତରଖାନାରେ ପହଂଚି ପିଡୀତାଙ୍କୁ ଭେଟ କରିଛନ୍ତି। ପିଡୀତାଙ୍କ ପରିବାର ଲୋକେ କୁହନ୍ତି ଏ ଅଭିଯୋଗରେ ଲିପ୍ତ ଅଭିଯୁକ୍ତକୁ ପ୍ରକୃତ ଭାବେ ଦଣ୍ଡ ଦିଆଯାଉ କିମ୍ବା ନିର୍ଭୟା କେଶରେ ଦଣ୍ଡିତଙ୍କୁ ଯେଭଳି ଫାଶୀ ଦିଆଯାଉଛି ଏ ଆସାମୀକୁ ସେଭଳି ଫାସୀ ଦିଆଯାଉ। ପ୍ରକାଶ ଥାଉ କି ଯେଉଁ ଘରେ ଝିଅଙ୍କୁ ମୁହଁରେ କଳାପଟି ବାନ୍ଧିର ଖୁଥିଲେ ସେ ଘରେ ଜଣେ ପୋଲିସ କର୍ମଚ୍ଛାରୀ ରହୁଥିଲା ବୋଲି ପିଡିତା ପ୍ରକାଶ କରିଛି। ନେଉଳପୁର ମୌଜାରେ ଯେଉଁ ଘର ତିଆରି କରାଯାଇଛି ତା ସମ୍ପୁର୍ଣ୍ଣ ଗୋଚର ଜମିରେ ତିଆରି କରାଯାଇ ରଙ୍ଗମହଲ କରାଯାଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ପ୍ରକୃତ ଦୋଷୀଙ୍କୁ ଦଣ୍ଡ ଦେବାପାଇଁ ଏ ଅଂଚଳବାସୀ ଯାଜପୁର ଏସ.ପି.ଙ୍କୁ ଅନୁରୋଧ କରିବା ସହିତ ଗୋଚର ଜମିରୁ ଉକ୍ତ ରଙ୍ଗ ମହଲକୁ ସରକାରୀ ଦପ୍ତରକୁ ନେବାପାଇଁ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ସମୟର ଆହ୍ୱାନ: ଇକୋ ଟୁରିଜିମ୍

ବିଶ୍ୱବ୍ୟାପୀ ସର୍ବତ୍ର ପ୍ରାକୃତିକ ବିପର୍ଯ୍ୟୟ ପରେ କଂକ୍ରିଟ ଜଙ୍ଗଲ ଭିତରେ ବାନ୍ଧି ହୋଇଥିବା ମଣିଷ ପୁଣି ପ୍ରକୃତିକୁ ଫେରିବାକୁ ଆରମ୍ଭ କରିଛି। ଏମିତି ଏକ ଅବଧାରଣାକୁ ନେଇ ଆଜି ସାରା ବିଶ୍ୱରେ ବିକଶିତ ହୋଇଚାଲିଛି ଇକୋ ଟୁରିଜିମ୍। ଏହି ଶିଳ୍ପରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଇଛି। ଇକୋ ଟୁରିଜିମ୍ ପରିକଳ୍ପନା ବେଶି ଦିନର ନୁହେଁ। ପରିବେଶର ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବା ଏହାର ମୂଳ ଲକ୍ଷ୍ୟ। ଉନ୍ନତ ଦେଶମାନଙ୍କରେ ଇକୋଟୁରିଜିମ୍‌ର ବିକାଶ ପାଇଁ ବ୍ୟୟବହୁଳ ଯୋଜନାମାନ କରାଯାଇ ଆକର୍ଷଣୀୟ ଭିତ୍ତିଭୂମି ପ୍ରସ୍ତୁତ କରାଗଲାଣି। ପର୍ଯ୍ୟଟକଙ୍କ ପାଇଁ ଇକୋ ଫ୍ରେଣ୍ଡଲି ହୋଟେଲ ଓ ଯାନବାହାନ ସହ ବିଭିନ୍ନ ବ୍ୟବସ୍ଥା ପ୍ରସ୍ତୁତ ହେଲାଣି। ସମୁଦ୍ରତଟ, ନଦୀ, ହ୍ରଦ, ଜଳପ୍ରପାତ, ମରୁଭୂମି, ଗୁମ୍ଫା, ପାହାଡ଼, ଜଙ୍ଗଲ, ଗ୍ଲାସିଅର, ବନ୍ୟଜନ୍ତୁ ଉଦ୍ୟାନ, ପରିବେଶ ଉଦ୍ୟାନ, ଉଦ୍ଭିଦ ସମ୍ପଦ ଓ ପଶୁସମ୍ପଦ ଆଦି ଇକୋ ଟୁରିଜିମ୍‌ର ଏକ ଆକର୍ଷଣ। କେବଳ ବିଭିନ୍ନ ବିବିଧ ଭୂଗୋଳ ଓ ସଂସ୍କୃତିର ଦେଶ ଭାରତର ଇକୋ ଟୁରିଜିମ୍ କ୍ଷେତ୍ର ନୁହେଁ ବରଂ ଓଡ଼ିଶାରେ ଏହି କ୍ଷେତ୍ର ବହୁ ପ୍ରଶସ୍ତ ଓ ବ୍ୟାପକ। ସମଗ୍ର ଭାରତରେ ୪୪୧ଟି ବନ୍ୟଜନ୍ତୁ ଅଭୟାରଣ୍ୟ ଓ ୮୦ଟି ଜାତୀୟ ପାର୍କ ରହିଥିବାବେଳେ ଓଡ଼ିଶାରେ ଭିତରକନିକା, ଶିମିଳିପାଳ ଓ ନନ୍ଦନକାନନ ଭଳି ଜାତୀୟ ପାର୍କ ବ୍ୟତୀତ ୭ଟି ବୃହତ ଓ ୨୨ଟି କ୍ଷୁଦ୍ର ଅଭୟାରଣ୍ୟ ରହିଛି। ଓଡ଼ିଶାର ମୋଟ ଆୟତନ ୧,୫୫,୭୦୭ ବର୍ଗ କିଲୋମିଟର ଭିତରୁ ୫୮,୧୩୬.୮୭ ବର୍ଗକିଲୋମିଟରର ଜଙ୍ଗଲ ଅଞ୍ଚଳ। ୧୯ ପ୍ରକାର ଉଭୟଚର ପ୍ରାଣୀ, ୧୧୦ ପ୍ରଜାତିର ସରୀସୃପ, ୪୭୩ ପ୍ରଜାତିର ପକ୍ଷୀ ଓ ୮୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଦେଖିବାକୁ ମିଳନ୍ତି ଯାହାକି ସାରା ବିଶ୍ୱର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଗୋଟିଏ ପଟେ ୪୮୦ କିଲୋମିଟରର ସୁଦୀର୍ଘ ସ୍ୱର୍ଣ୍ଣିମ ବେଳାଭୂମି ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଥିବା ବେଳେ ଅନ୍ୟପଟରେ ସମୁଦ୍ର ପତ୍ତନ ଠାରୁ ୨୦୦୦ ମିଟର ଉଚ୍ଚରେ ଅବସ୍ଥିତ ମାଳଭୂମିରେ ଭରି ରହିଛି ଛୋଟବଡ଼ ୨୫ରୁ ଉର୍ଦ୍ଧ୍ୱ ମନଲୋଭା ଜଳପ୍ରପାତ। ବିହଙ୍ଗ ପର୍ଯ୍ୟଟନ ପାଇଁ ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ, ବାରପାହାଡ ଓ ପପଙ୍ଗା ପାହାଡ଼ର ପ୍ରାକୃତିକ ପକ୍ଷୀ ଅଭୟାରଣ୍ୟ ଦୃଷ୍ଟି ଆକର୍ଷଣ କରିଥାଏ। ସେହିପରି ୧୯୭୫ରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ଘୋଷିତ ଭିତରକନିକା, ୧୯୯୮ରେ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିବା ବେଳେ ୨୦୦୨ରେ ଏହା ଅନ୍ତର୍ଜାତୀୟ ରାମ୍‌ସାର ସାଇଟ୍ ଭାବେ ଘୋଷିତ ହୋଇଛି। ଏହାସହ ବିଶ୍ୱର ଅଦ୍ୱିତ୍ୟ ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଭିତରକନିକା ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ହେନ୍ତାଳ ଜଙ୍ଗଲର ମାନ୍ୟତା ପାଇଛି। ଏହାସହ ୧୯୯୭ରେ ସାମୁଦ୍ରିକ ଅଭୟାରଣ୍ୟର ମାନ୍ୟତା ପାଇଥିବା ଗହୀରମଥା ବିରଳ ଅଲିଭ ରିଡ଼ଲେ କଇଁଛଙ୍କ ଭୂସ୍ୱର୍ଗ ଭାବେ ପୃଥିବୀର ପର୍ଯ୍ୟଟକପ୍ରେମୀ ଓ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏସିଆର ବୃହତ୍ତମ ହ୍ରଦ ମରାଳ ମାଳିନୀ ନିଳାମ୍ବୁ ଚିଲିକା ୧୯୮୭ରେ ପକ୍ଷୀ ଅଭୟାରଣ୍ୟ ଭାବେ ଘୋଷିତ ହେବା ପରେ ସମଗ୍ର ପୃଥିବୀରୁ ପର୍ଯ୍ୟଟକଙ୍କ ଏହା ବଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ସେହିପରି ଇକୋ ଟୁରିଜିମ୍‌ର ଭୂସ୍ୱର୍ଗ କୁହାଯାଉଥିବା ଶିମିଳିପାଳ ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱସ୍ତରରେ ମାନ୍ୟତା ପାଇବାପରେ ଏବେ ଜାତିସଂଘ ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂସ୍ଥା ୟୁନେସ୍କୋର ଜୈବବିବିଧତା ତାଲିକାରେ ସାମିଲ ହୋଇଛି। ୨୭୫୦ କିଲୋମିଟର ବ୍ୟାପୀ ଏହି ଜଙ୍ଗଲ ମଧ୍ୟରେ ବିଭିନ୍ନ ଦର୍ଶନୀୟ କ୍ଷେତ୍ର ରହିଛି। ସେହିପରି ସୁନ୍ଦର ବନଭୂମି, ପୁରାତନ ଆଦିବାସୀ ଜନଜାତି, ଉଚ୍ଚପର୍ବତ ମାଳା, ଜଳପ୍ରପାତ, ନଦୀ, ଝରଣାର ଅପୂର୍ବ ସମ୍ଭାର ଲାଗି କୋରାପୁଟକୁ ଦ୍ୱିତୀୟ କାଶ୍ମୀର କୁହାଯାଏ। ଏହାର ସନ୍ନିକଟ ଗୁପ୍ତେଶ୍ୱର, ଡୁଡୁମା ଜଳପ୍ରପାତ, ଦେଓମାଳି ଉଚ୍ଚତମ ପାହାଡ଼ ଓ ମାଛକୁଣ୍ଡ ଜଳପ୍ରପାତ ସହ ରାଣୀଗୁମ୍ଫା, ରାମଗିରି, ରାଣୀଗୁଡ଼ା ବ୍ୟାପକ ଭାବେ ଇକୋ ଟୁରିଜିମ୍ କ୍ଷେତ୍ର ଭାବେ ସର୍ବଦା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକପ୍ରିୟ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଲୁକ୍‌ୟିତ ଅଧିକାଂଶ ପ୍ରାକୃତିକ ପର୍ଯ୍ୟଟନସ୍ଥଳର ରକ୍ଷଣାବେକ୍ଷଣ ଓ ଭିତ୍ତିଭୂମିର ଦାୟିତ୍ୱ ରାଜ୍ୟ ପର୍ଯ୍ୟଟନ ବିଭାଗ ହାତକୁ ନେଇଛି। କିନ୍ତୁ ଅନେକ ଆଭ୍ୟନ୍ତରୀଣ ଇଲାକାରେ ଲୁଚି ରହିଥିବା ପ୍ରକୃତିର ଅନୁପମ ଅନେକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଏଯାବତ୍ ଲୋକଲୋଚନର ଉହାଡ଼ରେ ରହିଯାଇଛି। ଏସବୁ ସମାଜର ବାହାରକୁ ଆଣିବା ଦାୟିତ୍ୱ ପ୍ରତି ଓଡ଼ିଆଙ୍କର। ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ଦ୍ରୁତ ଗତିରେ ହେଉଛି। ଯାହାପାଇଁ ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରୁଛନ୍ତି। ଯାହାଦ୍ୱାରା ସାମାଜିକ ବିକାଶ ହେବା ସହିତ ଓଡ଼ିଶାର ଅର୍ଥନୈତିକ କ୍ଷେତ୍ର ସୁଦୃଢ଼ ହେଉଛି। ଇକୋ ପର୍ଯ୍ୟଟନ ସହିତ ବିଭିନ୍ନ ଉତ୍ସବ ଓ ମହୋତ୍ସବରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ହେଉଥିବାରୁ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବିଶେଷକରି ଇକୋ ଟୁରିଜିମ୍ କ୍ଷେତ୍ରରେ ଏକ ଆଗଧାଡ଼ିର ରାଜ୍ୟ ଭାବେ ପରିଚିତ ହେବାକୁ ଯାଉଛି।

ନାଟ୍ୟସାରଥି ଅଭୟ କୁମାର ଦାସ,
ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ବରିଷ୍ଠ ନାଗରିକଙ୍କୁ ସେବା ଓ ସମ୍ମାନ

ରାଉରକେଲା (ପିଏନ୍): ପବିତ୍ର ନବବର୍ଷର ଶୁଭ ଅବସରରେ ରାଉରକେଲା ବସ୍ତି ସୁରକ୍ଷା ସମିତି ତରଫରୁ ଶିଳ୍ପାଞ୍ଚଳ ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସେବା ଓ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସ୍ତି ସୁରକ୍ଷା ସମିତି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଶ୍ରୀ ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବସ୍ତି ସୁରକ୍ଷା ସମିତି ସଦସ୍ୟ ତଥା ଉପସ୍ଥିତ ବସ୍ତିବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଥିଲେ । ବସ୍ତି ସୁରକ୍ଷା ସମିତିର ବିଗତ ଦିନର କାର୍ଯ୍ୟକଳାପକୁ ଶ୍ରୀ ତିର୍କୀ ଭୂୟସୀ ପ୍ରଶଂସା କରି ବସ୍ତି ବାସିନ୍ଦାଙ୍କ ଥଇଥାନ ଓ ମୌଳିକ ସେବା ସୁବିଧା ଯୋଗାଣରେ ମହାନଗର ନିଗମ ତଥା ରାଜ୍ୟ ସରକାର କରୁଥିବା ଅବହେଳାକୁ ତୀବ୍ର ନିନ୍ଦା କରିଥିଲେ। ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ବସ୍ତିବାସୀଙ୍କୁ ଜମି ପଟ୍ଟା ଦେବା ଉପରେ ଶ୍ରୀ ତିର୍କୀ ଗୁରୁତ୍ୱାରୋପ କରି ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀ ଓ ବନବାସୀ ପରିବାରଙ୍କୁ ଜମି ପଟ୍ଟା ଯୋଗାଇଦେବା ପାଇଁ ତାଙ୍କ ଲଢେଇ ଜାରି ରହିଛି ବୋଲି କହିଥିଲେ। ବସ୍ତି ସୁରକ୍ଷା ସମିତିର ସମସ୍ତ ଗଠନମୂଳକ କାର୍ଯ୍ୟରେ ତାଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ଏହି ଅବସରରେ ପ୍ରକାଶ କରି ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମିତି ଉପଦେଷ୍ଟା ରାମାନନ୍ଦ ଶ୍ରୀଚନ୍ଦନ, ବରିଷ୍ଠ ନେତା ଦେବବ୍ରତ ବିହାରୀ, ଚିତ୍ତରଂଜନ ମହାନ୍ତି, ନିହାର ଦାସ, ନାରୀନେତ୍ରୀ ନିରୂପମା ବଳିୟାରସିଂହ ପ୍ରମୁଖ ବକ୍ତବ୍ୟ ରଖି ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିଳ୍ପାଞ୍ଚଳର ବିଭିନ୍ନ ବସ୍ତିରୁ ଉପସ୍ଥିତ ଥିବା ୧୮୦ ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରି ସମ୍ମାନିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ସିଦ୍ଧେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଜିତେନ୍ଦ୍ର ଦାସ, ବୁଲୁ ଦାସ, କୈଳାସ ସାହୁ, ଶ୍ୟାମ ସାଗର, ସରୋଜ ମହାନ୍ତି, ଦୀପକ ବଡାଇକ, କିଶୋର ମହାନ୍ତି, ଅଭିଜିତ ମାନ୍ନା, ସୁଶାନ୍ତ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କେଳୁଚରଣ ମହାନ୍ତି, କାର୍ତ୍ତିକ ବେହୁରିଆ, ବିଜୟ ଆପଟ୍ଟ, ଇଂ. ଆର୍.ପି ସିଂହ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ନାରୀନେତ୍ରୀ କଲ୍ୟାଣୀ, ପଦ୍ମିନୀ ଲୋହାର, ବସନ୍ତ ମିଶ୍ର, କଳିଙ୍ଗ ସାହୁ, ଭାଗୀରଥି ଧଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଶହ ଶହ ସଂଖ୍ୟାରେ ବସ୍ତିବାସୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ମୁଖ୍ୟଅତିଥି ଶ୍ରୀ ତିର୍କୀଙ୍କୁ ଜେଲ ରୋଡରୁ ଆଦିବାସୀ ବାଦ୍ୟନୃତ୍ୟର ତାଳତାଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ ବୋଲି ସମିତି ସଭାପତି ଶ୍ରୀ ସେନାପତି ସୂଚନା ଦେଇଛନ୍ତି।

ମାଲେରିଆ ଓ ଯକୃତ

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ୨୦୧୬ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ। ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି। ୨୦୧୭ ବିଶ୍ୱ ମାଲେରିଆ ଦିବସରେ ମାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି। ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳିନାହିଁ। ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)

ବରଦା ଦାସ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ

ଭୁବନେଶ୍ୱର (ପିଏନ୍): ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ତଥା ଉପ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିବା ବରଦା ପ୍ରସନ୍ନ ଦାସ ବିଭାଗୀୟ ପଦୋନ୍ନତି ପାଇ ଯୁଗ୍ମ ନିର୍ଦ୍ଦେଶକ ପଦରେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ଦାସ ତାଙ୍କର ୩୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଟିଟିଲାଗଡ, ନୟାଗଡ. ବାଙ୍କୀ, କଟକ, ଭୁବନେଶ୍ୱର,ଖୋର୍ଦ୍ଧା, ଅନୁଗୋଳ, ଦେବଗଡ ଆଦି ସ୍ଥାନରେ ଲୋକସଂପର୍କ ଅଧିକାରୀ ଓ ବିଭିନ୍ନ ମନ୍ତ୍ରୀଙ୍କ ସୂଚନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ ସଂପାଦନ କରିଥିଲେ । ସେ ଜଣେ ସୁଲେଖକ, ସୁବକ୍ତା, ସଂଗଠକ ଓ ସାହିତ୍ୟିକ ଭାବେ ସୁପରିଚିତ ।

ପାଟକୁରା ଗାନ୍ଧୀ ରାଜକିଶୋର ନାୟକ

ଗାନ୍ଧିବାଦୀ ରାଜକିଶୋର ନାୟକ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ଶିକ୍ଷକ। ତାଙ୍କ ସରଳ ନିରାଡ଼ମ୍ବର ଜୀବନ କେବଳ ପୀଡ଼ିତଙ୍କ ଲାଗି ଉତ୍ସର୍ଗ ଥିଲା। ନିଃସ୍ୱାର୍ଥପର ଏହି ଜନସେବକ ପାଟକୁରା ଗାନ୍ଧୀ ଭାବେ ପରିଚିତ। କେନ୍ଦ୍ରାପଡ଼ାର ପାଟକୁରା ସ୍ଥିତ ଅରିଲୋ ଗ୍ରାମରେ ଜନ୍ମିତ ରାଜକିଶୋର ୧୯୭୦ରେ ପାଟକୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। ବନ୍ୟା-ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତଙ୍କ ଉଦ୍ଧାର ଲାଗି ସେ ଦେବଦୂତ ସାଜୁଥିଲେ। ରାଜନୀତି ପ୍ରତି ମଧ୍ୟ ତାଙ୍କର ଆଗ୍ରହ ଥିଲା। ପାଟକୁରାରୁ ଦୁଇ ଦୁଇଥର ବିଧାନସଭା ନିର୍ବାଚନ ଜିତି ଅନେକ ଜନମଙ୍ଗଳ କାର୍ଯ୍ୟ ସେ କରିଥିଲେ। ୧୯୭୭ ଓ ୧୯୯୩ରେ ଦୁଇଥର ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ଼ର ସେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିଷୟରେ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି, ଉତ୍କଳ କଂଗ୍ରେସର ସଭାପତି ବିଜୁବାବୁ ନିର୍ବାଚନ ଲଢ଼ିବା ଲାଗି ଖର୍ଚ୍ଚ ବାବଦକୁ ଯାହା ଅର୍ଥ ପ୍ରଦାନ କରିଥିଲେ, ତନ୍ମଧ୍ୟରୁ ରାଜକିଶୋର ଅଧା ଖର୍ଚ୍ଚ କରି ବାକି ଫେରାଇ ଦେଇଥିଲେ। ଏଥିରୁ ତାଙ୍କ ସଚ୍ଚୋଟତା ସ୍ପଷ୍ଟ ଅନୁମେୟ। ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏହା ଏକ ବିରଳ ଘଟଣା। ରାଜନୀତିରୁ ଅବସର ପରେ ଗୋସେବାରେ ସେ ସମୟ ବିତାଉଥିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲେ ବି ସେ ଭାଙ୍ଗି ପଡ଼ିନଥିଲେ। ଶେଷ ପର୍ଯ୍ୟନ୍ତ ଅସୁରେଶ୍ୱର ସ୍ଥିତି ଗୋଶାଳର ଦେଖାଶୁଣା କରିଥିଲେ। ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୧୦ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା। ସମସାମୟିକ ଓଡ଼ିଶା ରାଜନୀତିରେ ତାଙ୍କ ପରି ଜଣେ ନିର୍ବିବାଦୀୟ, ଗାନ୍ଧୀବାଦୀ, ସାଧୁତା ଓ ସଚ୍ଚୋଟତା, ରାଜନୀତିକୁ ସେବା ଭାବୁଥିବା ନେତୃତ୍ୱ ଅତ୍ୟନ୍ତ ବିରଳ। ଓଡ଼ିଶାବାସୀ ତାଙ୍କୁ ଚିରକାଳ ମନେ ରଖିବେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ପାଟକୁରା ଗାନ୍ଧୀ ଭାବେ ପରିଚିତ ଏହି ବ୍ୟକ୍ତିତ୍ୱଙ୍କ ସୁଯୋଗ୍ୟ ଦାୟଦ ଯିଏକି ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଛି ସେ ହେଉଛନ୍ତି ଆଜିର ବିଜେଡ଼ି ଦଳର ଅନ୍ୟତମ ମାର୍ଗ ପୁରୋଧା, ଯୁବନେତୃତ୍ୱର ଅଧିକାରୀ ତଥା ନବୀନ ବାବୁଙ୍କ ଅତ୍ୟନ୍ତ ଅନୁଗତ ଓ ବିଶ୍ୱସ୍ତ ତାଙ୍କ ପୁତ୍ର ଅତନୁ ସବ୍ୟସାଚୀ ନାୟକ। ଏହି ଲେଖକ ତାଙ୍କର ସାନ୍ନିଧ ଓ ବ୍ୟକ୍ତିଗତ ସ୍ନେହ ଭଲପାଇବା ଯାହା ପାଇଛି ତାହା ଚିରସ୍ମରଣୀୟ ହୋଇ ରହିବ। ଆସନ୍ତୁ ଆଜିପରି ସ୍ମରଣୀୟ ଦିନରେ ଏପରି ଦିନରେ ଜଣେ ସ୍ମରଣୀୟ ଓ କିମ୍ବଦନ୍ତୀ ମହାନାୟକ ସଂଗ୍ରାମୀ ରାଜନେତାଙ୍କୁ ସ୍ମରଣ କରିବା। ତାଙ୍କ ଅବିସ୍ମରଣରେ କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶା ପ୍ରଗତି କରୁ ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ତ୍ରୈଲୋକ୍ୟନାଥ ପରିଡ଼ା, କେନ୍ଦ୍ରାପଡ଼ା,
ଦୂରଭାଷ: ୯୪୩୭୬୦୭୯୦୦

ସ୍କାଉଟ ଗାଇଡ୍ ସଂଗଠନର ନୂତନ ବର୍ଷର ଅଭିନନ୍ଦନ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର କର୍ମକର୍ତ୍ତାମାନେ ନୂତନ ବର୍ଷ ୨୦୨୦ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଡଃ ଗଣେଶୀ ଲାଲ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ, ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ. ଅରୁଣ ସାହୁ, ମାନ୍ୟବର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଦେବୀପ୍ରସାଦ ମିଶ୍ର, ରାଜ୍ୟ ସଂଗଠନର ଉପସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଚିରଞ୍ଜିବ ବିଶ୍ୱାଳ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ବର୍ଷର ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ବର୍ଷ ରାଜ୍ୟ ସଂଗଠନ ବିଧିବଦ୍ଧ ଭାବେ ତା'ର କାର୍ଯ୍ୟ ସୂଚାରୁରୂପେ ଜାରି ରଖିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ।

ଆଦାନୀ ଧାମରା ପୋର୍ଟରେ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ

ସାମିଲ ହେଲେ ୧୦୦୦ରୁ ଉର୍ଦ୍ଧ୍ୱ ଶ୍ରମିକ

adani
The Dhamra Port Company Limited
31st National Road Safety Week

ଧାମରା, (ପିଏନ) : ଆଦାନୀ ଧାମରା ପୋର୍ଟ ପରିସରରେ ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଜାନୁଆରୀ ୧୧ରୁ ଆରମ୍ଭ ହୋଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସୁରକ୍ଷା ସପ୍ତାହର ପ୍ରଚାର ପ୍ରସାର ଓ ସୁରକ୍ଷା ଉପରେ ପର୍ଯ୍ୟବେକ୍ଷିତ ନାଟକ ମାଧ୍ୟମରେ ପୋର୍ଟରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କୁ ସୁରକ୍ଷା ସମ୍ବନ୍ଧିତ ବାର୍ତ୍ତା ପ୍ରଦାନ କରାଯାଇଥିଲା । ଉଦଘାଟନୀ ଦିବସରେ ପୋର୍ଟର ଉଚ୍ଚପଦସ୍ଥ ଅଧିକାରୀ ସୁନୀଲ ଥୋମାର, ତାପସ ଆଚାର୍ଯ୍ୟ ଓ ସୁବ୍ରତ ମଣ୍ଡଳ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ସୁରକ୍ଷା ପତାକା ଉତ୍ତୋଳନ କରାଯାଇଥିଲା । ଚଳିତ ବର୍ଷର ଅନୁଚିନ୍ତା ଥିଲା; 'ସୁରକ୍ଷାରେ ଯୁବଗୋଷ୍ଠୀ ଦ୍ୱାରା ପରିବର୍ତ୍ତନ ଆଣିବା' । ଏହାକୁ ଲକ୍ଷ୍ୟ ରଖି ଭୁବନେଶ୍ୱରସ୍ଥିତ ଶଙ୍ଖଧ୍ୱନି ଅନୁଷ୍ଠାନ ଦ୍ୱାରା ସୁରକ୍ଷିତ ଗାଡି ଚାଳନା ଉପରେ ଏକ ଦିବସୀୟ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ପୋର୍ଟରେ କାର୍ଯ୍ୟରତ ୧୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଯୋଗ ଦେଇଥିଲେ । ଏହି ଜାତୀୟ ସୁରକ୍ଷା ସପ୍ତାହ ଅବସରରେ ସ୍ଥାନୀୟ ବିଦ୍ୟାଳୟ ଓ ଡିପିସିଏଲ ଟାଉନସିପ୍‌ର ମହିଳାମାନଙ୍କୁ ନେଇ ସଡକ ସୁରକ୍ଷା ଉପରେ କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ଉଦ୍‌ଯାପନୀ ଦିବସରେ ବନ୍ଦରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଯୋଗ ଦେଇ ସଡକ ସୁରକ୍ଷା ନିୟମ ପାଳନ ଓ ସାବଧାନତାର ସହ ପୋର୍ଟ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଧର୍ମନିରପେକ୍ଷତା ଭାରତର ଗର୍ବ ଓ ସମ୍ବିଧାନ ପାଇଁ ମୁଖ୍ୟ ଆଧାର

ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଆଲୋଚନା ଚକ୍ର

ଚଣ୍ଡିଖୋଲ, ୨୦/୧(ପିଏନ)-ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ ଓ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ମିଳିତ ଆନୁକୂଲ୍ୟରେ ଆଧୁନିକ ଭାରତ ବର୍ଷରେ ଜାତୀୟତା ବାଦ ଓ ଧର୍ମ ନିରପେକ୍ଷତା ଶୀର୍ଷକ ଆଲୋଚନା ଚର୍କ ବିଭାଗୀୟ ମୁଖ୍ୟ ଡ ମନୋଜ କୁମାର ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଘାଟକ ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତୀୟ ସମ୍ବିଧାନରେ ନିରପେକ୍ଷତା ଓ ବିଭିନ୍ନତା ମଧ୍ୟରେ ଏକତା ହେଉଛି ଭାରତୀୟ ସମ୍ବିଧାନର ମୁଖ୍ୟ ଆଧାର ବୋଲି ମତବ୍ୟକ୍ତ କରିଥିଲେ । ଏହି ଏକତାକୁ ବଜାୟ ରଖିବା ପାଇଁ ଆଜିର ଛାତ୍ରଛାତ୍ରୀ ମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ପଶ୍ଚିମ ବଙ୍ଗ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଅଚିନ୍ତ୍ୟ କୁମାର ଦ ଭାରତୀୟ ସମ୍ବାଧାନ, ଜାତୀୟତା, ଧର୍ମନିରପେକ୍ଷତା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତ ଭାରତୀୟଙ୍କ ପକ୍ଷରେ ଚିନ୍ତନ କରିବାର ସମୟ ସମୟ ଆସିଛି ବୋଲି ମ୍ ପ୍ରକାଶ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଡ ଅଶୋକ କୁମାର ପଟନାୟକ ଓ ବର୍ତ୍ତମାନର ବିଭାଗୀୟ ମୁଖ୍ୟ ଡ ବସନ୍ତ କୁମାର ମଲିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ୍ୟ ଡ ବିରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଧନ୍ୟାବଦ ଅର୍ପଣ କରିଥିଲେ । ଅଧ୍ୟାପିକା ଇନ୍ଦୁମତୀ ଦାସ ଆଲୋଚନା ଚକ୍ରକୁ ସଂଚାଳନ କରିଥିବା ବେଳେ ଅଧ୍ୟାପକ ନିରାକାର ପାତ୍ର, ଓ ଅଧ୍ୟାପିକ ଡ ରେଖାରାଣୀ ଖୁଣ୍ଟିଆ ସହଯୋଗ କରିଥିଲେ । ଆଲୋଚନାର ଦ୍ୱିତୀୟାର୍ଦ୍ଧରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ପାତ୍ର, ସୁବାଷ ଚନ୍ଦ୍ର ବାରିକ, ଆଲୋଚନା ଚକ୍ରକୁ ପରିଚାଳନା କରିଥିଲା ବେଳେ ଅଧ୍ୟାପକ ଦୋଳ ଗୋବିନ୍ଦ ପ୍ରତାପ ସଭାକାର୍ଯ୍ୟ ସଂଚାଳନ କରିଥିଲେ । ଏହି ଆଲୋଚନା ଚକ୍ରରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ସେମାନଙ୍କର ସନ୍ଦର୍ଭ ପାଠ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ପ୍ରାକ୍ତନ ଅଧକ୍ଷ ପଦ୍ମଚରଣ ରାଉତରାୟ, ନରେନ୍ଦ୍ର କୁମାର ମହାନ୍ତି, ଡ କେଦ୍ୱାର ନାଥ ଦାସ, ଡ ଅଜୟ ଲେଙ୍କା, ସୁରେନ୍ଦ୍ର ନାଥ ପଣ୍ଡା, ଅଧ୍ୟାପିକା ରେଣୁବାଳା ପୃଷ୍ଟି, ବେଣୁଧର ସରଣ, ତ୍ରିଲୋଚନ ରାଉତ ପ୍ରମୁଖ ଯୋଗ ଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଅବକାରୀ ବିଭାଗର ଚଢଉ

୬ ଗିରଫ, ୬୦୫ ଲିଟର ମଦ ଜବତ

ଧର୍ମଶାଳା, ୨୦/୧(ପି ଏନ୍);ଧର୍ମଶାଳା ଅବକାରୀ ପୁଲିସ ପକ୍ଷରୁ ଆଜି ବଡଚଣା ଓ ବୈରୀ ଥାନାର ୬ଟି ସ୍ଥାନରେ ଚଢଉ କରାଯାଇ ୬୦୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୬ ଜଣଙ୍କୁ ଗିରଫ କରାଯାଇଛି । ବିଭିନ୍ନ ଗ୍ରାମ ଅଞ୍ଚଳରେ ଏବେ ଦେଶୀ ମଦର ଖୋଲମ୍‌ଖୁଲା ଚାଲିଛି । କେହି ଘର ପଛ ପଟେ ଗାତ ଖୋଳି ତଆଉ କେହି ପାନ ଦୋକାନ କ୍ୟାବିନରେ ରଖି ଅବାଧରେ ମଦ ବିକ୍ରୀ କରୁଛନ୍ତି । ବିଶେଷ କରି ପଡୋଶୀ କଟକ ଓ ଢେଙ୍କାନାଳ ଜିଲ୍ଲାକୁ ଏହି ଚୋରା ବ୍ୟବସାୟ ଚେର ଲମ୍ବିଛି ।ସୂଚନା ମୁତାବକ , ଜିଲ୍ଲା ଅବକାରି ଅଧିକାରୀ ଅଧିକ୍ଷକ ରଜତ ପ୍ରହରାଜଙ୍କ ନିର୍ଦ୍ଦେଶକ୍ରମେ ଆଜି ସକାଳେ ଧର୍ମଶାଳା ଅବକାରୀ ପୁଲିସ ପକ୍ଷରୁ ଏକ ବଡଧରଣ ଚଢଉ କରାଯାଇଥିଲା । ଭୋର୍ ସମୟରେ ପ୍ରଥମେ ମଙ୍ଗରାଜପୁର ଗ୍ରାମରେ ଚଢଉ କରାଯାଇ ଗ୍ରାମରେ ଚୋରାମଦ ବ୍ୟବସାୟ କରିବା ସହିତ ବିଭିନ୍ନଅଞ୍ଚଳକୁ ଯୋଗାଇ ଆସୁଥିବା ମଦବେପାରୀ ତଥା କିଙ୍ଗପିନ୍ କୁହାଯାଇଥିବା ଅଜୟ ସାହୁ ଗିରଫ କରାଯାଇଛି । ତା' ନିକଟରେ ୪ ଶହ ଲିଟର ଦେଶୀ ମହୁଲି ଯୁକ୍ତ ଥିବା ମଦ ବ୍ୟାରଲ ଜବତ କରାଯାଇଛି । ଏହାପରେ ପ୍ରର୍ଯ୍ୟାୟକ୍ରମେ ତେଲିଗଡର କାଳନ୍ଦୀ ପ୍ରଦାନଙ୍କ ଠାରୁ ୧୦ ଲିଟର, ମହାଖାଳ ଗ୍ରାମରେ ପଞ୍ଚାନନ ସାହୁଙ୍କ ଠାରୋ ୧୫୦ ଲିଟର, ଚାରିଘରିଆ ଗାଁର ନନ୍ଦପୂ ଙ୍କ ଠାରୁ ୨୫ ଲିଟର ଓ ବୈରି ଥାନା ଗୋପପୁର ଗ୍ରାମର ହରିଆ ଜେନା ନିକଟରୁ ୧୦ଲିଟର ଦେଶୀ ମଦ ଜବତ ସହ ସେମାନଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ନାମରେ ପୃଥକ ମାମଲା ରୁଜୁ ପରେ କୋର୍ଟ ଚାଲଣା କରାଯାଇଛି । ଏସ୍ଆଇ ପ୍ରଶାନ୍ତ କୁମାର ମହାନ୍ତି ଏଏସ୍ଆଇ ଚକ୍ରଧର ଦାସ, ଓ ପ୍ରଦୀପ ପରିଡା, କନେଷ୍ଟବଳ ବିଶ୍ୱନାଥ ଜେନା । ଶୁଭସ୍ମିତା ପ୍ରଧାନ ଓ ସଂଗ୍ରାମ କୁଅଁର ପ୍ରମୁଖ ଏହି ଚଢଉରେ ସାମିଲି ହୋଇଥିଲେ ।

ଯୁବ ରେଡକ୍ରସ ସଡକ ସୁରକ୍ଷା କାର୍ଯ୍ୟକ୍ରମ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ସହ ଖଡିଆଳ ସ୍ୱୟଂଶାସିତ କଲେଜର ଯୁବ ରେଡକ୍ରସ ତରଫରୁ ସଡକ ସୁରକ୍ଷାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ଏକ ସଚେତନତା ର୍ୟାଲି ବାହାରି କଲେଜରୁ ମିଶନ ଡାକ୍ତରଖାନା ପର୍ଯ୍ୟନ୍ତ ଜାତୀୟ ରାଜପଥ ପରିକ୍ରମା କରିଥିଲେ । ଯାତାୟତ କରୁଥିବା ବାଇକ ଏବଂ ୪ଚକିଆ ଜାନର ଡ୍ରାଇଭର ମାନଙ୍କୁ ହେଲ୍‌ମେଟ ଏବଂ ସିଟ୍‌ବେଲ୍‌ଟ ବ୍ୟବହାର ଉପରେ ସତର୍କ କରାଯାଇଥିଲା । ଏହି ଅବସରରେ ବାଟୋଇଙ୍କୁ ସଡକ ସୁରକ୍ଷା ସଚେତନାତା ଲିଫଲେଟ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର କଲେଜର ଅଧ୍ୟକ୍ଷ ଡଃ ହରେନ୍ଦ୍ର କୁମାର ପଣ୍ଡା, ଡେପୁଟି ଡିନ ସୁଧିର ପ୍ରଧାନ ଯଥାକ୍ରମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ସଡକ ସୁରକ୍ଷାର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ଯୁବ ରେପକ୍ରସ ପରାମର୍ଶଦାତା ଡଃ. ତରୁଣ କୁମାର ପ୍ରଧାନ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ୨୫ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସାମିଲ ଥିଲେ ।

୧୨୧୫୩ ଜଣ ଶିଶୁଙ୍କୁ ପୋଲିଓ ବଣ୍ଟନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ଖଡିଆଳ ବ୍ଲକର ୨୬ ଗୋଟି ପଞ୍ଚାୟତରେ ରବିବାର ପଲ୍‌ସ ପୋଲିଓ ବଣ୍ଟନ କରାଯାଇଛି । ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ମେଡିକାଲ ଅଫିସର ଡ. ଦୀନବନ୍ଧୁ ମହାନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଖଡିଆଳ ଏନଏସି ଏବଂ ଖଡିଆଳ ବ୍ଲକରେ ୧୦୪ ଗୋଟି ପଲ୍‌ସ ପୋଲିଓ ବୁଥ ଖୋଲାଯାଇ ବ୍ଲକର ୧୧୧୮୧ ଏବଂ ଏନଏସିର ୯୭୨ ଜଣ ୦ ରୁ ୫ ବର୍ଷର ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଯାଇଥିଲା । ମହିଳା ସୁପରଭାଇଜର ଜ୍ୟୋତିର୍ମୟୀ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଲ୍‌ସ ପୋଲିଓ ବଣ୍ଟନ କରାଯାଇଥିବା ବେଳେ ସୁପରଭାଇଜର ରୁଖମଣୀ ବାଗ, ବିପିଓ ତାପସ ବହିଦାର, ସିଡିପିଓ ମନକୁମାର ଲମ୍ଭୋ, ଡ. ସଂଘମିତ୍ରା ବାବୁ, ଏନଏସି ସୁପରଭାଇଜର ଶିବ ରାଉତ, ସୁପରଭାଇଜର ଲବଣି ରଞ୍ଜନ ପଣ୍ଡା, ଖିରୋଦ ସେଠୀ, ବିନୋଦ କୁମାର ମାଝୀ, ଅମିତ ସିଂଦେଓ, କୈଳାସ ଲିମା, ମାନଓ ପଣ୍ଡା, ଗୁଣଲାଲ ମେହେର, ଶୁଶିଲ ମାଝୀ, ରୀମା ତାଣ୍ଡି, ଉତ୍ତମା ଜଗତ, ରେସମା ବେଗମ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ସୁପରଭାଇଜର, ଏନଏଏମ, ଅଙ୍ଗନୱାଡି ସାମିଲ ଥିଲେ ।

ଓ୍ୱେଷ୍ଟର୍ଣ୍ଣ ଓଡିଶା ପବ୍ଲିକ ସ୍କୁଲର ୧୯ ତମ ବାର୍ଷିକ ଉତ୍ସବ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଓ୍ୱେଷ୍ଟର୍ଣ୍ଣ ଓଡିଶା ରେସିଡିଆନ୍ସିଆଲ ପବ୍ଲିକ ସ୍କୁଲର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାର୍ଷିକ ଉତ୍ସବରେ ପରିଚାଳନା କମିଟି ସଭାପତି ବିଜୟ ବିଶୋୟୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଯୋଗଦାନ କରି ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ । ମୁଖ୍ୟବକ୍ତା ଭାବରେ ସ୍ୱାମୀ ପ୍ରଜ୍ଞାନନ୍ଦ ପୁରି, ସମ୍ମାନୀତ ଅତିଥି ଭାବରେ ପରିଚାଳନା କମିଟିର ସତୀଶ ପଟ୍ଟନାୟକ ଏବଂ ମନୋଜ ପଟ୍ଟନାୟକ ଯୋଗଦାନ କରିଥିଲେ ।

ପଲ୍ଲୀ ସାହିତ୍ୟ ପତ୍ରିକା 'ଧାନଫୁଲ'ର ଉନ୍ମୋଚିତ

ଭଦ୍ରକ, (ପିଏନ)- ସ୍ଥାନୀୟ ବାଲ ଗୋପାଲ ମନ୍ଦିର ସଭାଗୃହରେ ପଲ୍ଲୀ ସାହିତ୍ୟ ପତ୍ରିକା ଧାନଫୁଲ ଉନ୍ମୋଚିତ ହୋଇଯାଇଛି । ପ୍ରତିଷ୍ଠାତା ସଭାପତି ରମେଶ ଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ବିଶିଷ୍ଟ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟ ଅତିଥି ଓ ବରିଷ୍ଠ କବି ତଥା ସମାଲୋଚକ ରାଧାରଂଜନ ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଜଗତୀକରଣ ଯୁଗରେ ଧାନଫୁଲ ପରି ପଲ୍ଲୀ ସାହିତ୍ୟ ପତ୍ରିକାର ଭୂମିକା ସମାଜରେ କେତେ ଆବଶ୍ୟକ ତାହା ମୁଖ୍ୟଅତିଥି ତଥା ମୁଖ୍ୟବକ୍ତା ଆଲୋକପାତ କରିଥିଲେ । ଆଧୁନିକ ଯୁଗରେ ପଲ୍ଲୀ ସଭ୍ୟତା ବିଲୋପ ହେଉଯାଉଥିବା ବେଳେ ଧାନଫୁଲ ଏହି ପଲ୍ଲୀ ସଭ୍ୟତାକୁ ଆଦରିନେଇଥିବା ସହ ନିଜର ସାହିତ୍ୟ ସଂସ୍କୃତି ଓ ପରମ୍ପରାକୁ ଅନୁସରଣ କରୁଛି । ମଣିଷର ସଭ୍ୟତା ସବୁବେଳେ ନିଜର ସଂସ୍କୃତି ପରମ୍ପରାକୁ ନେଇ ଆତ୍ମଜ୍ଞାନ ଲାଭ କରୁଥିଲା ବେଳେ ଏଭଳି ସାହିତ୍ୟର ଆବଶ୍ୟକତା ଯୁଗେ ଯୁଗେ ରହିବା ଦରକାର ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ହରମୋହନ କୁଅଁର ଅତିଥିମାନଙ୍କୁ ମଞ୍ଚାସିନ ହେବା ପାଇଁ ଆମନ୍ତ୍ରଣ କରିଥିବାବେଳେ ଯୋଗ୍ୟଶ୍ରୀ ସାମଲ ପୁଷ୍ପଗୁଚ୍ଛ ଓ ବ୍ୟାଚ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଡ. ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଉଦ୍‌ଘାଟନ କରିବା ସହ ବେଦପାଠ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ସୁହାସିନୀ ସାହୁ ଗାନ କରି ସମସ୍ତଙ୍କୁ ବିମୋହିତ କରିଥିଲେ । ବୈକୁଣ୍ଠ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂପାଦକ ସୀତାକାନ୍ତ ପତ୍ରୀ ସଂପାଦକୀୟ ବିବରଣୀ ପାଠ କରିଥିଲେ । ଅତିଥି ମାନଙ୍କ ଦ୍ୱାରା 'ଧାନଫୁଲ' ଦ୍ୱାବିଂଶତମ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ପ୍ରତିବର୍ଷ ପରି ଏବର୍ଷ ପ୍ରତିଭା ପୂଜା କାର୍ଯ୍ୟ କ୍ରମରେ ବିଶିଷ୍ଟ ସାହିତ୍ୟିକା କବୟିତ୍ରୀ ସୈରିନ୍ଧ୍ରୀ ସାହୁଙ୍କୁ 'ଧାନଫୁଲ' ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଗଳ୍ପ, ସମାଲୋଚନା ପାଇଁ ପ୍ରଦୀପ ଚଟାର୍ଜୀଙ୍କୁ କଥା ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ ଓ ଆଇନଜୀବୀ ସନ୍ତୋଷ କୁମାର ଆଚାର୍ଯ୍ୟଙ୍କୁ ବିଶିଷ୍ଟ ଆଇ ବିଶାରଦ ଉତ୍ତମ ଚରଣ ପ୍ରତୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଭାପତିଙ୍କ ଅଭିଭାଷଣ ପରେ ନିର୍ମଳ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

ଧାମରାରେ ଇଣ୍ଡିଆନ ଅଏଲ (ସର୍ଭୋ)ପକ୍ଷରୁ ସଡକ ସୁରକ୍ଷା ଉପଲକ୍ଷେ ଜନସମ୍ପର୍କ ସଭା

ଭଦ୍ରକ,(ପିଏନ)- ଧାମରା ଠାରେ ଥିବା ଇଣ୍ଡିଆନ ଅଏଲ (ସର୍ଭୋ) ପକ୍ଷରୁ ସଡକ ସୁରକ୍ଷା ଉପଲକ୍ଷେଏକ ଜନସମ୍ପର୍କ ଶିବିର ଆୟୋଜନ ହୋଇ ଯାଇଛି । ଏହି ଶିବିରରେ ସିଣ୍ଡା କମ୍ପାନୀର ପରିଚାଳକ ବିକେ ସିଂ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ଅଏଲ (ସର୍ଭୋ)ପକ୍ଷରୁ ହୋଇଥିବା ଏହି ଜନସମ୍ପର୍କ ଶିବିରରେ ଉପସ୍ଥିତ ଧାମରା ମତ୍ସ୍ୟଜିବୀ ସଂଘର ସମସ୍ତ ଟ୍ରଲର ଚାଳକ ଏବଂ ଧାମରା ଅଂଚଳରେ ସମସ୍ତ ଗାଡି ଚାଳକ ମାନଙ୍କୁ ସଡକ ସୁରକ୍ଷା ଦେଶ ପାଇଁ ଜରୁରୀ ହୋଇଥିବା କଥା ନିଜ ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମା ଧାମରାଇ ପେଟ୍ରୋଲ ପମ୍ପର ମୁଖ୍ୟ ପରିଚାଳକ ବିକି ମଣ୍ଡଳ ମଧ୍ୟ ଏହି ସଚେତନତା ଦେଶ ର ହିତ ପାଇଁ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ । ପରେ ସମସ୍ତ ଚାଳକ ମାନଙ୍କୁ ଏହି ଶିବିରରେ ନିଜ ନିଜେ ଟ୍ରଲର ,ଟ୍ରକ,ଲରି ଏବଂ ବାଇକରେ ଇଞ୍ଜିନର ସଂପୂର୍ଣ୍ଣ ସୁରକ୍ଷା ପାଇଁ ସର୍ଭୋ ବ୍ରାଣ୍ଡର ଇଞ୍ଜିନ ଅଏଲ ସର୍ବୋତମ ବୋଲି ବକ୍ତବ୍ୟ ରଖିବା ସହ ଇଞ୍ଜିନ ଗୁଡିକରେ ସର୍ଭୋ ଇଞ୍ଜିନ ଅଏଲ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଆଜିର ଏହି ଜନସମ୍ପର୍କ ଶିବିରରେ ମୁଖ୍ୟ ପରିଚାଳକ ଅମୁଲ୍ୟ ମଣ୍ଡଳ,ଇଣ୍ଡିଆନ ଅଏଲର ମାର୍କେଟିଂ ଅଫିସର ହର୍ଷବର୍ଦ୍ଧନ ସାହୁ ପ୍ରକାଶ ସାମଲ, ଅତନୁ ବିଶ୍ୱାଳ, ଦିଲିପ ଦାସ, ସର୍ଭୋ କମ୍ପାନୀର ପ୍ରଡକସନ ପ୍ରମୋଟର ସୁବ୍ରତ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଶିବିରକୁ ରାଜୀବ ବିଶ୍ୱାଳ, ନିତ୍ୟାନନ୍ଦ ଜାନା, ବିଶ୍ୱଜିତ ସିଂ, ନିର୍ମଳ ବାରୋଇ, ସୁବାଶ ଗିରି, ସଦେଶ ଜାନା, ଚନ୍ଦ୍ରକାନ୍ତ ମହନ୍ତ, ଖୋକନ ମଣ୍ଡଳ, ସମର କୁମାର ନାୟକ,ରାଜେଶ ବିଶୋଇ, ରାଙ୍କୁ ମଣ୍ଡଳ, ବାପି ଗିରି,ସଞ୍ଜିବ ମଲିକ, ଗୌରାଙ୍ଗ ଖିଲାର ଏବଂ ରାକେଶ ମଣ୍ଡଳ ପ୍ରମୁଖ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ ।

ଜିଲା ଉନ୍ନୟନ ସଂଘର୍ଷ ସମିତିର ସାମ୍ବାଦିକ ସମ୍ମିଳନୀ

ଭଦ୍ରକ, (ପିଏନ)- ଜିଲା ଉନ୍ନୟନ ସଂଘର୍ଷ ସମିତି ପକ୍ଷରୁ ସ୍ଥାନୀୟ ଭଦ୍ରକ ଓକିଲ ସଂଘ ସଭାଗୃହରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ୧୯୯୫ ମସିହାରୁ ଭଦ୍ରକରେ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ଦାବୀ ଓ ଆନ୍ଦୋଳନ ହେଉଥିବା ବେଳେ ଗତ ତିନିବର୍ଷ ଧରି ଏହି ଦାବୀ ହାସଲ ପାଇଁ ବିଭିନ୍ନ ପର୍ଯ୍ୟାୟରେ "ଜିଲ୍ଲା ଉନ୍ନୟନ ସଂଘର୍ଷ ସମିତି" ଆନ୍ଦୋଳନ ଚଳାଇ ଆସୁଛି । ଜିଲ୍ଲା ତମାମ୍ ଦସ୍ତଖତ ଅଭିଯାନ ସହିତ ପଥପ୍ରାନ୍ତ ସଭା, ଶୋଭାଯାତ୍ରା ଓ ପ୍ରଚାରପତ୍ର ଜରିଆରେ ଜନଗଣଙ୍କ ପାଖରେ ବାର୍ତ୍ତା ପହଞ୍ଚାଇଛି । ଗତ ୨୦୧୮ ଅକ୍ଟୋବର ୨୯ ତାରିଖରେ ମଧ୍ୟ ବିଭିନ୍ନ ସଂଗଠନମାନଙ୍କ ସହ ଭଦ୍ରକ ବନ୍ଦକୁ ସର୍ବାନ୍ତକରଣରେ ସଫଳ କରାଯାଇଥିଲା । ଏବେ କେନ୍ଦ୍ରସରକାର ଆମ ଦେଶରେ ୭୫ଟି ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିବା ବେଳେ ରାଜ୍ୟ ସରକାର ଭଦ୍ରକବାସୀଙ୍କ ଦାବୀକୁ ଅଣଦେଖା କରିଚାଲିଛନ୍ତି । ଅପରପକ୍ଷରେ ଜନଗଣଙ୍କୁ ବିଭ୍ରାନ୍ତି କରିବାପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ଗତ ଡିସେମ୍ବର ମାସରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ୩୦୦ ଘୋଷଣା କରିଛନ୍ତି । ପ୍ରକାଶ ଥାଉକି ଭଦ୍ରକ ନୂତନ ଜିଲ୍ଲାର ମାନ୍ୟତା ପାଇବା ପୂର୍ବରୁ ଅର୍ଥାତ ୧୯୯୦ ମସିହାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ୧୯୧ ଥିଲା । ପରବର୍ତ୍ତୀ ଅବସ୍ଥାରେ ଏହା ବୃଦ୍ଧି ପାଇ ୩୨୫ ସଂଖ୍ୟା ହୋଇଥିଲା । ମାତ୍ର ଦୁଃଖ ଓ ପରିତାପର ବିଷୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବେ ୩୦୦ ସଂଖ୍ୟା ବୃଦ୍ଧି ହେଲା ବୋଲି ଦୁଇ ଦୁଇଥର ଘୋଷଣା କରିବା ହାସ୍ୟାସ୍ପଦ ଓ ଭଦ୍ରକବାସୀଙ୍କ ପାଇଁ ଚରମ ପ୍ରତାରଣା । ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀଙ୍କର ଏହି ତଥାକଥିତ ଘୋଷଣା ପରେ ତିହିଡ଼ି ତଥା ଭଦ୍ରକ ଅଞ୍ଚଳରେ ସରକାରୀ ଦଳର କିଛି କର୍ମୀ ଓ ନେତୃମଣ୍ଡଳୀ ଉତ୍ସବ ମନାଇ ମିଠା ବାଣ୍ଟିବା ପରିସ୍ଥିତିକୁ ଆହୁରି ହାସ୍ୟାସ୍ପଦ କରିଛି । ଏଭଳି ଭୁଲ୍ ଓ ପ୍ରବଞ୍ଚନାପୂର୍ଣ୍ଣ ଘୋଷଣା ଓ ପ୍ରଚାରକୁ ଗୁରୁତ୍ୱ ନଦେଇ ଭଦ୍ରକରେ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ଦାବୀରେ ଜିଲ୍ଲାବାସୀ ଅଟଳ ରହିବାକୁ "ଜିଲ୍ଲା ଉନ୍ନୟନ ସଂଘର୍ଷ ସମିତି" ପକ୍ଷରୁ ଜନଗଣଙ୍କୁ ଅବଗତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ବାସୀଙ୍କ ପକ୍ଷରୁ ଆମର ଉଦ୍ୟମକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ସଠିକ୍ ଭାବରେ ପହଞ୍ଚାଇବାର ଦାୟିତ୍ୱ ସମ୍ପନ୍ନ କରିବାକୁ ଆମେ ସଂକଳ୍ପବଦ୍ଧ । ଭଦ୍ରକରେ ଭିତ୍ତିଭୂମି ଧାମନଗର ଛକଠାରେ ଇଡକୋ ଅଧିନରେ ପ୍ରାୟ ୨୧୮ ଏକର ଅଧିକୃତ ଜମି ଓ ସରକାରୀ ଜମି ପ୍ରାୟ ୧୮ ଏକର ଏପରି ୨୩୬ ଏକର ଜମି ରହିଅଛି । ଏହି ଜିଲ୍ଲାର ପ୍ରାୟ ୨୧ଲକ୍ଷ ଲୋକସଂଖ୍ୟା ସମେତ ପଡ଼ୋଶି ଜିଲ୍ଲାଗୁଡ଼ିକର ପ୍ରାୟ ୭ଲକ୍ଷ ଲୋକ ନିଜର ବାଣିଜ୍ୟ,ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାପାଇଁ ଭଦ୍ରକ ଉପରେ ନିର୍ଭରଶୀଳ । ଏଣୁ ଭଦ୍ରକରେ ସରକାରୀ ମେଡ଼ିକାଲ କଲେଜ ଓ ହସପିଟାଲ ଆମର ହକକ୍ ଅଟେ । ଏହା ସହିତ ଅନ୍ୟ କେତେକ ଦାବୀ ଯଥା: ଭଦ୍ରକରେ ନିର୍ମାଣାଧିନ ସୁପରସ୍ପେଶାଲିଟି ହସପିଟାଲକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରାଇବା, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ସମସ୍ତ ଡାକ୍ତର ପଦବୀ ପୂରଣ କରିବା ଏବଂ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତର ନିଯୁକ୍ତି ଦାବୀ ମଧ ଉପସ୍ଥାପନ କରୁଛୁ । ଏହି ଦାବୀ ଆସନ୍ତା ଏକମାସ ମଧ୍ୟରେ ପୂରଣ ନହେଲେ ଜିଲ୍ଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟାୟକ୍ରମେ ଘେରାଉ କରାଯିବାକୁ ମଧ ଜନଗଣଙ୍କ ପକ୍ଷରୁ ଆହ୍ୱାନ ଜଣାଉଛୁ । ଏଣୁ ସଂଗଠନ ମାଧ୍ୟମରେ ଜନଗଣଙ୍କର ଉକ୍ତ ଦାବୀକୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସରକାରଙ୍କ ଠାରୁ ଆଦାୟ କରିବା ପାଇଁ ଆନ୍ଦୋଳନ ହିଁ ଏକମାତ୍ର ପନ୍ଥା । ଏହି ପରିପ୍ରେକ୍ଷିରେ ଭଦ୍ରକର ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ସହଯୋଗରେ ଆଜି ଅପରାହ୍ଣ ୪ଘଟିକା ସମୟରେ ଭଦ୍ରକ ଓକିଲ ସଂଘ ସଭାଗୃହରେ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉନ୍ନୟନ ସଂଘର୍ଷ ସମିତିର ସଭାପତି ନିରାକାର ଜେନା (ବରିଷ୍ଠ ଆଇନଜିବୀ ଓ ଆଜୀବନ ସଂଗ୍ରାମୀ), ସଂଗଠକ ଆଇନଜିବୀ ଗିରିଧାରୀ ନାଥ, ଶ୍ରମିକ ନେତା ଦିବ୍ୟସିଂହ ନାୟକ, ସମାଜସେବୀ ବିକାଶ ଜେନା, ରକେଶ ପଣ୍ଡା,ନବକିଶୋର ସିଂ, ବିଜୟ କୁମାର ରାଉତ,ଓକିଲ ସଂଘର ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁରମାନେ ନେତୃତ୍ୱ ଗ୍ରହଣ କରି ଜନଗଣଙ୍କ ଦାବୀକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ ।

ରାଜାରାଣୀ ସଙ୍ଗୀତ ଉତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ବଂଶୀର ସ୍ୱର ସହିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତର ଯାଦୁକରୀ ମୂର୍ଚ୍ଛନା

ଭୁବନେଶ୍ୱର (ପିଏନ) : ରାଜାରାଣୀ ସଙ୍ଗୀତ ଉତ୍ସବର ଆଜିଥିଲା ଅନ୍ତିମ ସନ୍ଧ୍ୟା । ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ବିଭିନ୍ନ ରାଗ ରାଗିଣୀର ହୃଦୟସ୍ପର୍ଶୀ ପରିବେଷଣ ସହିତ ଉତ୍ସବସ୍ଥଳର ଚମତ୍କାର ସାଜସଜା ଏବଂ ୧୧ଶ ଶତାବ୍ଦୀ ନିର୍ମିତ ରାଜାରାଣୀ ମନ୍ଦିରର ଅପୂର୍ବ କଳା ସ୍ଥାପତ୍ୟ ଏବଂ ସଙ୍ଗୀତମୟ ତଥା ମନୋମୁଗ୍ଧକର ପରିବେଶ ଏ ବର୍ଷ ରାଜାରାଣୀ ଉତ୍ସବକୁ ଅନନ୍ୟ କରିଥିଲା । ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ପ୍ରଶଂସନୀୟ ପ୍ରୟାସ ବାସ୍ତବିକ ଶାସ୍ତ୍ରୀୟ ସଙ୍ଗୀତ ପ୍ରେମୀମାନଙ୍କୁ ଖୁବ୍ ଆନନ୍ଦ ଦେଇପାରିଥିଲା ।

ଅନ୍ତିମ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ବିଶିଷ୍ଟ ବଂଶୀ ବାଦକ ରାଜେନ୍ଦ୍ର ପ୍ରସନ୍ନଙ୍କ ଦ୍ୱାରା ବଂଶୀ ବାଦନ । ପ୍ରଥମେ ରାଗ ମାରୱା ଏବଂ ପରେ ପରେ ପାହାଡ଼ି ଧୁନ ସହିତ ବିଭିନ୍ନ ରାଗ ଓ ତାଳକୁ ନେଇ ତାଙ୍କର ବଂଶୀ ବାଦନ ବେଶ ହୃଦୟସ୍ପର୍ଷି ଥିଲା । ତାଙ୍କୁ ବଂଶୀବାଦନରେ ସହଯୋଗ କରିଥିଲେ ରିଶଭ ପ୍ରସନ୍ନ ଏବଂ ତବଲାରେ ଅଭିଷେକ ମିଶ୍ରା ।ସନ୍ଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା କୌଶିକୀ ଚକ୍ରବର୍ତ୍ତୀଙ୍କ ଦ୍ୱାରା ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଶଣ । ସେ ପ୍ରଥମେ ରାଗ ଯୋଗରେ ପିହରୱା ଏକା ବିରମାୟେ ପରେ ପରେ ତରାନା ଧନ ଯୌବନ ନଦୀନାୱ ସହିତ ସୁନ୍ଦର ଓ ନିଖୁଣ ରାଗ ବିସ୍ତାର, ଆଳଙ୍କାରିକ ସର୍ଜନା ସାବଲୀଳ ଓ ଭାବୋଦ୍ଦୀପକ ପରିବେଷଣ ଦ୍ୱାରା କୌଶିକୀ ଚକ୍ରବର୍ତ୍ତୀ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ତାଙ୍କୁ ତବଲାରେ ସହଯୋଗ କରିଥିଲେ ସନ୍ଦୀପ ଘୋଷ, ହାରମୋନିୟମରେ ଗୌରବ ଚାଟାର୍ଜୀ, ତାନପୁରାରେ ସଙ୍ଗମିତ୍ରା ସରକାର ଓ ସଚ୍ଚିଦାନନ୍ଦ ସାହୁ । ଅନ୍ତିମ ସନ୍ଧ୍ୟାର ଅତିଥିମାନେ ଥିଲେ ପର୍ଯ୍ୟଟନ ବିଭାଗର ଶାସନ ସଚିବ ଶ୍ରୀଯୁକ୍ତ ବିଶାଲ କୁମାର ଦେବ; ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ଡ଼. ସୁନିଲ କୁମାର ପଟ୍ଟନାୟକ । କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ଏବଂ ଅନୁଜା ତାରିଣୀ ମିଶ୍ର । ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଅଧିକାରୀ ଓ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପଞ୍ଚମ କେଡିଏମ କ୍ରିକେଟ ଉଦ୍‌ଯାପିତ;ପ୍ରଥମାଖଣ୍ଡି ଚମ୍ପିଆନ

ଧର୍ମଶାଳା ୨୦/୧(ପି ଏନ୍); କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ୫ମ କେଡିୟମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଥିଲା । ଫାଇନାଲ ମ୍ୟାଚରେ ଗଙ୍ଗାଧରପୁରକୁ ୬୬ ରନରେ ପରାସ୍ତ କରି ପ୍ରଥମାଖଣ୍ଡି ଚଳିତ ବର୍ଷ ଚମ୍ପିୟନ ହୋଇଥିଲା । ପ୍ରଥମାଖଣ୍ଡି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୮୨ ରନ କରିଥିଲା । ଦଳପକ୍ଷରୁ ପ୍ରଶାନ୍ତ ବେହେରା ୮୬ ଓ ଆଶୁତୋଷ ଶତପଥି ୩୨ ରନ କରିଥିଲା । ଗଙ୍ଗାଧରପୁର ଦେବାଶିଷ ମହାରନା ୨ ଟି ଓ ପରଭେଷ ମିଶ୍ର ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ଗଙ୍ଗାଧରପୁର ଦଳ ୧୧.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ କରି ପରାସ୍ତ ହୋଇଥିଲା । ଦଳ ପକ୍ଷରୁ ରଞ୍ଜନ ବିଶ୍ୱାଳ ୨୫ ଓ ସତ୍ୟପ୍ରକାଶ ୨୨ ରନ କରିଥିଲେ । ବିପକ୍ଷ ପ୍ରଥମାଖଣ୍ଡି ପଖରୁ ତାପସ ଜେନା ୪ଟି ବିନୋଦ ବାରିକ ୧ଟି ଉଇକେଟ ନେଇଥିଲେ । ଆଜିର ଖେଳକୁ ଇନ୍ତେକାବ ଆଲମ ଓ ଅମରେଶ ପରିଡା ପରିଚାଳନା କରିଥିଲା ବେଳେ ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋର ସହାୟତା କରିଥରଲେ । ଏହି ଟୁର୍ଣ୍ଣାମେଣ୍ଟରେ ବୀଜୟୀ ଦଳର ପ୍ରଶାନ୍ତ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ଜାବରା ଟିମିର ସ୍ୱସ୍ତିକ ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ଓ ଗଙ୍ଗାଧରପୁର ଦଳର ସୁରେସ ବେହେରାଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନ ଉତ୍ସବରେ କେଡିୟମ ଅଧ୍ୟକ୍ଷ ତଥା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ କ୍ରୀଡା ଯୁବ ବ୍ୟାପର ମନ୍ତ୍ରୀ ତୁଷାରକାନ୍ତି ବେହେରା , ଅତିଥର ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଧାୟିକା ସୁନନ୍ଦା ଦାସ ବିଜୟୀ ଟିମକୁ ଚମ୍ପିଆନ ଟ୍ରଫି ପ୍ରଦାନ କରିଥିଲେ । ଏହି ଖେଳ ନଭେମ୍ବର ୨୩ ତାରିଖରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଥିଲା । ଏହି ଖେଳ ଗ୍ରାମଅଞ୍ଚଳରେପ୍ରତିଭାବାନ କ୍ରିକେଟ ଖେଳାଳୀଙ୍କୁ ଚିହ୍ନଟ କରିବାରେ ସହାୟକ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ଶେଷରେ କେଡିୟମ ଉପାଧ୍ୟକ୍ଷା ରଶ୍ମିରଞ୍ଜନ ରାୟ ଦନ୍ୟବାଦ ଦେଇଥିଲେ ।

ପଞ୍ଚାୟତ ସଭାପତି ଚୟନ ନେଇ ପ୍ରସ୍ତୁତି ବୈଠକ

ଧର୍ମଶାଳା, ୨୦/୧ (ପି ଏନ); ଧର୍ମଶାଳା ବ୍ଲକ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସଭାପତି ଚୟନ ନେଇ ପ୍ରସ୍ତୁତି ବୈଠକରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଦଳ ସାଂଗଠିନକ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ପ୍ରତି ପଞ୍ଚାୟତରେ ୧୬ ଜଣିଆ କମିଟି କରିବା ସହ ସେମାନେ ସଭାପତି ଚୟନ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ବୈଟକ ମିଡିଆସେଲ୍ ଅଧ୍ୟକ୍ଷ ସଂଗ୍ରାମ ଜେନା , ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ,ଜିଲ୍ଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ବ୍ଲକ ସଭାପତି ନିରଞ୍ଜନ ବଳ, ମହିଳା ନିର୍ବାଚନ ମଣ୍ଡଳୀ ସଭାପତି ମିନତୀ ପଣ୍ଡା ,ରେଣୁବାଳା ଶତପଥି, ପୁର୍ବତନ ବ୍ଲକ ଉପଧ୍ୟକ୍ଷା ଜଳଧର ମହାନ୍ତି, ଉତ୍କଳ ଦାସ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ଶରତ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

ଭାରତର ସର୍ବବୃହତ୍ ହୋମ୍‌ଷ୍ଟୋର୍ ହୋମ୍‌ଟାଉନ୍ ପକ୍ଷରୁ ପୁଣିଥରେ ସ୍ୱତନ୍ତ୍ର 'ମାନୋ ୟା ନା ମାନୋ' ସେଲ୍

ଭୁବନେଶ୍ୱର: ଭାରତର ଲୋକପ୍ରିୟ ହୋମ୍ ଷ୍ଟୋର୍, ହୋମ୍ ଟାଉନ୍ ପକ୍ଷରୁ ପୁଣିଥରେ ସ୍ୱତନ୍ତ୍ର 'ମାନୋ ୟା ନା ମାନୋ' ସେଲ୍ ଭୁବନେଶ୍ୱର ଷ୍ଟୋରରେ (ସତ୍ୟନଗର,କେନ୍ଦ୍ରୀୟ ବିଦ୍ୟାଳୟ ବିପରୀତରେ) ଆରମ୍ଭ କରାଯାଇଛି। ଭୁବନେଶ୍ୱର ହୋମ୍ ଟାଉନ୍ ଷ୍ଟୋର୍ ହେଉଛି କମ୍ପାନୀର ଭାରତରେ ଅନ୍ୟତମ ସର୍ବବୃହତ୍ ଷ୍ଟୋର୍; ଏହି ଷ୍ଟୋର ୩୫,୦୦୦ ବର୍ଗଫୁଟ୍ ଅଂଚଳରେ ବ୍ୟାପି ରହିଥିବାବେଳେ ଏଠାରେ ଟ୍ରେଣ୍ଡି ଡିଜାଇନ୍‌ର ଫର୍ଣ୍ଣିଚର, ହୋମ୍‌ୱେୟାର, ଇଲେକ୍ଟ୍ରୋନିକ୍ସ, ମଡ୍ୟୁଲାର କିଚେନ୍, ମଡ୍ୟୁଲାର ୱାରଡ୍ରବସ୍ ଓ ଅନ୍ୟାନ୍ୟ ଘରୋଇ ସାମଗ୍ରୀର ବ୍ୟାପକ ସଂଗ୍ରହ ଗୋଟିଏ ଛାତ ତଳେ ମହଜୁଦ୍ ରହିଛି। ଏହି ଷ୍ଟୋର ଏକ ସ୍ୱତନ୍ତ୍ର ଏଣ୍ଡ-ଟୁ-ଏଣ୍ଡ ଇଂଟେରିୟର ଡିଜାଇନ୍ ଓ ପ୍ରୋଜେକ୍ଟ ଏକ୍ଜିକ୍ୟୁସନ ସର୍ଭିସ୍ ଡିଜାଇନ୍ ଓ ବିଲ୍ଡ ସୁବିଧା ପ୍ରଦାନ କରୁଛି ଯାହାକୁ ଗ୍ରାହକମାନେ ନିଜର ଘର ଡିଜାଇନ୍ କରିବା ପାଇଁ ବ୍ୟବହାର କରିପାରିବେ।ଫର୍ଣ୍ଣିଚର କଲେକ୍ସନରେ ଅସୀମିତ ରିହାତି ସହିତ ହୋମ୍‌ଟାଉନ୍‌ର ଏହି ଷ୍ଟୋର୍ ପାରମ୍ପରିକଠାରୁ ଆରମ୍ଭ କରି ଆଧୁନିକ ପର୍ଯ୍ୟ' ବିଭିନ୍ନ ଡିଜାଇନ୍ ସୌନ୍ଦର୍ଯ୍ୟତାକୁ ସୁହାଉଥିବା ଲିଭିଙ୍ଗ୍ ରୁମ୍, ଡାଇନିଙ୍ଗ୍ ରୁମ୍, ବେଡ୍‌ରୁମ୍ ଫର୍ଣ୍ଣିଚରର ଏକ ବ୍ୟାପକ ଓ ବିବିଧ ରେ ଉପଲବ୍ଧ କରୁଛି। ଏହି ଷ୍ଟୋର ଆପଣଙ୍କର ଦୈନନ୍ଦିନର ଆବଶ୍ୟକତା ପାଇଁ ଫର୍ଣ୍ଣିଚର ଏସେନ୍ସିଆଲର ଏକ ବ୍ୟାପକ ଶ୍ରେଣୀର ସଂଗ୍ରହ ମଧ୍ୟ ଉପଲବ୍ଧ କରୁଛି। ହୋମ୍‌ଟାଉନ୍‌ର ଏହି ଅତୁଳନୀୟ ହୋମ୍‌ୱେୟାର କଲେକ୍ସନ ଡେକୋର୍, ଫର୍ଣ୍ଣିସିଙ୍ଗ୍, ଟେବୁଲ ୱେୟାର, ଗ୍ଲାସ୍ ୱେୟାର, କୁକ୍ ୱେୟାର ଓ କିଚେନ୍ ଏସେନ୍ସିଆଲ ଆଦିର ନୂତନ ଆ'ର୍ଜାତୀୟ ଟ୍ରେଣ୍ଡ ମଧ୍ୟ ପ୍ରଦାନ କରୁଛି। ଡେକୋର ଓ ହୋମ୍ ଫ୍ୟାସନ୍‌ର ୫୦୦୦ରୁ ଅଧିକ ଡିଜାଇନ୍ ସହ ଏହି ଷ୍ଟୋରରେ ଘରର ପ୍ରତ୍ୟେକଟି କୋଣ ପାଇଁ କିଛି ସ୍ୱତନ୍ତ୍ର ରହିଛି। ସେହିପରି ହୋମ୍‌ଟାଉନ୍‌ର ଅତୁଳନୀୟ ମଡ୍ୟୁଲାର ସେବା କିଚେନ୍ ଓ ୱାରଡ୍ରବସ୍ ପାଇଁ କଷ୍ଟମାଇଜ୍‌ଡ ମଡ୍ୟୁଲାର ସମାଧାନ ପ୍ରଦାନ କରୁଛି; ଯେଉଁଠାରେ ଗ୍ରାହକମାନେ ଇନ୍-ହାଉସ୍ ଡିଜାଇନର୍ ମାନଙ୍କ ଦ୍ୱାରା ନିର୍ମିତ ୧୦୦୦ରୁ ଅଧିକ ଷ୍ଟାଇଲ ଓ ଡିଜାଇନ୍ ମଧ୍ୟ ଚୟନ କରିପାରିବେ। ହୋମ୍‌ଟାଉନ୍‌ର ଇନ୍-ହାଉସ୍ ମଡ୍ୟୁଲାର କିଚେନ୍ ବ୍ରାଣ୍ଡ ଓ୍ୱୁରା କୁସନ୍‌ରେ ସର୍ବନିମ୍ନ ୫ ବର୍ଷର ୱାରେଂଟି ଓ ମାଗଣା ସର୍ଭିସ୍ କ୍ୟାମ୍ପ ସୁବିଧା ରହିଛି। ହୋମ୍‌ଟାଉନ୍ ସଫଳତାର ସହ ବର୍ତ୍ତମାନ ସୁଦ୍ଧା ଦେଶବ୍ୟାପୀ ପ୍ରାୟ ୬୦,୦୦୦ରୁ ଅଧିକ କିଚେନ୍ ଡିଜାଇନ୍ କରିଛି। ଏହି ବ୍ରାଣ୍ଡ ଡିଜାଇନ୍ ଓ ବିଲ୍ଡରେ ଏକ ସ୍ୱତନ୍ତ୍ର ସେବା ମଧ୍ୟ ପ୍ରଦାନ କରୁଛି ଯାହା ଏଣ୍ଡ-ଟୁ-ଏଣ୍ଡ କଷ୍ଟମାଇଜ୍‌ଡ ଇଂଟେରିୟର ଡିଜାଇନ୍ ଓ ଘର ପାଇଁ କାର୍ଯ୍ୟକାରୀ ସମାଧାନ ପ୍ରଦାନ କରୁଛି। ଗ୍ରାହକମାନେ ହୋମ୍‌ଟାଉନ୍‌ର ଏକ ସମ୍ପୂର୍ଣ୍ଣ ପ୍ରକଳ୍ପ ପରିଚାଳନନା ଟିମ୍ ସହ ଇନ୍-ହାଉସ୍ ଇଂଟେରିୟର ଡିଜାଇନରଙ୍କଠାରୁ ବ୍ୟକ୍ତିଗତ ଡିଜାଇନ୍ ସମାଧାନର ଲାଭ ଉଠାଇପାରିବେ। ଫ୍ୟୁଚର ଗ୍ରୁପ୍‌ର ଅଂଶ ଭାବେ ହୋମ୍ ଟାଉନ୍‌ର ଭାରତର ୨୩ଟି ସହରରେ ୫୧ଟି ଷ୍ଟୋର୍ ରହିଛି ଏବଂ ଦେଶବ୍ୟାପୀ ଏହାର ୭୦ ଲକ୍ଷରୁ ଅଧିକ ହ୍ୟାପି କଷ୍ଟମର ଏହି ଅଫରର ଲାଭ ଉଠାଇପାରିବେ। ଏହି ବ୍ରାଣ୍ଡ ସର୍ବୋତ୍ତମ ଗ୍ରାହକ ଅଭିଜ୍ଞତା ଏବଂ ମାଗଣା ଡେଲିଭରି, ସେମ୍ ଡେ ଇନ୍‌ଷ୍ଟଲେସନ୍, ମାଗଣା ସର୍ଭିସ୍ କ୍ୟାମ୍ପ, ଅନ୍ ଟାଇମ୍ ଡେଲିଭରି ଓ ଫର୍ଣ୍ଣିଚରର ଲାଇଫଟାଇମ୍ ମେଂଟେନାନ୍ସ ଭଳି ବିକ୍ରି ପରବର୍ତ୍ତୀ ସେବା ପାଇଁ ନିଜକୁ ଗର୍ବିତ ଅନୁଭବ କରୁଛି।

ଆକାଶର ବିଦ୍ୟାର୍ଥୀ ସୌରଭ ସୌମ୍ୟକାନ୍ତ ଦାସ ଜେଇଇ ମେନ୍ସ ୨୦୨୦ରେ ୯୯.୯୯ ପର୍‌ସେଂଟାଇଲ୍ ରଖିଛନ୍ତି, ଓଡ଼ିଶାର ଶୀର୍ଷ ସ୍ଥାନରେ ରହିଛନ୍ତି

ଭୁବନେଶ୍ୱର: ଆକାଶ ଡିଷ୍ଟାନ୍ସ ଲର୍ଣ୍ଣିଂ ପ୍ରୋଗ୍ରାମ (ଡିଏଲ୍‌ପି)ର ଛାତ୍ର ସୌରଭ ସୌମ୍ୟକାନ୍ତ ଦାସ ସମ୍ମାନଜନକ ଜେଇଇ ମେନ୍ସ ୨୦୨୦ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ରାଜ୍ୟ ମେଧା ତାଲିକାର ଶୀର୍ଷ ସ୍ଥାନରେ ରହି ଓଡ଼ିଶାକୁ ଗର୍ବିତ କରିଛନ୍ତି। ସେ ଓଡ଼ିଶାରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି ଏବଂ ତାଙ୍କ ସ୍କୋର ହେଉଛି ୯୯.୯୯ ପର୍‌ସେଂଟାଇଲ୍। ସୌରଭ ଦାସଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀଯୁକ୍ତ ଆକାଶ ଚୌଧୁରୀ, ନିର୍ଦ୍ଦେଶକ ଓ ସିଇଓ, ଆକାଶ ଏଡୁକେସ୍‌ନାଲ ସର୍ଭିସେସ୍ ଲିମିଟେଡ (ଏଇଏସ୍‌ଏଲ୍) କହିଛନ୍ତି ଯେ, "ଆମେ ଅତ୍ୟନ୍ତ ଗର୍ବିତ ଯେ ଆମର ଛାତ୍ର ସୌରଭ ସୌମ୍ୟକାନ୍ତ ଦାସ ୯୯.୯୯ ପର୍‌ସେଂଟାଇଲ୍ ହାସଲ କରିଛନ୍ତି ଏବଂ ଓଡ଼ିଶା ରାଜ୍ୟରୁ ଜେଇଇ ମେନ୍ସ ୨୦୨୦ରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି।

ହୋଣ୍ଡା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ

of Dreams
NATIONAL ROAD SAFETY WEEK
NATIONAL ROAD SAFETY

ନୂଆଦିଲ୍ଲୀ : ରାସ୍ତାରେ ସମସ୍ତଙ୍କ ସୁରକ୍ଷା ପ୍ରତି ପ୍ରତିଶ୍ରୁତିବଦ୍ଧ ଥିବା ହୋଣ୍ଡା ମୋଟରସାଇକେଲ ଏଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ ଗତ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରିଛି । କେନ୍ଦ୍ର ସଡ଼କ ଓ ପରିବହନ ବିଭାଗର ସଡ଼କ ସୁରକ୍ଷା, ଜୀବନ ରକ୍ଷା ବା ାକୁ ଏହି ସମୟରେ ପ୍ରାୟ ୧.୨ ଲକ୍ଷ ଜନସାଧାରଣଙ୍କ ନିକଟରେ ପହ ।ଇ ସେମାନଙ୍କୁ କଂପାନୀ ପକ୍ଷରୁ ସଚେତନ କରାଯାଇଥିଲା । ସପ୍ତାହ ବ୍ୟାପୀ ଏହି ସଚେତନତା କାର୍ଯ୍ୟକ୍ରମ ଦେଶର ୨୬୦ଟି ସହରରେ ଆୟୋଜନ କରାଯାଇଥିଲା ଏବଂ ସମସ୍ତ ବର୍ଗ ଜନସାଧାରଣଙ୍କୁ ଏଥିରେ ସାମିଲ କରାଯାଇଥିଲା । ରାସ୍ତା ସଙ୍କେତ, ଟ୍ରାଫିକ ନିୟମାବଳି, ସୁରକ୍ଷା ପଦକ୍ଷେପ ସଂପର୍କରେ ହୋଣ୍ଡାର ୪ଟି ଉତ୍ପାଦନ ପ୍ଲା , ୧୭ଟି ଜୋନାଲ କାର୍ଯ୍ୟାଳୟ, ୫ଟି ଆ ଳିକ କାର୍ଯ୍ୟାଳୟ, ୬ହଜାରରୁ ଅଧିକ ଟଚ୍‌ପଏ , ୧୪ଟି ଟ୍ରାଫିକ ତାଲିମ ପାର୍କ, ୪ଟି ସୁରକ୍ଷିତ ଡ୍ରାଇଭିଂ ଶିକ୍ଷା କେନ୍ଦ୍ରରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ହୋଣ୍ଡା ମୋଟରସାଇକେଲ ଏଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ର ବ୍ରାଣ୍ଡ ଓ କମ୍ୟୁନିକେସନ ଉପସଭାପତି ପ୍ରଭୂ ନାଗରାଜ କହିଛନ୍ତି ଯେ, ସଡ଼କ ସୁରକ୍ଷା ରାଷ୍ଟ୍ର ପାଇଁ ଏକ ଉଦ୍‌ବେଗର ବିଷୟ ହୋଇଛି । ସଡ଼କ ଦୁର୍ଘଟଣା ଏଡ଼ାଇବା ସହ ମୃତାହତଙ୍କ ସଂଖ୍ୟା ଏଡ଼ାଇବା ସହ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏକ ଦାୟିତ୍ୱବାନ୍ କର୍ପୋରେଟ ସଂସ୍ଥା ଭାବେ ଏହି ଜାତୀୟ କାର୍ଯ୍ୟରେ ହୋଣ୍ଡା ନିଜକୁ ସାମିଲ କରି ସଚେତନତାର ବା । ପ୍ରସାରିତ କରିବା ସହାୟକ ହୋଇଛି ବୋଲି ସେ କହିଛନ୍ତି ।

ହିରୋ କ୍ୟାମ୍ପସ ଚ୍ୟାଲେ-ରତୁ ୫ରେ ଆଇଆଇଟି ମାଡ୍ରାସ ଏବଂ ଏକ୍ସଏଲଆରଆଇ ଜାମସେଦପୁର ବିଜୟୀ ହୋଇଛନ୍ତି

ଭୁବନେ୍‌ବର : ହିରୋ କ୍ୟାମ୍ପସ ଚ୍ୟାଲେ-ରତୁ ୫ଏକ ରେକର୍ଡ ୩୨,୦୦୦ରୁ ଉର୍ଦ୍ଧ ଇନିୟରିଙ୍ଗ ଏବଂ ମ୍ୟାନେଜମେଂଟ ଛାତ୍ରଙ୍କୁ ନିୟୋଜିତ କରିଛି ବିଶ୍ୱର ବୃହତମ ଦୁଇ ଚକିଆ ବିନିର୍ମାତା ହିରୋ ମୋଟୋକର୍ପର ଏକ ପ୍ରାରମ୍ଭ, ହିରୋ କ୍ୟାମ୍ପସ ଚ୍ୟାଲେ (ଏଚ୍‌ସିସି) ର ପଂଚମ ରତୁରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟି), ମାଡ୍ରାସ ଜାଭିଅର ସ୍କୁଲ ଅଫ ମ୍ୟାନେଜମେଂଟ (ଏକ୍ସଏଲଆରଆଇ), ଯଥାକ୍ରମେ ଇନିୟରିଙ୍ଗ ଏବଂ ବି-ସ୍କୁଲ ବର୍ଗରେ ବିଜୟୀ ହୋଇଛନ୍ତି । ଉଭୟ ବିଜେତା ଟିମ ୨ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ପାଇଥିବା ବେଳେ ଦୁଇ ଉପବିଜେତା ଟିମ ୧ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ପାଇଥିଲେ । ହିରୋ ମୋଟୋକର୍ପରେ ଏଚ୍‌ସିସି- ରତୁ ୫ର ସମସ୍ତ ୩୦ ବ୍ୟକ୍ତିଗତ ଫାଇନାଲିଷ୍ଟଙ୍କୁ ପ୍ରି-ପ୍ଲେସମେଂଟ ସାକ୍ଷାତକାର ପ୍ରଦାନ କରାଯାଇଥିଲା । ଅକ୍ଟୋବର ୨୦୧୯ରେ ଏହା ଲଂଚ ହେବା ବେଳେ ଉଭୟ ବି- ସ୍କୁଲ ଏବଂ ଇନୀୟରିଙ୍ଗ ମହାବିଦ୍ୟାଳୟରୁ ୩୨,୧୫୨ ଛାତ୍ରଙ୍କ (୧୦,୭୧୭ ଟିମ) ଠାରୁ ହିରୋ କ୍ୟାମ୍ପସ ଚ୍ୟାଲେ ରତୁ ୫ ରେକର୍ଡ-ବ୍ରେକ କରିବା ପିକରଣ ପ୍ରାପ୍ତ କରିଥିଲା । ବିଗତ ଚାରି ମାସ ଧରି ସମସ୍ତ ଟିମ ବିବିଧ ମୂଲ୍ୟାୟନ ରାଉଣ୍ଡ ମଧ୍ୟରେ ଗତି କରିଥିଲା । ଟିମ ଗୁଡିକର ମୌଳିକ ଡୋମେଇନ ଜ୍ଞାନ ଯାଂଚ କରିବା ପାଇଁ ଅନଲାଇନ ମୂଲ୍ୟାୟନର ପ୍ରଥମ ରାଉଣ୍ଡ ଦ୍ୱାରା ପ୍ରତିଯୋଗୀତା ଆରମ୍ଭ ହୋଇଥିଲା ତାପରେ ଏକ ଆଇଡିଆ ଏଲଭେଇଟର ପିଚ ରାଉଣ୍ଡ ହୋଇଥିଲା ଯେଉଁଥିରେ ଚୟନ ହୋଇଥିବା ୧,୦୯୨ ଟିମ ସେମାନଙ୍କର ସମାଧାନର ଉପସ୍ଥାପନ କରିବାକୁ ଥିଲା । ତାପରେ ଛାତ୍ରମାନେ ଭର୍ଚୁଆଲ ପ୍ରେଜେଂଟେସନ ରାଉଣ୍ଡକୁ ଯାଇଥିଲେ ଯେଉଁଠି ଜୁରୀମାନଙ୍କୁ ସର୍ଟଲିଷ୍ଟ ହୋଇଥିବା ୮୦ଟି ଟିମ ସେମାନଙ୍କର ସବିଶେଷ ହୋଇଥିବା ବିଚାର ଉପସ୍ଥାପନ କରିଥିଲେ । ଶେଷରେ ଗ୍ରାଣ୍ଡ ଫିନାଲି ପାଇଁ କେବଳ ୧୦ଟି ଟିମ ଯୋଗ୍ୟତା ଅର୍ଜନ କରିଥିଲେ । ଫିନାଲି ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବାକୁ ହିରୋ ମୋଟୋକର୍ପର ଏକ ବରିଷ୍ଠ ନେତୃତ୍ୱ ଟିମ ସହିତ ସମସ୍ତ ଫାଇନାଲିଷ୍ଟ ଏକକ ବ୍ୟାପକ ମେଂଟରସିପ ଅବଧିରେ ଅଂଶଗ୍ରହଣ କଲେ । ଭାଗ ହେଉଥିବା ଗତିଶୀଳ ସ୍ପେସରେ ନିର'ରତା ଆଣିବା ଏବଂ ବର୍ତମାନର ସଂଚାଳନ ଗୁଡିକରେ ଆର୍ଟିଫିସିଆଲ ଇଂଟେଲିଜେନ୍ସର ସର୍ବାଧିକ ବ୍ୟବହାର ଉପରେ ସମସ୍ତ ଅବଧାରଣା କେନ୍ଦ୍ରିତ ଥିଲା । ଏହି ଅବସରରେ ଟିପ୍ପଣୀ କରି ମିଷ୍ଟର ବିଜୟ ଶେଠୀ, ମୁଖ୍ୟ ସୂଚନା ଅଫିସର(ସିଆଇଓ), ମୁଖ୍ୟ ମାନବ ସମ୍ବଳ ଅଫିସର (ସିଏଚ୍‌ଆରଓ) ଏବଂ ମୁଖ୍ୟ କର୍ପୋରେଟ ସାମାଜିକ ଉତରଦାୟିତ୍ୱ (ସିଏସଆର) ହିରୋ ମୋଟୋକର୍ପ ଲିମିଟେଡ କହିଲେ, 'ଟେବୁଲକୁ ରଚନାତ୍ମକତା ଏବଂ ତାଜା ଦୃଷ୍ଟିକୋଣ ଆଣିବା ପାଇଁ ହିରୋ କ୍ୟାମ୍ପସ ଚ୍ୟାଲେ ଯୁବକ ମାନଙ୍କୁ ଏକ ନିୟୋଜକ ମଂଚ ପ୍ରଦାନ କରିଥାଏ । ବିଗତ ବର୍ଷ ଗୁଡିକରେ ଭାରତର ଭବିଷ୍ୟତ ବ୍ୟବସାୟ ନେତାମାନଙ୍କୁ ପୋଷଣ କରୁଥିବା ଏକ ସମ୍ମାନଜନକ ମଂଚରେ ଏଚ୍‌ସିସି ଆବର୍ତିତ ହୋଇଛି । ସାରା ଦେଶରେ ଉଚ୍ଚ ଶିକ୍ଷାର ଶୀର୍ଷ ଅନୁଷ୍ଠାନ ମାନଙ୍କର ଛାତ୍ର ସମାଜରୁ ପୂର୍ବ ବର୍ଷ ଗୁଡିକରେ ନିର୍ମିତ ରତୁ ୫ ଅସାଧାରଣ ପ୍ରତିକ୍ରିୟା ପାଇଛି ।

ନାରେଡ୍‌କୋ ପକ୍ଷରୁ ଭାରତର ପ୍ରଥମ ଇ-କମର୍ସ ହାଉସିଂ ପୋର୍ଟାଲ 'ହାଉସିଂଫର୍ ଅଲ୍ ଡଟ୍ କମ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତ ସରକାରଙ୍କ ଆବାସିକ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଗଠିତ ପ୍ରମୁଖ ସଂସ୍ଥା ନ୍ୟାସ୍‌ନାଲ ରିୟଲ ଇଷ୍ଟେଟ୍ ଡେଭ୍‌ଲପ୍‌ମେଂଟ୍ କାଉନ୍ସିଲ୍ (ନାରେଡ୍‌କୋ) ପକ୍ଷରୁ ଭାରତ ଓ ବିଦେଶର ଘର କିଣୁଥିବା ଗ୍ରାହକଙ୍କ ପାଇଁ ଏକ ବିଶ୍ୱସନୀୟ, ସୁରକ୍ଷିତ ଓ ନିର୍ବାଧ ବ୍ୟବସ୍ଥା ସୃଷ୍ଟି କରିବା ଲାଗି ଦେଶର ପ୍ରଥମ ଇକମର୍ସ ହାଉସିଙ୍ଗ୍ ପୋର୍ଟାଲ 'ହାଉସିଙ୍ଗଫର୍‌ଅଲ୍ ଡଟ୍ କମ୍'ର ଶୁଭାରମ୍ଭ କରାଯାଇଛି। ଏଥିସହିତ ଏହି ପୋର୍ଟାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ହାଉସିଙ୍ଗ୍‌ଫର୍ ଅଲ୍' ଓ 'ଡିଜିଟାଲ ଇଣ୍ଡିଆ' ଅଭିଯାନକୁ ଆଗକୁ ବଢାଇବାକୁ ଲକ୍ଷ୍ୟ ରଖିଛି ।ଆଜି ଆବାସିକ ଓ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ସଚିବ, ଦୁର୍ଗାଶଙ୍କର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ତଥା ନାରେଡ୍‌କୋର ଅନ୍ୟ ନେତୃତ୍ୱ ସହ ଏହି ଇକମର୍ସ ପୋର୍ଟାଲ ରେଡି-ଟୁ-ମୁଭ୍-ଇନ୍ ଘରଗୁଡିକ ପାଇଁ ଏକ ୪୫ ଦିନିଆ ଅଲ୍‌ଇଣ୍ଡିଆ ଅନ୍‌ଲାଇନ୍ ହୋମ୍-ବାୟିଙ୍ଗ୍ ଫେଷ୍ଟିଭାଲର ଆୟୋଜନ କରିବ ଯେଉଁଥିରେ ପ୍ରାୟ ୧୦୦୦ରୁ ଅଧିକ ପ୍ରକଳ୍ପ ସାମିଲ ହେବ ବୋଲି ଆଶା କରାଯାଉଛି। ଏହି ପୋର୍ଟାଲ ହେଉଛି ଏକ ମିଳିତ ଉଦ୍ୟୋଗ ପ୍ରୟାସ ଯାହାକୁ ବିଭିନ୍ନ ଶିଳ୍ପ ସଂସ୍ଥା, ନାରେଡ୍‌କୋର ସଦସ୍ୟ, କ୍ରେଡାଇ-ଏମ୍‌ସିଏଚ୍‌ଆଇ, ଭାରତୀୟ ଉଦ୍ୟୋଗ ପରିସଂଘ (ସିଆଇଆଇ), ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ (ଏଫ୍.ଆଇ.ସି.ସି.ଆଇ), ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ଅଫ୍ ଇଣ୍ଡିଆ (ଆସୋଚାମ୍), ବିଲ୍ଡର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) ଓ ଇଣ୍ଡିଆନ୍ ମର୍ଚ୍ଚାଂଟ୍ ଚାମ୍ବର୍ସ (ଆଇଏମ୍‌ସି) ଆଦି ସମର୍ଥନ ଦେଉଛି। ଶିଳ୍ପ ପାଇଁ ଶିଳ୍ପ ଦ୍ୱାରା ଗଠିତ ଏହି ମଂଚ ଘର କିଣୁଥିବା ଗ୍ରାହକଙ୍କ ପାଇଁ ଏକ ସ୍ୱଚ୍ଛ ଓ ନିର୍ବାଧ ବ୍ୟବସ୍ଥା ତିଆରି କରିବା ପାଇଁ ରାଜ୍ୟ ସରକାର, ରେରା ଅଥରିଟି, ଡେଭ୍‌ଲପର, ବ୍ୟାଙ୍କ ଓ ହାଉସିଙ୍ଗ୍ ଫାଇନାନ୍ସ ସଂସ୍ଥାଗୁଡିକଠାରୁ ସମର୍ଥନ ଆଶା କରିଛି। ପ୍ରକଳ୍ପଗୁଡିକ ପାଇଁ ଏହା ହେଉଛି ପ୍ରଥମ ଏଭଳି ଅନ୍‌ଲାଇନ୍ ଘର କିଣିବା ଅଭିଯାନ ଯାହା ଅକ୍ୟୁପାନ୍ସି ସାର୍ଟିଫିକେଟ୍‌ସ (ଓସିଏସ୍) ହାସଲ କରିଛି। ଉଦ୍‌ଘାଟନ ପରେ ଏହି ପୋର୍ଟାଲ ରିୟଲ ଇଷ୍ଟେଟ୍ ଡେଭ୍‌ଲପର୍ ମାନଙ୍କ ପାଇଁ ନିଜର ପ୍ରକଳ୍ପଗୁଡିକୁ ପଞ୍ଜୀକରଣ କରାଇବା ଲାଗି ଏକ ମାସ ପାଇଁ (ଜାନୁଆରୀ ୧୪, ୨୦୨୦ରୁ ଫେବୃଆରୀ ୧୩, ୨୦୨୦ ପର୍ଯ୍ୟ') ଖୋଲା ରହିବ। ସେହିପରି ଏହି ପୋର୍ଟାଲ ଘର କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏକ ୪୫ ଦିନିଆ ସେଲ୍ ପିରିୟଡ୍ ସହ ଫେବୃଆରୀ ୧୪, ୨୦୨୦ରୁ ଖୋଲା ରହିବ। ପ୍ରାରମ୍ଭିକ ୧୫ ଦିନରେ ଗ୍ରାହକମାନେ ଅଫର୍ ଦେଖିପାରିବେ ଓ ନିଜ ପସନ୍ଦର ଘର ସର୍ଟଲିଷ୍ଟ କରିପାରିବେ ଏବଂ ମାର୍ଚ୍ଚ ୧, ୨୦୨୦ରୁ ମାର୍ଚ୍ଚ ୩୧, ୨୦୨୦ ମଧ୍ୟରେ ଘର କିଣିପାରିବେ।

ସରକାରଙ୍କ ଟଙ୍କାର ଖେଳ, ଠିକାକର୍ମଚାରୀ ଓ ବେକାର ଯୁବକଯୁବତୀଙ୍କ ପାଇଁ କାଳ

ଭୁବନେଶ୍ୱର(ପିଏନ): ରାଜ୍ୟ ସରକାର ଦୀର୍ଘ ୨୦ ବର୍ଷ ଧରି ଯୋଜନା ପରେ ଯୋଜନା ପ୍ରସ୍ତୁତ କରି ଶହଶହ ହଜାରହଜାର କୋଟି ଟଙ୍କାର ପ୍ୟାକେଜମାନ ଘୋଷଣା କରିଆସୁଛନ୍ତି । ସରକାର ନିଜକୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବୋଲି ପ୍ରମାଣ କରିବାକୁ ଯାଇ ବିଭିନ୍ନ ସମୟରେ ତଳତଳିଆ କର୍ମଚାରୀଙ୍କ ଉପରେ କ୍ରାଇମବ୍ରାଞ୍ଚ ଓ ଭିଜିଲାନସ ଚଡାଉ କରି ବେଶ ବାହାବାହା ନେଇ ଆସୁଛନ୍ତି । କିନ୍ତୁ ଦୀପତଳ ଅନ୍ଧାରଭଳି ଖୋଦ ସରକାର ଓ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ବିଭାଗର ବହବଡିଆ ଅଫିସର ଓ ନେତା ,ମନ୍ତ୍ରୀମାନେ ଦୁର୍ନୀତିରେ ଉବୁଟୁବୁ ହୋଇ ବିଳାସବ୍ୟସନରେ କାଳାତିପାତ କୁରୁଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ରାଜ୍ୟର ବିଭିନ୍ନ ବିଭାଗରେ ବର୍ତ୍ତମାନ ତିନି ଲକ୍ଷରୁ ଉର୍ଦ୍ଧବିଭିନ୍ନ ବର୍ଗର ସ୍ଥାୟୀ କର୍ମଚାରୀ ପଦବୀ ଖାଲି ପଡିଛି । ଏହି ପଦବୀଗୁଡିକ ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ବର୍ଷର ବଜେଟରେ ଅର୍ଥର ବ୍ୟବସ୍ଥା କରି ଆସୁଛନ୍ତି । ସାମ୍ବିଧାନିକ ନିୟମ ଅନୁଯାୟୀ ଏହି ପଦବୀଗୁଡିକ ପ୍ରତ୍ୟେକ ଆର୍ଥିକ ବର୍ଷ ଅର୍ଥାତ ମାର୍ଚ୍ଚ ପୂର୍ବରୁ ସ୍ଥାୟୀ ଭାବରେ ପୂରଣ କରାଯିବା କଥା । କିନ୍ତୁ ରାଜ୍ୟ ସରକାର ୧୬ ବର୍ଷ ଧରି ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ କେନ୍ଦ୍ରରୁ ବିଦେଶୀ ବ୍ୟାଙ୍କରୁ ଓ ଘରୋଇ କ୍ଷେତ୍ରରୁ ଋଣ ଆଣି ଶାସନ ଚଳାଉଛନ୍ତି । ତେଣୁ ସରକାର ଖାଲି ପଡିଥିବା ବିଭିନ୍ନ ବିଭାଗର ବିଭିନ୍ନ ବର୍ଗର ସ୍ଥାୟୀ ପଦବୀ ସ୍ଥାନରେ ଘରୋଇ ଆଉଟସୋସିଂ ସଂସ୍ଥାମାନଙ୍କ ଜରିଆରେ ସ୍ୱଳ୍ପ ଦରମାରେ ଠିକା କର୍ମଚାରୀମାନଙ୍କୁ ନିୟୋଜିତ କରି କାମ ଚଳାଇ ଆସୁଛନ୍ତି । ଗଣତନ୍ତ୍ର ପ୍ରକ୍ରିୟାରେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ଲୋକପ୍ରତିନିଧିମାନେ ରାଜ୍ୟରେ ଏକ ସ୍ଥାୟୀ ସରକାର ଗଠନ କରିବା ପାଇଁ ମହାମାନ୍ୟ ରାଜ୍ୟପାଳଙ୍କଠାରେ ଶପଥ ନେଇଥିବା ବେଳେ ବାସ୍ତବରେ ୧୫ବର୍ଷ ଧରି ରାଜ୍ୟରେ ଏକ ଠିକା ଓ କାମଚଳା ବ୍ୟବସ୍ଥା ପ୍ରଚଳିତ ହୋଇଛି । ରାଜ୍ୟ ସରକାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଗୁରୁତ୍ୱପୂର୍ଣ୍ଣ ସ୍ଥାୟୀ ପଦବୀଗୁଡିକ ବିଭିନ୍ନ ଠିକା ସଂସ୍ଥା,ଆଉଟସର୍ସିଂ ସଂସ୍ଥାମାନଙ୍କ ହାତକୁ ଟେକି ଦେଇଛନ୍ତି । ସେହି ଘରୋଇ ଆଉଟ ସର୍ସିଂ ସଂସ୍ଥାମାନେ ସରକାରଙ୍କ ସହ ସହବନ୍ଧିତ ହୋଇ ବିଭିନ୍ନ ଗଣମାଧ୍ୟମ ମାନଙ୍କରେ ବିଜ୍ଞାପନ ମାନ ପ୍ରକାଶ କରି ସରକାରୀ ଚାକିରୀ ନାମରେ ରାଜ୍ୟର ଲକ୍ଷଲକ୍ଷ ଉଚ୍ଚଶିକ୍ଷିତ ଯୁବକଯୁବତୀମାନଙ୍କଠାରୁ ହଜାର ହଜାର ଟଙ୍କା ଶୋଷୁଛନ୍ତି ।ଶ୍ରମ ଆଇନ,ନିଯୁକ୍ତି ଆଇନ ଓ ଦେଶର ସର୍ବୋଚ୍ଚ ନ୍ୟାୟଳୟକୁ ରାୟକୁ ମଧ ଉଲ୍ଲଂଘନ କରି ସ୍ୱଳ୍ପ ଦରମାରେ ସେମାନଙ୍କୁ ଦାଦନ ଶ୍ରମିକ ଭଳି ଖଟାଉଛନ୍ତି । ରାଜ୍ୟ ସରକାରଙ୍କ ସହ ଚୁକ୍ତିବଦ୍ଧ ହେବା ସହ ଖୋଦ ରାଜଧାନୀରେ ସମାନ୍ତରାଳ ସଚିବାଳୟମାନ ଖୋଲି ରାଜ୍ୟରେ ଲକ୍ଷଲକ୍ଷ ଯୁବକଯୁବତୀମାନଙ୍କ ଭାଗ୍ୟ ଭବିଷ୍ୟତନିୟନ୍ତ୍ରଣ କରୁଛନ୍ତି । ସେହି ଘରୋଇ ଠିକା ସଂସ୍ଥା ଆଉଟ ସର୍ସିଂ ସଂସ୍ଥାମାନେ ସେମାନଙ୍କର ନିଯୁକ୍ତିଦାତା ଓ ଅନ୍ନଦାତା ହୋଇଥିବା ଯୋଗୁଁ ବିଭିନ୍ନ ସମୟରେ ସେମାନେ ଠିକା କର୍ମଚାରୀମାନଙ୍କ ମାନ ସମ୍ମାନ ସହ ଖେଳିବାକୁ ମଧ ପଛାଉନାହାନ୍ତି । ସରକାରଙ୍କଠାରୁ ଉଚ୍ଚ ହାରରେ ଦରମା ଆଣି ସ୍ୱଳ୍ପ ହାରରେ ଦରମା ଦେଉଥିବା ବେଳେ ମାସ ମାସଧରି ସେମାନଙ୍କ ଦରମା ନ ଦେଇ ସେହି ଅର୍ଥକୁ ବିଭିନ୍ନ ଘରୋଇ ବ୍ୟାଙ୍କ ଓ ଘରୋଇ ସଂସ୍ଥା, ବ୍ୟବସାୟ ଅନୁଷ୍ଠାନରେ ବିନିଯୋଗ କରି ବିପୁଳ ଟଙ୍କା ସୁଦ୍ଧା ବାବଦରେ ହାତାଉଛନ୍ତି । ନିଯୁକ୍ତିଆଇନ ଅନୁଯାୟୀ ଇପିଏଫ୍, ଇଏସ୍‌ଆଇ ବାବଦରେ ଟଙ୍କା କାଟି ରଖୁଥିଲେ ମଧ ତାହା ଆକାଉଣ୍ଟରେ ଜମା ନ କରି ହରିଲୁଟ୍ କରୁଛନ୍ତି । କୌଣସି ଠିକା କର୍ମଚାରୀ ଯଦି ସ୍ୱର ଉତ୍ତୋଳନ କଲା ତେବେ ତାକୁ ରାତି ଅଧିଆ ବିନା ଦରମାରେ, ବିନା ଇଏସ୍‌ଆଇ, ଇପିଏଫ୍ ପ୍ରାପ୍ୟ ପ୍ରଦାନରେ ଛଟେଇ କରିଦେଉଛନ୍ତି । ଏ ସଂପର୍କରେ ସଂପୃକ୍ତ ବିଭାଗର ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଅଭିଯୋଗ କଲେ ତୁମର ନିଯୁକ୍ତିଦାତା ଆଉଟ ସର୍ସିଂ ସଂସ୍ଥା, ତେଣୁଆମେ କିଛି କରିପାରିବୁ ନାହିଁ କହି ହାତ ଛାଡି ଦେଉଛନ୍ତି । ଏହିଭଳି ସ୍ୱେଚ୍ଛାଚାରୀ ଓ ବେଆଇନ କାର୍ଯ୍ୟ କରିବାରେ ଠିକାକର୍ମଚାରୀ ଓ ବେକାର ଯୁବକଯୁବତୀଙ୍କ ଭବିଷ୍ୟତ ସହ ଖେଳିବାରେ ରାଜ୍ୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯୋଜନା ଓ ସଂଯୋଜନା ବିଭାଗ ସବୁଠାରୁ ଆଗରେ ରହିଛି । ଏହି ବିଭାଗ ଦ୍ୱାରା ରାଜ୍ୟ ଓ କେନ୍ଦ୍ର ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଜନଗଣନା ଓ ବିଭିନ୍ନ କ୍ଷେତ୍ରରେ ଅର୍ଥନୈତିକ ସର୍ଭେ କାର୍ଯ୍ୟନ୍ୟସ୍ତ ରହିଛି । ତେଣୁ ରାଜ୍ୟ ସରକାର ଉକ୍ତ ସର୍ଭେ କାର୍ଯ୍ୟଗୁଡିକୁ ସଂପାଦନ କରିବା ପାଇଁ ୧୧ଶହ ସ୍ଥାୟୀ କ୍ଷେତ୍ର ସର୍ଭେକ୍ଷକ ପଦବୀ ସୃଷ୍ଟି କରିଛନ୍ତି । ୨୦୧୬ ଜାନୁଆରୀ ସୁଦ୍ଧା ଅବସର ଓ ଅକାଳ ମୃତ୍ୟୁ ଯୋଗୁଁ ୭୮୪ ସ୍ଥାୟୀ କ୍ଷେତ୍ର ସର୍ଭେକ୍ଷକ ପଦବୀ ଖାଲି ପଡିଥିଲା । ବର୍ତ୍ତମାନ ଆହୁରି ୨ଶହରୁ ଅଧିକ ସ୍ଥାୟୀ ପଦବୀ ଖୋଲି ହୋଇ ସାରିଲାଣି । ୨୦୧୫-୧୬ରେ କେନ୍ଦ୍ର ସରକାର ରାଜ୍ୟରେ ପଞ୍ଚମ ଏମ୍‌ଆଇ ଜଳସେଚନ ସର୍ଭେ ପାଇଁ ଆଦେଶ ଜାରି କଲେ ଏବଂ ଉକ୍ତ ସର୍ଭେ କାର୍ଯ୍ୟ ପାଇଁ ଗ୍ରାମ ଓ ୱାର୍ଡ ପିଛା ୧ହଜାର ଟଙ୍କା ହାରରେ ଅନୁଦାନ ପକାଇବା ସହ ଅନ୍ୟାନ୍ୟ ଆନୁସାଙ୍ଗିକ ଖର୍ଚ୍ଚ ବାବଦରେ ମଧ ବିପୁଳ ଟଙ୍କା ରାଜ୍ୟକୁ ପଠାଇଲେ । ଯଦି ରାଜ୍ୟଗୁଡିକରେ ଖାଲିଥିବା ପଦବୀଗୁଡିକ କୌଣସି କାରଣ ବଶତଃ କିମ୍ବା ପ୍ରଶାସନିକ ଅବହେଳାରୁ ପୂରଣ ହୋଇପାରିନଥିବ ତେବେ ଅନ୍ୟ ବିଭାଗରୁ ଡେପୁଟେସନରେ କର୍ମଚାରୀ ଆଣି ଉକ୍ତ କାର୍ଯ୍ୟ କରିବେ । ଯଦି ଅନ୍ୟ ବିଭାଗରୁ ଆବଶ୍ୟକ ତାଲିମପ୍ରାପ୍ତ କର୍ମଚାରୀ ଆଣିବା ସମ୍ଭବ ନ ହୁଏ ତେବେ ଆଉଟ ସର୍ସିଂ ସଂସ୍ଥାମାନଙ୍କ ଦ୍ୱାରା ଆବଶ୍ୟକ ଯୁବକଯୁବତୀଙ୍କୁ ନିୟୋଜିତ କରି ଉପଯୁକ୍ତ ତାଲିମ ପ୍ରଦାନ କରାଇ ଉକ୍ତ ସର୍ଭେ କାର୍ଯ୍ୟ ସଂପାଦନ କରାଇବା ପାଇଁ କେନ୍ଦ୍ର ଜଳସେଚନ ବିଭାଗ ପତ୍ର ସଂଖ୍ୟା F.No.V-57/1/2014 MI(STAT) EI 13-05-2014 ରାଜ୍ୟକୁ ପରାମର୍ଶ ଦେଲେ । ରାଜ୍ୟ ସରକାରଙ୍କର ଯୋଜନା ସଂଯୋଜନା ବିଭାଗ କେନ୍ଦ୍ରର ଉକ୍ତ ପତ୍ରର ପରାମର୍ଶ ଅନୁଯାୟୀ, ରାଜ୍ୟର ୧୩ଗୋଟି ଆଉଟ ସର୍ସିଂ ସଂସ୍ଥା ଦ୍ୱାରା ସହବନ୍ଧିତ ହୋଇ ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନମାନ ପ୍ରକାଶ କରି ଲକ୍ଷଲକ୍ଷ ଯୁବକଯୁବତୀଙ୍କ ମଧ୍ୟରୁ ୪୮୩ଜଣଙ୍କୁ ମନୋନୀତ କଲେ ।ଏହି ନିଯୁକ୍ତି ସରକାରୀ ନିଯୁକ୍ତିକହି ଜଣ ପିଛା ୫୦ହଜାରରୁ ୭୦ହଜାର ଟଙ୍କା ଆଦାୟ କରିବା ସହ ସେମାନଙ୍କୁ ସଂପୃକ୍ତ ଆଉଟ ସର୍ସିଂ ସଂସ୍ଥାମାନେ ମାସିକ ମାତ୍ର ୫ହଜାର ୨ଶହ ଟଙ୍କାରେ ନିଯୁକ୍ତି ଦେଲେ । ଜଣ ଜଣଙ୍କୁ ୪୦ରୁ ୫୦ଗ୍ରାମ ଓ ୱାର୍ଡ ସର୍ଭେ କରିବା ଦାୟିତ୍ୱ ନ୍ୟସ୍ତ କରି ୨ରୁ ୩ ମାସ ମଧ୍ୟରେ ଉକ୍ତ ସର୍ଭେ କାର୍ଯ୍ୟ ସମ୍ପାଦନ କରାଇ କେନ୍ଦ୍ରର ପ୍ରତିଗ୍ରାମ ଓ ୱାର୍ଡ ପିଛା ଆସିଥିବା ୧୦୦୦ ଟଙ୍କାକୁ ଚଳୁ କରିବା ପାଇଁ ଯୋଜନା ଓ ସଂଯୋଜନା ବିଭାଗର ଅଧିକାରୀ ଓ ସଂପୃକ୍ତ ଆଉଟସୋସିଂ ସଂସ୍ଥା ମିଳିତ ଯୋଜନା କରିଥିଲେ ।କିନ୍ତୁ ସେତେବେଳେ ରାଜ୍ୟରେ କ୍ରାନ୍ତିକାରୀ ସଂଗଠନ କ୍ରାନ୍ତି ଓଡିଶା ଏହିଭଳି ଏକ ବିରାଟ ଷଡଯନ୍ତ୍ରର ପର୍ଦ୍ଦାଫାସ କରିବା ସହ ଉକ୍ତ ସର୍ଭେ ଆଉଟସୋସିଂ ଦ୍ୱାରା ନକରାଇ ବିଭାଗ ଅଧିନରେ ଠିକା କର୍ମଚାରୀ ନିୟୋଜିତ କରାଇ ସର୍ଭେ କରିବା । ସମ୍ପୃକ୍ତ ଆଉଟସୋସିଂ ସଂସ୍ଥାମାନଙ୍କୁ କଳାତାଲିକାଭୁକ୍ତ କରିବା ଓ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ଦଫା ଲଗାଇ ଓ ପିଆଇଏ ଆକ୍ଟ ଜରିଆରେ ସେମାନଙ୍କର ସମ୍ପତି ଜବତ କରି ନେଇଥିବା ଟଙ୍କା ଆଦାୟ କରିବା ପାଇଁ ରାଜ୍ୟବ୍ୟାପୀ ଜୋରଦାର ଆନ୍ଦୋଳନ ହେଲେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାରେ କେସ୍ ଓ ରାଜ୍ୟ ହାଇକୋର୍ଟରେ ମଧ କେସ୍ ହେବା ଯୋଗୁଁ ରାଜ୍ୟ ସରକାର ଆଉଟ୍ ସର୍ସିଂ ସଂସ୍ଥାମାନଙ୍କ ସହ ହୋଇଥିବା ଚୁକ୍ତିକୁ ବାତିଲ ପାଇଁ ବାଧ ହୋଇଥିଲେ । ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ତାଲିମ ପ୍ରାପ୍ତ ସେହି ୪୮୩ଜଣ କ୍ଷେତ୍ର ସର୍ଭେକ୍ଷକଙ୍କୁ ଠିକାଭାବରେ ନିଯୁକ୍ତି ଦେଇ ପଞ୍ଚମ ଏମ୍‌ଆଇ ଜଳସେଚନ ସର୍ଭେ କାର୍ଯ୍ୟ ସଂପାଦନ କରାଇଲେ । ସେମାନଙ୍କର ଦ୍ୱାରା ପଞ୍ଚମ ଜଳସେଚନ ସର୍ଭେ କାର୍ଯ୍ୟ ରାଜ୍ୟର ଅନୁମୋଦନ କ୍ରମେ କେନ୍ଦ୍ର ନିକଟରେ ଦାଖଲ କରିଥିଲେ । ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ବିଭିନ୍ନ ସର୍ଭେ କାର୍ଯ୍ୟକୁ ଦୃଷ୍ଟିରେ ରଖି ୨୦୧୭ରେ ଆହୁରି ୬୪୫ଜଣ ଠିକା କ୍ଷେତ୍ର ସର୍ଭେକ୍ଷକଙ୍କୁ ମଧ ନିଯୁକ୍ତି କରିଛନ୍ତି । ବର୍ତ୍ତମାନ କେନ୍ଦ୍ର ସରକାର ଷଷ୍ଠ ଜଳସେଚନ ସର୍ଭେ କରିବା ପାଇଁ ରାଜ୍ୟକୁ ପତ୍ର ପଠାଇବା ସହ ପୂର୍ବଥର ଭଳି ଆବଶ୍ୟକ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିଥିବା ବେଳେ ୨୦୧୪ର ଗାଇଡଲାଇନ ଅନୁଯାୟୀ ସର୍ଭେ କରିବାକୁ ପରାମର୍ଶ ଦେଇଛନ୍ତି । କିନ୍ତୁ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗରେ ପ୍ରଥମେ ୪୮୩ ଓ ପରେ ୬୪୫ଜଣ ଠିକା କ୍ଷେତ୍ର ସର୍ଭେକ୍ଷକ ନିଯୁକ୍ତି ପାଇଥିବା ବେଳେ ସେମାନେ ଏ ନେଇ ପୂର୍ବରୁ ତାଲିମପ୍ରାପ୍ତ ହେବା ସହ ସେମାନଙ୍କର ଯଥେଷ୍ଟ ଅଭିଜ୍ଞତା ମଧ ରହିଛି । କେନ୍ଦ୍ର ଗାଇଡ ଲାଇନ ଅନୁଯାୟୀ ବିଭାଗ ଅଧିନରେ ନିୟୋଜିତ ହୋଇ ପୂର୍ବରୁ ସର୍ଭେ କରିଥିବା ଏହି କ୍ଷେତ୍ର ସର୍ଭେକ୍ଷକମାନଙ୍କ ଦ୍ୱାରା ଷଷ୍ଠ ତମ ଜଳସେଚନ ସର୍ଭେ କାର୍ଯ୍ୟ କରାଯିବା କଥା କିନ୍ତୁ ଯୋଜନା ଓ ସଂଯୋଜନା ବିଭାଗର ସ୍ୱେଚ୍ଛାଚାର ଓ ଲାଭଖୋର ନୀତି ଓ ଆଉଟ୍ ସର୍ସିଂ ସଂସ୍ଥାମାନଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ବିଭାଗ ଅଧିନରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ବାଦ୍ ଦେଇ ପୁଣି ଆଉଟ ସର୍ସିଂ ସଂସ୍ଥାମାନଙ୍କ ହାତକୁ ଉକ୍ତ ସର୍ଭେ କାର୍ଯ୍ୟ ଟେକି ଦେଇ ପୂର୍ବଥର ଭଳି ବେକାର ଯୁବକଯୁବତୀଙ୍କଠାରୁ ନିଯୁକ୍ତି ନାମରେ ହଜାର ହଜାର ଟଙ୍କା ଠକିବା ସହ ସ୍ୱଳ୍ପ ଦରମାରେ ନିଯୁକ୍ତି ଦେଇ କେନ୍ଦ୍ରରୁ ଆସିଥିବା ଟଙ୍କାକୁ ମଧ ହଡପ କରିବାପାଇଁ ଏକ ବଡ ଧରଣର ଷଡଯନ୍ତ୍ର ଚାଲିଥିବା ଅଭିଯୋଗ ହୋଇଛି । ବେକାର ଯୁବକ, ଯୁବତୀମାନଙ୍କୁ ଏହିଭଳି ଶୋଷଣ ଓ ଠିକା କର୍ମଚାରୀମାନଙ୍କ ପ୍ରତି ଏହିଭଳି ଅନ୍ୟାୟ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ସରକାର ତୁରନ୍ତ ଆଉଟସୋର୍ସିଂ ସଂସ୍ଥା ପ୍ରୀତି ବନ୍ଦ କରି ଯୋଜନା ଓ ସଂଯୋଜନ ବିଭାଗ ଅଧିନରେ ନିୟୋଜିତ ହୋଇ ପୂର୍ବଥର ସର୍ଭେ କରିଥିବା ଦକ୍ଷ, ଅଭିଜ୍ଞ, ତାଲିମପ୍ରାପ୍ତ କ୍ଷେତ୍ର ସର୍ବେକ୍ଷକମାନଙ୍କ ଦ୍ୱାରା ଷଷ୍ଠତମ ଜଳସେଚିତ ସର୍ଭେ କାର୍ଯ୍ୟ କରାନ୍ତୁ ବୋଲି କ୍ରାନ୍ତି ଓଡ଼ିଶା ସରକାରଙ୍କଠାରେ ଦୃଢ଼ ଦାବି ଜଣାଇଛି ।

ଭାରତୀ ଆକ୍ସା ପକ୍ଷରୁ ଏୟାରଟେଲ୍ ସହବନ୍ଧିତାରେ ଶସ୍ତା ପ୍ରିପେଡ୍ ବଣ୍ଡଲର ଶୁଭାରମ୍ଭ

ଭୁବନେଶ୍ୱର : ବିଲ୍ଟ-ଇନ୍ ଲାଇଫ୍ ଇନ୍ସ୍ୟୁରାନ୍ସ କଭର ସହ ସ୍ୱତନ୍ତ୍ର ପ୍ରିପେଡ୍ ବଣ୍ଡଲ୍‌ର ସଫଳ ଶୁଭାରମ୍ଭ ପରେ ଭାରତୀ ଏୟାରଟେଲ୍ ପକ୍ଷରୁ ଆଜି ୨ ଲକ୍ଷ ଟଙ୍କାର ବିଲ୍ଟ-ଇନ୍ ଲାଇଫ୍ ଇନ୍ସ୍ୟୁରାନ୍ସ କଭର୍ ସହ ଏହାର ସବୁଠାରୁ ଶସ୍ତା ପ୍ରିପେଡ୍ ବଣ୍ଡଲ୍ ଶୁଭାରମ୍ଭ କରାଯାଇଛି। ମାତ୍ର ୧୭୯ ଟଙ୍କାର ଏୟାରଟେଲ୍‌ର ଏହି ନୂଆ ପ୍ରିପେଡ୍ ପ୍ୟାକ୍‌ରେ ଯେକୌଣସି ନେଟ୍‌ୱାର୍କକୁ ଅନ୍‌ଲିମିଟେଡ୍ କଲିଙ୍ଗ୍, ୨ଜିବି ଡାଟା, ୩୦୦ ଏସ୍‌ଏମ୍‌ଏସ୍ ସହ ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ୨ ଲକ୍ଷ ଟଙ୍କାର ଏକ ଟର୍ମ ଲାଇଫ୍ କଭର୍ ଭଳି ଅଫର୍ ରହିଛି। ଏହି ପ୍ୟାକ୍‌ର ବୈଧତା ୨୮ ଦିନ ପାଇଁ ରହିଛି। ମାସକୁ ମାତ୍ର ୧୭୯ ଟଙ୍କା ସହ ଏୟାରଟେଲ୍‌ର ନୂଆ ପ୍ରିପେଡ୍ ବଣ୍ଡଲ ବିଶ୍ୱସ୍ତରୀୟ ଦୂରସଂଚାର ସେବା ସହ ଜଡିତ ହୋଇ ଏକ ମୌଳିକ ବୀମା କଭର୍‌କୁ ଅଧିକ ସୁଲଭ ଓ ଶସ୍ତା କରିବା କ୍ଷେତ୍ରରେ ନୂଆ ବେଂଚ୍‌ମାର୍କ ସ୍ଥାପନ କରିଛି। ଏହି ପ୍ୟାକ୍‌କୁ ନୂଆ ସ୍ମାର୍ଟଫୋନ୍ ବ୍ୟବହାରକାରୀ ଏବଂ ଅର୍ଦ୍ଧ ସହରାଂଚଳ ଓ ଗ୍ରାମାଂଚଳ ବଜାରର ଉପଭୋକ୍ତାଙ୍କୁ ସେବା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ପ୍ରତ୍ୟେକ ସମୟରେ ନିଜ ଏୟାରଟେଲ୍ ମୋବାଇଲ ନମ୍ବରରୁ ରିଚାର୍ଜ କରିବା ସମୟରେ ଗ୍ରାହକଙ୍କୁ ନିଜର ତଥା ନିଜ ପରିବାରକୁ ଆର୍ଥିକ ରୂପେ ସୁରକ୍ଷିତ ରଖିବା ପାଇଁ ଏକ ସରଳ ଓ ଅତ୍ୟଧିକ ସୁବିଧାଜନକ ଚ୍ୟାନେଲ ଦେବ। ଏହି ପ୍ୟାକ୍ ମୋବାଇଲ ଅପରେଟର୍ ଓ ଆର୍ଥିକ ସେବା ପ୍ରଦାତାଙ୍କ ଲକ୍ଷ ଲକ୍ଷ ଭାରତୀୟଙ୍କ ଆର୍ଥିକ ସୁରକ୍ଷା ଆବଶ୍ୟକତାକୁ ପୂରା କରିବା ପାଇଁ ସହଯୋଗ ଓ ଉଦ୍ଭାବନ କରିବାର ସୁଯୋଗ ପ୍ରଦାନ କରିବ। ଏହି ସହଭାଗିତା ଭାରତ ସରକାରଙ୍କ ଆର୍ଥିକ ସମାବେଶ ଲକ୍ଷ୍ୟରେ ମଧ୍ୟ ଯୋଗଦାନ ଦେବ। ଭାରତୀ ଏୟାରଟେଲ୍‌ର ମୁଖ୍ୟ ବିପଣନ ଅଧିକାରୀ ସାଶ୍ୱତ ଶର୍ମା କହିଥିଲେ, ବିଲ୍ଟ-ଇନ୍ ଟର୍ମ ଇନ୍ସ୍ୟୁରାନ୍ସ ପ୍ଲାନ୍ ସହ ଆମର ସ୍ୱତନ୍ତ୍ର ପ୍ରିପେଡ୍ ବଣ୍ଡଲ ଗ୍ରାହକଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ହାସଲ କରିବା ସହ ଏହା ଆମକୁ ମଧ୍ୟ ଲୋକମାନଙ୍କ ନିକଟରେ ଏହି ସମାଧାନ ପହଂଚାଇବା ପାଇଁ ପ୍ରୋତ୍ସାହିତ କରିଛି। ଏହି ସହଭାଗିତା ଉପରେ ମତବ୍ୟକ୍ତ କରି ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ବିକାଶ ସେଠ୍ କହିଥିଲେ, ଆମେ ଭାରତୀ ଏୟାରଟେଲ୍ ସହ ସହଭାଗିତା କରି ଓ ଏହାର ଗ୍ରାହକଙ୍କୁ ସୁରକ୍ଷା କଭର୍ ପ୍ରଦାନ କରି ଖୁବ୍ ଖୁସି ଅନୁଭବ କରୁଛୁ। ଆମର ସହଭାଗିତା ଏୟାରଟେଲ୍‌ର ପ୍ରତ୍ୟେକ ଗ୍ରାହକଙ୍କୁ ପ୍ରତିଟି ରିଚାର୍ଜ ଉପରେ ଜୀବନ ବୀମା କଭର ସୁନିଶ୍ଚିତ କରିବ ଏବଂ ଏହାର ଲାଭ ଉଠାଇବାରେ ସେମାନଙ୍କୁ ସହଯୋଗ କରିବ।

ଖୋର୍ଦ୍ଧାରୋଡ଼ ଡିଭିଜନକୁ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ କରିବାକୁ ରେଳମନ୍ତ୍ରୀଙ୍କୁ ପତ୍ର : ସମାଜବାଦୀ ପାର୍ଟି

ଭୁବନେଶ୍ୱର : ୨୦୧୭ ମସିହା ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଖୋର୍ଦ୍ଧା ରେଳ ଜଙ୍କସନ୍‌ର ନାମ ବକ୍ସିଙ୍କ ନାମରେ ନାମିତ କରିବାକୁ ସମାଜବାଦୀ ପାର୍ଟି ଦାବି କରିଥିଲା । ଏହା ଆଜିପର୍ଯ୍ୟନ୍ତ ହୋଇପାରିନାହିଁ । ଗତକାଲି ରେଳ ମନ୍ତ୍ରଣାଳୟ 'ଉତ୍ତର ପ୍ରଦେଶ'ର ମୋଗଲସରାଇ ରେଳ ଡିଭିଜନର ନାମକୁ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ନାମରେ ନାମିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ରେଳ ଡିଭିଜନକୁ 'ବକ୍ସି ଜଗବନ୍ଧୁ'ଙ୍କ ନାମରେ ନାମିତ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଦାବି କରି ରେଳମନ୍ତ୍ରୀ ଶ୍ରୀଯୁକ୍ତ ପିୟୁଷ ଗୋୟଲଙ୍କୁ ଏକ ପତ୍ର ଲେଖିଚନ୍ତି । ଏହାବ୍ୟତୀତ ଖୋର୍ଦ୍ଧା ସହର ରେଳ ଷ୍ଟେସନ୍‌କୁ ତାପଙ୍ଗ ଦଳ ବେହେରା ଓ ନୟାଗନ ରେଳ ଷ୍ଟେସନଖୁ ଶୁକ୍ର ବେହେରାଙ୍କ ନାମରେ ନାମିତ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ଏହା ଏକ ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ଆସନ୍ତା ୨୪ ତାରିଖ ଦିନ ପାଇକ ବିଦ୍ରୋହର ନେତା ବକ୍ସି ଜଗବନ୍ଧୁଙ୍କର ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଯେଉଁ ପାଇକ ସମାବେଶ ଅନୁଷ୍ଠିତ ହେବାକୁ ଯାଉଛି ସେହି ସମାବେଶରେ ଖୋର୍ଦ୍ଧା ରୋଡ ଡିଭିଜନକୁ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ କରି କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ପାଇକମାନେ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ବେହେରା ସେମାନଙ୍କୁ ନିବେଦନ କରିଛନ୍ତି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray